

ଜୁରେଲ୍ ଭାରତର ଏକ ରତ୍ନ

▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-243 ◆BHUBANESWAR ◆TUESDAY ◆27 FEBRUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୭ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦





ସକାଳ



DSPL-730

## ଶୁଭ ଉଦ୍‌ଘାଟନ



ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡ଼ିୟମ, ପୁରୀ



ବ୍ରହ୍ମପୁର ସ୍ପୋର୍ଟସ କମ୍ପ୍ଲେକ୍ସ, ବ୍ରହ୍ମପୁର



କ୍ରୀଡ଼ା କମ୍ପ୍ଲେକ୍ସ
ଯାଜପୁର



ଓସିଏ ର ୪୨ଟି
କ୍ରିକେଟ୍ ଏକାଡେମୀ



ମହିଳା କ୍ରିକେଟ ଏକାଡେମୀ
ପୁରୀ



କ୍ରିକେଟ୍ ଗ୍ରାଉଣ୍ଡ
ଝାରସୁଗୁଡ଼ା



ଭାରୋତ୍ତୋଳନ ଏକାଡେମୀ
ଗଞ୍ଜାମ



ହକି ପ୍ରଶିକ୍ଷଣ କେନ୍ଦ୍ର
ଯାଜପୁର

## ଭିତ୍ତିପ୍ରସ୍ତର ସ୍ଥାପନ



ଭିଏସ୍‌ଏସ୍ କ୍ରିକେଟ୍ ଷ୍ଟାଡିୟମ, ସମ୍ବଲପୁରର ପୁନଃବିକାଶ



ସ୍ପୋର୍ଟସ କମ୍ପ୍ଲେକ୍ସ, ବରଗଡ଼



ସ୍ପୋର୍ଟସ କମ୍ପ୍ଲେକ୍ସ, ଢେଙ୍କାନାଳ



ସ୍ପୋର୍ଟସ ଏକାଡେମୀ, ଯାଜପୁର

OIPR-29001/13/0240/2324

# ଆଜି ୪ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା

■ **ଭୁବନେଶ୍ୱର, ୨୬।୨ (ସମିସ):** ମଙ୍ଗଳବାର ରାଜ୍ୟର ୪ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହିତ ହାଲୁକା ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି। ଏହି ଜିଲ୍ଲାଗୁଡ଼ିକ ବ୍ୟତୀତ ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଆଦି ଜିଲ୍ଲାର କିଛି ସ୍ଥାନରେ ମଧ୍ୟ ସ୍ୱଳ୍ପ ବର୍ଷା ନେଇ ପାଣିପାଗ କେନ୍ଦ୍ର କହିଛି। ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ତ୍ତମାନ କୋହଲା ପାଗ ସହ କିଛି କିଛି ସ୍ଥାନରେ ବର୍ଷା ହେଉଛି। ଏଥିପାଇଁ ଅନେକ ସ୍ଥାନରେ ତାପମାତ୍ରା ତଳ ମୁହାଁ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ସ୍ଥିତି ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବା କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ଆଶଙ୍କା ରହିଛି।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-243 ◆BHUBANESWAR ◆TUESDAY ◆27 FEBRUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୭ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦


## ଆଜି ୩ ରାଜ୍ୟର ୧୫ ରାଜ୍ୟସଭା ଆସନରେ ଭୋଟ

■ **ନୂଆଦିଲ୍ଲୀ, ୨୬।୨ (ଏଜେନ୍ସି):** ଖାଲି ପଡ଼ିଥିବା ରାଜ୍ୟସଭାର ମୋଟ ୫୬ ଆସନ ମଧ୍ୟରୁ ୪୧ଟି ଆସନରେ ପ୍ରାର୍ଥୀମାନେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇସାରିଛନ୍ତି। କଂଗ୍ରେସର ସୋନିଆ ଗାନ୍ଧୀଙ୍କ ସମେତ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ଅନ୍ୟ ବହୁ ପ୍ରମୁଖ ନେତା ନିର୍ଦ୍ୱନ୍ଦ୍ୱରେ ରଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଏବେ ଅବଶିଷ୍ଟ ୧୫ ଆସନ ପାଇଁ ଆସନ୍ତାକାଲି ମତଦାନ କରାଯିବ। ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ ଏବଂ କର୍ଣ୍ଣାଟକ ଆଦି ତିନି ରାଜ୍ୟରେ ଏହି ୧୫ ଆସନ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ଉତ୍ତରପ୍ରଦେଶରେ ବିଜେପି ଏବଂ ସମାଜବାଦୀ ପାର୍ଟି ମଧ୍ୟରେ କଡ଼ା ଟକ୍କର ହେବ ବୋଲି କୁହାଯାଉଛି। ପ୍ରକୃତରେ ଉତ୍ତରପ୍ରଦେଶର ୧୦ ଆସନ ପାଇଁ ଏହି ଦୁଇ ଦଳ ନିକଟରେ ଯେତିକି ବିଧାୟକଙ୍କ ସଂଖ୍ୟା ରହିଛି, ତଦ୍ୱାରା ବିଜେପି ୭ ଏବଂ ସମାଜବାଦୀ ପାର୍ଟି ୩ ସାଂସଦଙ୍କୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ରାଜ୍ୟସଭାକୁ ପଠାଇ ପାରିଥାଆନ୍ତେ। ଉତ୍ତରପ୍ରଦେଶ ବିଧାନସଭାର ମୋଟ ବିଧାୟକଙ୍କ ସଂଖ୍ୟା ୪୦୩ ରହିଥିବା ବେଳେ ବିଜେପି ନିକଟରେ ୨୫୨ ଏବଂ ସମାଜବାଦୀ ପାର୍ଟି ବିଧାୟକଙ୍କ ସଂଖ୍ୟା ୧୦୮ ରହିଛି। ହେଲେ ବିଜେପି ପକ୍ଷରୁ ସଞ୍ଜୟ ସେଠଙ୍କୁ ଛିଡ଼ା କରାଯାଇଥିବାରୁ ଏହି ଦୁଇ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଇଛି।




## ପରଲୋକରେ ଗଜଲ କିମ୍ବଦନ୍ତୀ ପଙ୍କଜ ଉଦାସ

■ **ମୁମ୍ବାଇ, ୨୬।୨ (ଏଜେନ୍ସି):** ଗଜଲ କିମ୍ବଦନ୍ତୀ ପଙ୍କଜ ଉଦାସଙ୍କ ପରଲୋକ ଘଟିଛି। ମୁମ୍ବାଇର ଏକ ଡାକ୍ତରଖାନାରେ ସୋମବାର ସକାଳ ୧୧ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘ ଦିନ ଧରି ରୋଗଶଯ୍ୟାରେ ଥାଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଗଜଲ ପରିବେଷଣ, ପ୍ଲେବ୍ୟାକ୍ ସିଙ୍ଗର ଓ ମ୍ୟୁଜିକ୍ କମ୍ପୋଜର ଭାବେ ସେ ବହୁବାର ପୁରସ୍କୃତ ହୋଇଛନ୍ତି। ତାଙ୍କର ୫୦ରୁ ଅଧିକ ଆଲବମ୍ ରହିଛି। ୨୦୦୬ରେ ପଙ୍କଜଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଥିଲା। ତାଙ୍କ ଗୀତ ଚିଠି ଆୟୀ ହୈ, ଚାନ୍ଦି ଜୈସା ରଙ୍ଗ ହେ ତେରା, ସୋନେ ଯୈସେ ବାଲ୍, ୟେ ମେରେ ବତନ କି ଲୋଗୋଁ ଆଜି ବି ଶ୍ରୋତାଙ୍କୁ ବିମୋହିତ କରୁଛି। ୧୯୫୧ ମଇ ୧୭ରେ ଗୁଜରାଟର ଜେଟପୁରରେ ଜନ୍ମିତ ପଙ୍କଜ ଉଦାସ ୧୯୮୨ର ଫରିଦା ନାମ୍ନୀ ଜଣେ ମୁସଲିମ କନ୍ୟାଙ୍କୁ ବିବାହ କରିଥିଲେ। ତାଙ୍କର ବର୍ତ୍ତମାନ ନାୟାବ ଓ ରିଭା ନାମରେ ଦୁଇ ଝିଅ ଅଛନ୍ତି। ପଙ୍କଜ ଉଦାସଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସୋନୁ ନିଗମ, ମାଧୁରୀ ଦୀକ୍ଷିତ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।



# ‘ନୂଆ-ଓ’ ଛାତ୍ରବୃତ୍ତି ବଣ୍ଟନ ଶୁଭାରମ୍ଭ

## ପ୍ରଥମ ଦିନ ୨୮ ୧୧୨ ଛାତ୍ରଛାତ୍ରୀଙ୍କୁ ୨୮ କୋଟି ବୃତ୍ତି ରାଶି



■ **ଭୁବନେଶ୍ୱର/ ସମ୍ବଲପୁର/ଅନୁଗୋଳ, ୨୬।୨ (ସମିସ):** ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ‘ନୂଆ-ଓ’ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ‘୫-ଟି’ ତଥା ‘ନବୀନ ଓଡ଼ିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାର ମୋଟ୍ ୫୭ଟି କଲେଜର ୨୮,୧୧୨ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରିଛନ୍ତି। ଏହାସହ ଛାତ୍ରଛାତ୍ରୀଙ୍କ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ନୂତନ ଭାବରେ ‘ନବୀନ ଓଡ଼ିଶା ମ୍ୟାଜିକ୍ କାଡର୍’ ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ପ୍ରଥମ ଦିନରେ ସମ୍ବଲପୁର ଜିଲ୍ଲାର ୨୧ଟି କଲେଜରୁ ୧୩୪୨୩ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି। ଅନୁରୂପ ଭାବରେ ଦେବଗଡ଼ର ୧୧ଟି କଲେଜରୁ ୩୪୨୪ ଜଣ ଓ ଅନୁଗୋଳ ଜିଲ୍ଲାର ୨୫ଟି କଲେଜରୁ ୧୧୨୬୫ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି। ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ପହଞ୍ଚାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ କାମନା କରିଛନ୍ତି।

ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ୨୦୨୪-୩୪ ଦଶକ ଯୁବପିଢ଼ିଙ୍କ ଯୁଗ ହେବ। ସେମାନଙ୍କୁ ସଶକ୍ତିକରଣ ଓ ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସରକାର କ୍ଷମତା ପ୍ରଦାନ କରିବେ। ରାଜ୍ୟରେ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତିକରଣ କରିବା ପରି ଆସନ୍ତା ୧୦ ବର୍ଷ ମଧ୍ୟରେ ଯୁବକମାନଙ୍କ ଯୋଗଦାନ, ସଶକ୍ତିକରଣ ଏବଂ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ ହେବ। ସାରା ରାଜ୍ୟରେ କଲେଜ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏହି ପରିପ୍ରେକ୍ଷୀରେ, ଗତ ବର୍ଷ ଆରମ୍ଭ ହୋଇଥିବା ନୂଆ-ଓ କାର୍ଯ୍ୟକ୍ରମର ବଡ଼ ସଫଳତା ଭାବେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସେ କହିଛନ୍ତି। ଛାତ୍ରବୃତ୍ତି ପ୍ରଦାନ ଆଦେଶ ପରେପରେ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ▶ପୃଷ୍ଠା-୧୦

## ଦୁଃଖ ହରିଲେ ଦରଦୀ ନବୀନ

### କୃତଜ୍ଞତାର ଲୁହରେ ଛାତ୍ରଛାତ୍ରୀଙ୍କ ଆଖି ଛଳଛଳ

■ **ଭୁବନେଶ୍ୱର, ୨୬।୨ (ସମିସ):** କଲେଜରେ ନାମ ଲେଖା ହୋଇଥିଲା ସିନା; ମାତ୍ର ବାପା ଓ ପରିବାରର ଆର୍ଥିକ ସ୍ଥିତି ପାଠ ପଢ଼ିବା ପାଇଁ ଅନୁକୂଳ ନ ଥିଲା। କଲେଜରେ ଗଡ଼ୁଥିଲା ନାଁ, ମାତ୍ର ଦିନ କଟୁଥିଲା ପରିବାର ପ୍ରତିପୋଷଣ ପାଇଁ ବିଭିନ୍ନ କାମରେ। ଅନେକ ମେଧାବୀ ଛାତ୍ରଛାତ୍ରୀ ନିଜ ପାଠପଢ଼ା ଖର୍ଚ୍ଚ ତୁଲାଇବାକୁ କେଉଁଠି ମଜୁରୀ ଲାଗୁଥିଲେ ତ କେଉଁଠି ଦୋକାନରେ ସେଲ୍ସ ମ୍ୟାନ ଭାବରେ କାମ କରୁଥିଲେ। ଝିଅମାନେ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହେଉଥିଲେ। କଲେଜ ଯିବା ନିମନ୍ତେ ସମସ୍ୟା, ପାଠପଢ଼ା ଖର୍ଚ୍ଚ, ହଷ୍ଟେଲ ବା ମେସ୍ ଖର୍ଚ୍ଚର ବୋଝ ତୁଲାଇବାକୁ ବି ସେମାନଙ୍କ ପାଖରେ ଅର୍ଥର ଅଭାବ ଥିଲା। ବାପା ଓ ପରିବାରର ଲୋକମାନେ ସେମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବାକୁ ଅନେକ ସମୟରେ ଜମି ଓ ଗହଣା ବନ୍ଧା ଦେଉଥିଲେ। ଫଳରେ ଅନେକ ଛାତ୍ରଛାତ୍ରୀ କଲେଜରେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ ଓ କିଛି ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡ଼ୁଥିଲେ। ମାତ୍ର ଉଚ୍ଚଶିକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃତ୍ତି ବ୍ୟବସ୍ଥା କରିବା ପରେ ବିଭିନ୍ନ ସ୍ଥାନରେ ଭାବବିହ୍ୱଳ ହୋଇଛନ୍ତି ଛାତ୍ରଛାତ୍ରୀ। ସମ୍ବଲପୁର, ଅନୁଗୋଳ ଓ ଦେବଗଡ଼ରେ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କୁ ‘ନୂଆ-ଓ’ ବୃତ୍ତି ପ୍ରଦାନ କରିବା ସମୟରେ ଅନେକ ଛାତ୍ରଛାତ୍ରୀ ଆନନ୍ଦରେ କାନ୍ଦି ପକାଇଥିବା ଦେଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତାର ଲୁହରେ ସେମାନଙ୍କ ଆଖି ଲୋତକାପ୍ଲୁତ ହୋଇ ଯାଇଛି। ଏହି ଅର୍ଥ କେବଳ ସେମାନଙ୍କ ଶିକ୍ଷା ଓ ଭବିଷ୍ୟତ ପାଇଁ ନୁହେଁ, ତାଙ୍କ ପରିବାର ପାଇଁ ବି ବଡ଼ ସାହାଯ୍ୟ ବୋଲି ଅଧିକାଂଶ ଛାତ୍ରଛାତ୍ରୀ ମତବ୍ୟକ୍ତ କରିଛନ୍ତି।

## ଛାତ୍ରଛାତ୍ରୀଙ୍କୁ ମିଳିବ ‘ମ୍ୟାଜିକ୍ କାର୍ଡ’

■ **ସମ୍ବଲପୁର/ ଅନୁଗୋଳ ୨୬।୨ (ସମିସ):** ରାଜ୍ୟର ଛାତ୍ରଛାତ୍ରୀଙ୍କୁ ମିଳିବ ‘ନବୀନ ଓଡ଼ିଶା ମ୍ୟାଜିକ୍ କାଡର୍’। ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ। ଯାହା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ। ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ। ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ। ଏହି କାର୍ଡରେ ଥିବା ପଏଣ୍ଟ ସିଷ୍ଟମରେ ବିଭିନ୍ନ କାର୍ଯ୍ୟକଳାପକୁ ସାମିଲ କରିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କଠାରୁ ସରକାର ମତାମତ ସଂଗ୍ରହ କରିବେ। ସଂପୂର୍ଣ୍ଣ ଟେକ୍ନୋଲୋଜି ଦ୍ୱାରା କାର୍ଡ ପରିଚାଳିତ ହେବ। ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଏହି କାର୍ଡ ଆବେଦନ କରିବା ପାଇଁ ପଞ୍ଜୀକରଣ ପୋର୍ଟାଲ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହେବ ଓ ଅଗଷ୍ଟ ୧୫ ଅର୍ଥାତ ସ୍ୱାଧିନତା ଦିବସରେ ଏହାକୁ ବଣ୍ଟନ କରାଯିବ ବୋଲି ଘୋଷଣା କରିଛନ୍ତି ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଏହି କାର୍ଡ ଛାତ୍ରଛାତ୍ରୀଙ୍କ ପାଇଁ ‘ସମୃଦ୍ଧିର ପାସପୋର୍ଟ’ ହେବ। ଛାତ୍ରଛାତ୍ରୀ ପାଇଥିବା କାର୍ଡଗୁଡ଼ିକୁ ସେମାନଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ

**ମାର୍ଚ୍ଚ ୫ ତାରିଖରୁ ମ୍ୟାଜିକ କାର୍ଡ ପଞ୍ଜୀକରଣ, ଅଗଷ୍ଟ ୧୫ରେ ବଣ୍ଟନ**

**‘ସମୃଦ୍ଧିର ପାସପୋର୍ଟ’ ହେବ ‘ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ’**

ପାରାମିଟର ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ କାର୍ଡଗୁଡ଼ିକୁ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ୍ ସ୍ତରରେ ବିଭକ୍ତିକୃତ କରାଯିବ। ଛାତ୍ରଛାତ୍ରୀଙ୍କ ଶ୍ରେଣୀରେ ଉପସ୍ଥାନ, ଅନୁଶାସନ, ଶୈକ୍ଷିକ ପ୍ରଦର୍ଶନ, ଏକ୍ସଟ୍ରା କରିକ୍ୟୁଲାର ଆକ୍ଟିଭିଟି, କ୍ରୀଡ଼ା, ଅନଲାଇନ୍ ପାଠ୍ୟକ୍ରମ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଆଦିରେ ଛାତ୍ରଙ୍କ ଦକ୍ଷତା ନେଇ ଏହି କାର୍ଡ ବଣ୍ଟନ ଓ ନବୀକରଣ କରାଯିବ। ଛାତ୍ରଛାତ୍ରୀମାନେ ଏହି ▶ପୃଷ୍ଠା-୧୦

## ଦୁର୍ଘଟଣାରେ ୩ ମଞ୍ଚ ଅଭିନେତ୍ରୀଙ୍କ ମୃତ୍ୟୁ

■ **କେନ୍ଦ୍ରାପଡ଼ା, ୨୬।୨ (ସମିସ):** ନାଟ୍ୟ ମଞ୍ଚକୁ ଉଠିବା ପୂର୍ବରୁ ଜୀବନ ମଞ୍ଚରୁ ଖସି ପଡ଼ିଲେ। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ହଳଦୀଡିହ ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ୩ କଳାକାରଙ୍କ ଜୀବନ ନେଇଛି। ସମସ୍ତ ମୃତକ ମହିଳା। ସେମାନେ ହେଲେ, କଟକ ଜିଲ୍ଲା ବୟାଳିଶ ମୌଜା ସବଳପୁର ଗ୍ରାମର ଶୁକଦେବ ରାଉତଙ୍କ ଝିଅ ରାଜଲକ୍ଷ୍ମୀ ରାଉତ(୨୫), ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ସାହାବାଜପୁର ଗ୍ରାମର ସୁଶାନ୍ତ ପରମାଣିକଙ୍କ ଝିଅ ଜ୍ୟୋତ୍ସ୍ନାରାଣୀ ପରମାଣିକ(୨୦) ଓ ଭଦ୍ରକ ଜିଲ୍ଲା ସବରାଙ୍ଗ ଥାନାର ସାହାଡ଼ା ଗ୍ରାମର ଗୋକୁଳାନନ୍ଦ ଦାସଙ୍କ ଝିଅ ବେବିରାଣୀ ଦାସ (୩୨)। ସେହିପରି ଏହି ଅଘଟଣରେ ୪ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଗାଡ଼ି ଚାଳକଙ୍କୁ ମିଶାଇ ଏହି ୭ ଜଣ ଆଜି ଏକ ବଲେରୋରେ ଯାଉଥିବା ବେଳେ ହଳଦୀଡିହ ଛକ ନିକଟରେ ଥିବା ଏକ ୟୁକାଲିପଟାସ୍ ଗଛରେ ଧକ୍କା ହୋଇଯିବାରୁ ଏହି ଅଘଟଣ ଘଟିଛି। ଏହି ଦୁଃଖଦ ଘଟଣା ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।



**ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ୪ କଳାକାର**

କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁଯାୟୀ, ଆଗାମୀ ଦିନରେ ହେବାକୁ ଥିବା ଏକ ନାଟକରେ ଅଭିନୟ କରିବା ପାଇଁ କଳାକାରମାନେ ରିହର୍ସାଲ କରି ବଲେରୋରେ ଫେରୁଥିଲେ। ଉଭୟ କଳାକାର ଓ ▶ପୃଷ୍ଠା-୧୦

### ରାଜ୍ୟରେ ବଢ଼ିଲା ମହାବଳଙ୍କ ସଂଖ୍ୟା

## ୩୦ ମହାବଳ, ୮ ଛୁଆ

■ **ଭୁବନେଶ୍ୱର, ୨୬।୨ (ସମିସ):** ରାଜ୍ୟରେ ବଢ଼ିଲା ମହାବଳ ବାଘଙ୍କ ସଂଖ୍ୟା। ରାଜ୍ୟର ବିଭିନ୍ନ ଜଙ୍ଗଲରେ ମୋଟ ୩୦ଟି ମହାବଳ ବାଘ ଥିବା ବେଳେ ୮ଟି ମହାବଳ ବାଘ ଛୁଆ (୧ବର୍ଷରୁ କମ୍) ରହୁଛନ୍ତି। ଏଥିମଧ୍ୟରେ କେବଳ ଶିମିଳିପାଳ ଅଭୟାରଣ୍ୟରେ ୨୭ଟି ମହାବଳ ରହୁଥିବା ବେଳେ ସମସ୍ତ ୮ଟି ବାଘ ଛୁଆ ଏଠାରେ ରହୁଛନ୍ତି। ଏମାନଙ୍କ ମଧ୍ୟରେ ୧୪ଟି ଅଣ୍ଡିରା, ୧୩ଟି ମାଇ ବାଘ ଥିବା ବେଳେ ୩ଟିର ଲିଙ୍ଗ ନିରୂପଣ ହୋଇପାରିନାହିଁ। ଶିମିଳିପାଳରେ ଥିବା ଏହି ୨୭ ମହାବଳ ମଧ୍ୟରେ ୧୩ଟି ବିରଳ କଳାବାଘ ଓ ୧୪ଟି ସାଧାରଣ ମହାବଳ ▶ପୃଷ୍ଠା-୧୦



**୧୩ କଳାବାଘ ସହ ଶିମିଳିପାଳରେ ସର୍ବାଧିକ ୨୭ ମହାବଳ**

**୩୦ବାଘଙ୍କ ମଧ୍ୟରେ ଅଛନ୍ତି ୧୪ ଅଣ୍ଡିରା ୧୩ ମାଇ**

**ଗଣନା ପାଇଁ ୪୭ ବନ ଖଣ୍ଡରେ ଲାଗିଥିଲା ୧୪୩୨ କ୍ୟାମେରା**

## ୨୮ରେ ଓଡ଼ିଶା ଆସୁଛନ୍ତି ବିଲ୍ ଗେଟ୍ସ

■ **ଭୁବନେଶ୍ୱର, ୨୬।୨ (ସମିସ):** ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଆସନ୍ତା ୨୮ରେ ଓଡ଼ିଶା ଆସିବେ। ବିଲ୍ ଗେଟ୍ସ ଏହି ଗସ୍ତରେ ଭୁବନେଶ୍ୱରରେ ଥିବା କୃଷି ଭବନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ‘ବିଲ୍ ଆଣ୍ଡ ମେଲିନ୍ଦା ଗେଟ୍ସ ଫାଉଣ୍ଡେସନ୍’ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ସହଯୋଗୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଂଗଠନ ବିଲ୍ ଗେଟ୍ସ ଓ ତାଙ୍କ ପୂର୍ବତନ ପତ୍ନୀ ମେଲିନ୍ଦାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି। ▶ପୃଷ୍ଠା-୧୦

**‘ବିଲ୍ ଆଣ୍ଡ ମେଲିନ୍ଦା ଗେଟ୍ସ ଫାଉଣ୍ଡେସନ୍’ କାର୍ଯ୍ୟର କରିବେ ସମୀକ୍ଷା**

**କୃଷି ସମୀକ୍ଷା କେନ୍ଦ୍ର ପରିଚାଳନାରେ ବୈଷୟିକ ସହାୟତା ଦେଉଛି ସଂସ୍ଥା**








## ଲୋକକଥା



ଧନୀ ଗରିବରେ ତାରତମ୍ୟ ଏତେ
ସର୍ଭେ ରିପୋର୍ଟ ଯା’ କହୁଚି,
ଗରିବ ବିଚରା ଗୁଜୁରାଣ ପାଇଁ
କେତେ ହରକତ ହଉଚି !
ଧନୀର କି ଅବା ଯାଉଚି,
ଗଣତାନ୍ତ୍ରିକ ସାମ୍ୟବାଦର
ଧଜିଆ କେମିତି ଉଡୁଚି !!

### ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଜିଲ୍ଲା ସାମିଲ

## ୬୭ ‘ଆମ ହସ୍ପିଟାଲ’ ଲୋକାର୍ପିତ

■ **ଭୁବନେଶ୍ୱର, ୨୬।୨ (ସମିସ):** ପ୍ରତିଟି ଜୀବନ ମୂଲ୍ୟବାନ ନୀତି ଆଧାରରେ ରାଜ୍ୟ ସରକାର ନିଜର ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ସଞ୍ଚାଳିତ କରି ଆସୁଛନ୍ତି। ବିନା ମୂଲ୍ୟରେ ସାଧାରଣ ଲୋକେ ଯେପରି ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ପଦକ୍ଷେପ ନେଇ ଆସୁଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ସୋମବାର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୧୫ଟି ଜିଲ୍ଲାରେ ୬୭ଟି ‘ଆମ ହସ୍ପିଟାଲ’ ଲୋକାର୍ପଣ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ଡାଏଲିସିସ୍ ସେଣ୍ଟର, ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଓ ଝାରସୁଗୁଡ଼ାରେ ବିଏମ୍‌ଆରସି କାର୍ଡିଆକ୍ କେୟାର ହସ୍ପିଟାଲ ଉଦ୍‌ଘାଟନ କରିବା ସହ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଉପ-ଜିଲ୍ଲା ଡାକ୍ତରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ‘ଆମ ହସ୍ପିଟାଲ’ରେ ରୋଗୀଙ୍କୁ ଉନ୍ନତ ଚିକିତ୍ସା ସୁବିଧା ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ‘ଆମ ହସ୍ପିଟାଲ’ଗୁଡ଼ିକ ଏକ ନୂଆ ଯୁଗ ▶ପୃଷ୍ଠା-୧୦



“ ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ବିରାଟ ପରିବର୍ତ୍ତନ ଆଣିବ: ମୁଖ୍ୟମନ୍ତ୍ରୀ

- ଦୁଇ ପର୍ଯ୍ୟାୟରେ ୧୪୦ ଆମ ହସ୍ପିଟାଲ, ୭୦୦କୋଟି ଖର୍ଚ୍ଚ
- ୫ ବର୍ଷରେ ୧୮ ୫୮ଟି ଡାକ୍ତରଖାନା ହେବ ‘ଆମ ହସ୍ପିଟାଲ’
- ବେଗୁନିଆ ଉପ-ଜିଲ୍ଲା ଡାକ୍ତରଖାନାର ଭିତ୍ତିପ୍ରସ୍ତର ସ୍ଥାପିତ
- ‘୫-ଟି’ ଅଧ୍ୟକ୍ଷଙ୍କୁ ମିଳିଥିବା ପ୍ରସ୍ତାବ ଭିତ୍ତିରେ କାର୍ଯ୍ୟାନ୍ୱୟନ
- ନିଜ ସଂପତ୍ତି ଭଳି ରକ୍ଷଣାବେକ୍ଷଣ କରନ୍ତୁ: ‘୫-ଟି’ ଅଧ୍ୟକ୍ଷ

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦


### ଜନବିରୋଧୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଆପଣେଇ ହରଡ଼ଘଣାରେ ରାଜ୍ୟ ବିଜେପି

# ବ୍ରହ୍ମପୁର ମହାନଗର ନିଗମର ୪ ବିଜେପି କର୍ପୋରେଟର ବିଜେଡିରେ ସାମିଲ



**ଭୁବନେଶ୍ୱର,୨୬ ।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଏବଂ ସୁଶାସନରେ ଅନୁପ୍ରାଣିତ ହୋଇ ବିଭିନ୍ନ କ୍ଷେତ୍ରର ବହୁ ବ୍ୟକ୍ତିବିଶେଷ ବିଜୁ ଜନତା ଦଳରେ ଯୋଗ ଦେଉଛନ୍ତି। ଏହିକ୍ରମରେ ବ୍ରହ୍ମପୁର ମହାନଗର ନିଗମର ୪ ବିଜେପି କର୍ପୋରେଟର ଆଜି ଶଙ୍ଖଭବନଠାରେ ବିଜେଡିରେ ଯୋଗ ଦେଇଛନ୍ତି। ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀର ବିଜେଡ଼ି ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ସାଂସଦ ଡକ୍ଟର ସସ୍ମିତ ପାତ୍ର, ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଉପସ୍ଥିତିରେ ସେମାନେ ଦଳରେ ଯୋଗ ଦେଇଛନ୍ତି। ସାମିଲ୍ ହୋଇଥିବା ୪ ବିଜେପି କର୍ପୋରେଟରଙ୍କୁ ଶ୍ରୀ ମଙ୍ଗରାଜ ଓ ଡଃ ପାତ୍ର ଦଳକୁ ସ୍ୱାଗତ କରିଛନ୍ତି। ଏହି କର୍ପୋରେଟରଙ୍କ ଯୋଗଦାନ ଫଳରେ ବ୍ରହ୍ମପୁର ମହାନଗର ନିଗମ ଓ ଗଞ୍ଜାମ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ମଙ୍ଗରାଜ ଓ ଡଃ ପାତ୍ର କହିଛନ୍ତି।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପିର ୪ କର୍ପୋରେଟର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଦୀର୍ଘବର୍ଷ ହେଲା ଆମେ ବିଜେପି ଦଳ ପାଇଁ ଦିନରାତି କଠିନ ପରିଶ୍ରମ କରି ଆସୁଥିଲୁ। ମାତ୍ର ଯେଉଁ ଦଳ ପାଇଁ ବହୁ କଷ୍ଟ କରିଥିଲୁ ସେ ଦଳ ଆମକୁ ଅଣଦେଖା କଲା। ଗଞ୍ଜାମ ଜିଲ୍ଲାର ବହୁ ଗରିବ ଯୁବକ ଓ ଯୁବତୀଙ୍କଠାରୁ ଚାକିରି ନାଁରେ ଠକେଇ କରି ଗୋପାଳପୁର ବିଧାୟକ ଜେଲ୍ ଯାଇଥିଲେ। ଏପରି ଜନବିରୋଧୀ ନେତାଙ୍କୁ ବିଜେଡି ବହିଷ୍କାର କଲା ପରେ ବେସାହାରା ପ୍ରଦୀପଙ୍କୁ ବିଜେପି କୋଳେଇ ନେଇଛି। ଏହାକୁ ଆମେ ବିରୋଧ କରି ବିଜେପିରୁ ବାହାରିଯିବା ପାଇଁ ନିଷ୍ପତ୍ତି ନେଲୁ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ନୀତି ଆଦର୍ଶ ଓ ନୂଆ ଓଡ଼ିଶା ଗଠନ ଦିଗରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବ୍ରହ୍ମପୁର ମହାନଗର ନିଗମ ୨୦ନଂ ୱାର୍ଡ କର୍ପୋରେଟର ରଞ୍ଜିତା ବେହେରା, ୨୧ନଂ ୱାର୍ଡ କର୍ପୋରେଟର ଡି. କରୁଣାକର, ୨୨ନଂ ୱାର୍ଡ କର୍ପୋରେଟର ପ୍ରଦୀପ କୁମାର ଶତପଥୀ ଓ ୨୭ନଂ ୱାର୍ଡ କର୍ପୋରେଟର ନୀଳକଣ୍ଠ ସାହୁ ବିଜେଡିରେ ସାମିଲ୍ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବରୁ ଦଳରେ ଯୋଗ ଦେଇଥିବା ସ୍ୱାଧୀନ କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ନୃସିଂହ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଦୀପଙ୍କୁ ନେଇ ଗଞ୍ଜାମ ବିଜେପିରେ ବଢୁଛି ଅସନ୍ତୋଷ


DSPL-727

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର
ପ୍ରଥମ ସମାବର୍ତ୍ତନ ଉତ୍ସବ
ମଙ୍ଗଳବାର ଫେବୃଆରୀ ୨୭ ତାରିଖ, ୨୦୨୪
ସକାଳ ୧୧.୦୦ ସମୟରେ
ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

ଓଡ଼ିଶାର ମହାମହିମ ରାଜ୍ୟପାଳ
ଶ୍ରୀ ରଘୁବର ଦାସ
ଅଧ୍ୟକ୍ଷତା କରିବେ।

ମୁଖ୍ୟ ଅତିଥି
ଡ଼ଃ ବିନୟ କୁମାର ଦାସ
D.S. ଏବଂ ମହାନିର୍ଦ୍ଦେଶକ, ECS, DRDO, ବେଙ୍ଗାଲୁରୁ

ସମ୍ମାନୀତ ଅତିଥି
ଶ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ମାନ୍ୟବର ରାଜ୍ୟ ମନ୍ତ୍ରୀ,
ଗ୍ରାମୀଣ ବିକାଶ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା
ଶ୍ରୀମତୀ ଉଷା ପାଢୀ, IAS, ପ୍ରମୁଖ ଶାସନ ସଚିବ,
ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ
ଏବଂ ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

/outruniversity /outruniversity /outruniversity /outruniversity
Ghatikia, Kalinga Nagar, Bhubaneswar- 751003 Odisha, India www.outr.ac.in
OIPR-16005/13/0096/2324



DSPL-726

CHIEF MINISTER'S
SKILL DEVELOPMENT
FELLOWSHIP PROGRAM
Odisha
A first of its kind initiative to strengthen Decentralised Skilling in Odisha



Applications open for 2 year* paid fellowship programme for passionate individuals to contribute to the transformative journey of Skilled-In-Odisha at District level and gain grassroot insights.

If you are,
- An Indian Citizen aged between 21-30 years.
- Graduate in any stream (with atleast 50% min marks) with atleast 3 years of work experience
- Motivated and passionate to gain experience in skilling.

To know more and apply, please visit.
https://nua.skillodisha.gov.in/cmskillfellowship.php

Applications Open till
12.03.2024

Partners
TATA STRIVE Right Skills Bright Future | ISB

Skill Development & Technical Education Department, Government of Odisha
*conditions apply
OIPR-44011/13/0035/2324

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦

## ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ଯବାନ ସହିଦ

■ **ମାଲକାନଗିରି, ୨୬ ।୨ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ଆଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ସହିଦ ହୋଇଛନ୍ତି । ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ମିରତୁର ଥାନା ଅନ୍ତର୍ଗତ ବେଚପାଲ ନାଲ ନିକଟରେ ମାଓ ଦମନ ସର୍ଚ୍ଚ ଅପରେସେନ ପାଇଁ ସିଏଏଫର ଯବାନମାନେ ସର୍ଚ୍ଚ ଅପରେସନ କରି ଫେରୁଥିବା ବେଳେ ହଠାତ୍ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଖଞ୍ଜା ଯାଇଥିବା ଏକ ଆଇଡି ବୋମା ବିସ୍ଫୋରଣ ଘଟିଥିଲା । ଯେଉଁଥିରେ ସିଏଏଫର ଯବାନ ରାମ ଆଶିଷ ଯାଦବ ଘଟଣାସ୍ଥଳରେ ହିଁ ସହିଦ ହୋଇଥିଲେ । ଏହାପରେ ଅନ୍ୟ ସାଥୀ ଯବାନଙ୍କ ଦ୍ୱାରା ତାଙ୍କ ମରଶରୀର ଉଦ୍ଧାର କରାଯାଇଥିବା ବେଳେ ଅଧିକ ଯବାନ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଥିବା ନେଇ ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି ।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦

# ପୌର ପ୍ରଶାସନରେ ୮୯ ଜଣଙ୍କୁ ନୂଆ ନିଯୁକ୍ତି

**ଭୁବନେଶ୍ୱର, ୨୬।୨ (ସମିସ):** ରାଜ୍ୟ ପୌର ପ୍ରଶାସନରେ ୮୯ଜଣଙ୍କୁ ନିଯୁକ୍ତି ଦିଆଯାଇଛି। '୫-ଟି' ଅଧୀନରେ ଦକ୍ଷତା, ସ୍ୱଚ୍ଛତା ଏବଂ ଗୋଷ୍ଠୀ ଯୋଗଦାନକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଦକ୍ଷତା ବୃଦ୍ଧି ପାଇଁ ଏହି ୮୯ଜଣ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ୬୧ଜଣ ଅମିନ ଓ ୨୮ଜଣ ଅଡିଟର୍ ଅଛନ୍ତି। ବିଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଯୁବକଯୁବତୀମାନଙ୍କୁ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନିଯୁକ୍ତି ପର୍ବରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟରେ ସହରାଞ୍ଚଳ ରୂପାନ୍ତରୀକରଣ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ ସୂଚନା ପ୍ରଦାନ କରିଥିବା ବେଳେ ନବନିଯୁକ୍ତ ଅଧିକାରୀଙ୍କୁ ଦକ୍ଷତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ନବନିଯୁକ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଲୋକସେବାକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଓ କାରିଗରୀ କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ପ୍ରମୁଖ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସମ୍ପର୍କରେ ନବନିଯୁକ୍ତ ଯୁବକଯୁବତୀଙ୍କୁ ଉପଦେଶ ଦେଇଥିଲେ।







# ଛାତ୍ରଛାତ୍ରୀ ହେବେ ନୂଆ ଓଡ଼ିଶାର ବାର୍ତ୍ତାବହ

**ଭୁବନେଶ୍ୱର, ୨୬।୨ (ସମିସ):** ଛାତ୍ରଛାତ୍ରୀ ହେଉଛନ୍ତି 'ନୂଆ ଓଡ଼ିଶା, ନବୀନ ଓଡ଼ିଶା'ର ବାର୍ତ୍ତାବହ। ଏକ ସଶକ୍ତ, ପାରଙ୍ଗମ ଏବଂ ଦକ୍ଷ ଯୁବ ସମାଜ ହିଁ ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାର ଦକ୍ଷତା ରଖିଥାନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିରନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାପକ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଆସିଛନ୍ତି। ଅତି ଗରିବରୁ ଗରିବ ପିଲାଟିଏ ଯେପରି ନିଜର ସ୍ୱପ୍ନ ହାସଲ ଦିଗରେ ଯେପରି



ବାଧାବିଘ୍ନର ସମ୍ମୁଖୀନ ନ ହେବ, ତାହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରୁଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ପାଇଁ 'ନୂଆ-ଓ' ଛାତ୍ରବୃତ୍ତି ଆରମ୍ଭ କରିଥିବା ବେଳେ ଆଜିଠାରୁ ଛାତ୍ରବୃତ୍ତି ପ୍ରଦାନ ପ୍ରକ୍ରିୟା ବିଧିବଦ୍ଧ ଆରମ୍ଭ ହୋଇଛି। ଯାହାକୁ ନେଇ ରାଜ୍ୟବ୍ୟାପୀ କଲେଜ ପଢୁଆ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଖାଦେଇଛି ଅଫୁରନ୍ତ ଉତ୍ସାହ। ପାଠ ପଢ଼ା ପାଇଁ ଆର୍ଥିକ ସମସ୍ୟା ଉଭୟ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟୁଥିବା ବେଳେ ନବୀନଙ୍କ ଏହି ଯୁଗାନ୍ତକାରୀ ନିଷ୍ପତ୍ତି ଏକ ସଶକ୍ତ ଯୁବ ସମାଜ ଗଠନ କରିବାରେ ବଡ଼ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି। ଓଡ଼ିଶାର ପ୍ରତିଟି ପିଲା ପାଠ ପଢ଼ିବେ, ନିଜ ପରିବାର ପାଇଁ, ସମାଜ ପାଇଁ, ରାଜ୍ୟ ପାଇଁ ସୁନାମ ଆଣିବେ। ଏକ ନୂଆ, ସଶକ୍ତ ଏବଂ ନବୀନ ଓଡ଼ିଶା ଗଠନର ପ୍ରମୁଖ ସାରଥୀ ସାଜିବେ। ପିଲାଙ୍କୁ କଲେଜରେ ପାଠ ପଢ଼ାଇବାକୁ କୌଣସି ଅଭିଭାବକଙ୍କୁ ଆଉ ଜମି ବନ୍ଧା ପକାଇବାକୁ ପଡ଼ିବ ନାହିଁ। ଏପରି ପରିକଳ୍ପନାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ କରିଥିବା ବେଳେ ଏହା ରାଜ୍ୟର କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣ ବ୍ୟବସ୍ଥାକୁ ଏକ ନୂଆ ଉଚ୍ଚତା ଦେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ମଧ୍ୟବିତ୍ତ ପରିବାର ପାଇଁ ଏପରି ବୃତ୍ତି ଖୁବ୍ ଆଶ୍ୱାସନା ଆଣିଦେଇଥିବା ବେଳେ ଉପକୃତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନୂଆ-ଓ ଛାତ୍ରବୃତ୍ତି ଯୋଜନାରେ ରାଜ୍ୟର ସ୍ନାତକ ଶ୍ରେଣୀର ୪.୫ ଲକ୍ଷ ଛାତ୍ରଛାତ୍ରୀ ଓ ସ୍ନାତକୋତ୍ତର ଶ୍ରେଣୀର ୩୨ ହଜାର ଛାତ୍ରଛାତ୍ରୀ ଉପକୃତ ହେବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶାର ସ୍ୱପ୍ନକୁ ବାସ୍ତବ ରୂପାୟନ ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ କରିଛନ୍ତି।



ଗରିବ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଠନରେ 'ନୂଆ-ଓ' ବୃତ୍ତି ଟଙ୍କା ବେଶ ସହାୟକ ହୋଇପାରିବ। ଉଚ୍ଚଶିକ୍ଷା ପାଇଁ ଫି', କୋଚିଂ ଅବା ବହି ପତ୍ର କିଣି ପାଠ ପଢ଼ିପାରିବେ। ଏକଦା କୋଭିଡ ସମୟରେ ପିଲାମାନେ ପାଠ ପଢ଼ିବାରେ ବହୁତ ଅସୁବିଧା ପାଇଥିଲେ। ଆର୍ଥିକ ଅନଗ୍ରସର ପିଲାମାନେ ପଢ଼ିବା ପାଇଁ ବହୁ ସଂଗ୍ରାମ କରିଛନ୍ତି। ସରକାରଙ୍କ ଏଭଳି ସହାୟତା ପିଲାଙ୍କୁ ଆଗକୁ ବଢ଼ିବାକୁ ନିଶ୍ଚିତ ପ୍ରେରଣା ଦେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ।

**କୁମାର ସତ୍ୟମଦର୍ଶୀ (ସ୍ନାତକୋତ୍ତର ଛାତ୍ର)**
**ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**



ଛାତ୍ର ବୃତ୍ତି ପିଲାଙ୍କ ପାଇଁ ବେଶ ସହାୟକ ହୋଇଛି। ଶିକ୍ଷାବର୍ଷ ସରିବାକୁ ଯାଉଛି। ଉଚ୍ଚ ଶିକ୍ଷା ଅବା କୋଚିଂ ପାଇଁ ପ୍ରସ୍ତୁତ ହେବାକୁ ପିଲାମାନେ ଏହି ବୃତ୍ତି ଟଙ୍କା ବିନିଯୋଗ କରିପାରିବେ। ଯାହାଦ୍ୱାରା ଜୀବନ ଜୀବିକା ନିର୍ଦ୍ଧାରଣ କରିବେ। ସରକାରଙ୍କୁ ବହୁତ ବହୁତ ଧନ୍ୟବାଦ।

**ସଙ୍ଗୀତା ପ୍ରଧାନ (ସ୍ନାତକୋତ୍ତର ଛାତ୍ରୀ)**
**ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ**



ଓଡ଼ିଶା ସରକାର ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ପ୍ଲାଟଫର୍ମ ଦେଇଛନ୍ତି। ଆଜି ଯୁବ ସମାଜ ତଥା କଲେଜ ପଢୁଆ ଗରିବ ଛାତ୍ର ଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି। ଯାହାଦ୍ୱାରା ସେମାନେ ପାଠ୍ୟକ୍ରମ ସମ୍ବନ୍ଧରେ ଏହି ବୃତ୍ତି ସହାୟତା କରିବ।

**ଲିପ୍ସାରାଣୀ ପାଢ଼ୀ (ଯୁକ୍ତ ୩ ଛାତ୍ରୀ)**
**ଅନୁଗୋଳ ସରକାରୀ ସ୍ୱାୟଂଶାସିତ ମହାବିଦ୍ୟାଳୟ**



ଛାତ୍ରବୃତ୍ତି ପାଇ ମୁଁ ବହୁତ ଖୁସୀ। ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଉଛି। ମିଳିଥିବା ଟଙ୍କାରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ଦେଇପାରିବି। କଲେଜ ଫି' ମଧ୍ୟ ଦେଇହେବ। ପରିବାର ଲୋକଙ୍କୁ ଆଉ ମୋ ଫି' ପାଇଁ ଚିନ୍ତା କରିବାକୁ ପଡ଼ିବ ନାହିଁ। ଏହି ଛାତ୍ରବୃତ୍ତି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ପିଲାମାନଙ୍କୁ ବିଶେଷ ଭାବେ ସହାୟକ ହେବ।

**- ଅମିତ କୁମାର ସିଂ, ଯୁକ୍ତ ୩ ଶେଷ ବର୍ଷ,**
**ହୀରାକୁଦ କଲେଜ**



ପୂର୍ବରୁ ଛାତ୍ରବୃତ୍ତି ପାଇଁ ଏକ ନିର୍ଦ୍ଦିଷ୍ଟ ବର୍ଗ ରହୁଥିଲା। ଏବେ ସାଧାରଣବର୍ଗଙ୍କ ପାଇଁ ସରକାରୀ ଛାତ୍ରବୃତ୍ତି ମିଳୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ଭେଦଭାବ ସବୁ ଦୂର ହୋଇ ସବୁବର୍ଗର ଛାତ୍ରଛାତ୍ରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ହୋଇଥିବାରୁ ମୁଁ ବହୁତ ଖୁସି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ କୃତଜ୍ଞତା ଜଣାଉଛି। ଏହି ବୃତ୍ତି ମୋର ପାଠପଢ଼ାରେ ସାହାଯ୍ୟ କରିବ।

**- ଜୟଶ୍ରୀ ପ୍ରଧାନ, ଯୁକ୍ତ ୩ ଦ୍ୱିତୀୟ ବର୍ଷ,**
**ଭୀମଭୋଇ କଲେଜ**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କୌଣସି ଛାତ୍ରଛାତ୍ରୀ ଅର୍ଥ ଅଭାବରୁ ଯେଭଳି ଉଚ୍ଚ ଶିକ୍ଷାରୁ ବଞ୍ଚିତ ନ ହେବେ ସେ ନେଇ ଛାତ୍ରବୃତ୍ତି ପ୍ରଦାନ ପାଇଁ ଗତ୨୩ ତାରିଖରେ ଘୋଷଣା କରି ୨୬ ତାରିଖ ବେଳକୁ ଛାତ୍ର ବୃତ୍ତି ଟଙ୍କା ପ୍ରଦାନ କଲେ ସତରେ ଅବିଶ୍ୱସନୀୟ। ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କ ଠାରୁ ଆଜି ଛାତ୍ରବୃତ୍ତି ସାର୍ଟିଫିକେଟ ଗ୍ରହଣ କରିବା କିଛି ମିନିଟ ମଧ୍ୟରେ ମୋ ବ୍ୟାଙ୍କ ଆକାଉଣ୍ଟରେ ୧୦ ହଜାର ଟଙ୍କା ଆସିବା ଦେଖି ଭାବ ଭାବବିହ୍ୱଳ ହୋଇ ପଡ଼ିଥିଲି। ପଦାର୍ଥବିଜ୍ଞାନ ଅନର୍ସ ଛାତ୍ରୀ ଭାବେ ଏହି ଛାତ୍ର ବୃତ୍ତି ଅର୍ଥରେ ମୁଁ ମୋ ରି ଆଡ଼ମିସନ ସହ କିଛି ବହି କିଣିବି।

**-ପ୍ରିୟଦର୍ଶିନୀ କର, ଦେବଗଡ଼ ସ୍ନାତକ ମହାବିଦ୍ୟାଳୟ**



'ନୂଆ ଓ' ଯୋଜନାରେ ଛାତ୍ର ବୃତ୍ତି ପାଇ ମୁଁ ବହୁତ ଖୁସି। ମୋ ପାସବୁକରେ ୧୦ ହଜାର ଟଙ୍କା ଜମା ହେବା ବ୍ୟାଙ୍କ ମେସେଜ ପାଇ ମୁଁ ପ୍ରଥମେ ବିଶ୍ୱାସ କରି ପାରି ନ ଥିଲି। ଏହି ଟଙ୍କାରେ ରି ଆଡ଼ମିଶନ କରିବା ସହ କିଛି ଗାଇଡ଼ ବୁକ କିଣିବି। ଛାତ୍ର ବୃତ୍ତି ପାଇଥିବାରୁ କଲେଜ ପାଇଁ ଘରୁ ଆଣୁଥିବା ଟଙ୍କା ଏ ବର୍ଷ ଆଉ ଆଣିବାକୁ ପଡ଼ିବ ନାହିଁ। ଏହି 'ନୂଆ ଓ' ଛାତ୍ରବୃତ୍ତି କେବଳ ଛାତ୍ରଛାତ୍ରୀଙ୍କୁ ସହାୟକ ହେଲା ତାହା ନୁହଁ, ଏହା ଯୋଗୁଁ ବହୁ ଅଭିଭାବକଙ୍କ ମୁଣ୍ଡରୁ ମଧ୍ୟ ପଢ଼ା ଖର୍ଚ୍ଚ ବୋଝ କମିଛି।

**ସୋନାଲି ସାହୁ, ଛାତ୍ରୀ, ଦେବଗଡ଼ ମହିଳା ସ୍ନାତକ ମହାବିଦ୍ୟାଳୟ**





# ପାଣିରେ ବୁଡ଼ି ଭାଇ-ଭଉଣୀ ମୃତ

**ଡେଲାଙ୍ଗ, ୨୬।୨ (ସମିସ):** ଗାଧୋଇବା ବେଳେ ପୋଖରୀରେ ବୁଡ଼ି ଭାଇ-ଭଉଣୀ ମୃତ। ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଧୀନ ହୁମର ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଶିଶୁଦ୍ୱୟ ହେଲେ, ଗ୍ରାମର ଶଙ୍କର ରାଉତଙ୍କ ବଡ଼ପୁଅ ଶୁଭେନ୍ଦୁ କୁମାର ରାଉତ(୯) ଓ ସାନ ଝିଅ ଶୁଭଲକ୍ଷ୍ମୀ ରାଉତ(୭)। ଦୁହେଁ ଘର ପଛପଟ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ଭାଇ-ଭଉଣୀ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁହେଁ ଘରକୁ ନ ଫେରିବାରୁ ପରିବାରଲୋକ ସେମାନଙ୍କୁ ବହୁ ଖୋଜାଖୋଜି କରିଥିଲେ। ହୁଡ଼ାରେ ସେମାନଙ୍କ ପୋଷାକ ପଡ଼ିଥିବା ଦେଖି ପୋଖରୀ ଭିତରେ ଖୋଜାଖୋଜି କରିବାରୁ ଦୁହିଁଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ଲାଗି ଶବଦ୍ୱୟକୁ ପୁରୀ ପଠାଇଛି। ଖବର ପାଇ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ବୋଲକଣା ରାଜସ୍ୱ ନିରୀକ୍ଷକ ବିଭୁପ୍ରସାଦ ପାତ୍ର ପ୍ରମୁଖ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଖରେ ପହଞ୍ଚି ସମବେଦନା ଜଣାଇବା ସହିତ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-243 ◆BHUBANESWAR ◆TUESDAY ◆27 FEBRUARY 2024 ◆PAGE-18 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୭ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦








ସକାଳ
THE SAKALA
www.sakalaepaper.com






## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ତାଗିଦ୍

# ସରକାର ନ କଲେ ଆମେ କରିବୁ

■ କୋଷ୍ଟଗାର୍ଡରେ ମହିଳାଙ୍କ ସ୍ଥାୟୀ କମିସନ ନିଯୁକ୍ତି ମାମଲା

ନୂଆଦିଲ୍ଲୀ,୨୬।୨(ଏଜେନ୍ସି)

ଭାରତୀୟ ତଟରକ୍ଷୀ ବାହିନୀ(ଇଣ୍ଡିଆନ୍ କୋଷ୍ଟ ଗାର୍ଡ)ରେ ମହିଳାଙ୍କୁ ସ୍ଥାୟୀ କମିସନ ଅଫିସର ଭାବେ ନିଯୁକ୍ତି ଦେବାକୁ ନେଇ ପୁଣି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। କୋଷ୍ଟ ଗାର୍ଡରେ ସ୍ଥାୟୀ କମିସନ ଅଫିସର ଭାବେ ନିଯୁକ୍ତି ପାଇବାକୁ ଯେଉଁ ମହିଳା ଅଧିକାରୀମାନଙ୍କ ଯୋଗ୍ୟତା ରହିଛି ସେମାନଙ୍କୁ ଏହି ସୁବିଧା ଦେବା ନେଇ କେନ୍ଦ୍ର ସରକାର ଉଚିତ ପଦକ୍ଷେପ ନେଉ ନାହାନ୍ତି। କିନ୍ତୁ ଏହା କରାଯିବା ଉଚିତ ନୁହେଁ। ଯଦି ସରକାର ଏହାକୁ କରିବେ ନାହିଁ ତେବେ ଆମେ ଏହାକୁ କରି ଦେଖାଇବାକୁ ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ କେନ୍ଦ୍ର ସରକାରଙ୍କ ଭର୍ତ୍ସନା କରି କହିଛନ୍ତି। କୋଷ୍ଟ ଗାର୍ଡରେ କାର୍ଯ୍ୟ କରୁଥିବା ଏବଂ ସ୍ଥାୟୀ କମିସନ ଭାବେ ନିଯୁକ୍ତି ଦାବି କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବା ମହିଳା ଅଫିସର ପ୍ରିୟଙ୍କା ତ୍ୟାଗୀଙ୍କ ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧିନ ଖଣ୍ଡପୀଠ କହିଛନ୍ତି ଯେ, ତଟରକ୍ଷୀ ବାହିନୀରେ କାର୍ଯ୍ୟ କରୁଥିବା ଯୋଗ୍ୟ ମହିଳା ଅଧିକାରୀମାନଙ୍କୁ ସ୍ଥାୟୀ କମିସନ ଅଫିସର ଭାବେ ନିଯୁକ୍ତି ଦେବା ନେଇ କେନ୍ଦ୍ର ସରକାର ଟାଳଟୁଳ ନୀତି ଦେଖାଉଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ଯେଉଁ ଯୁକ୍ତି ଦର୍ଶାଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ। ଅନ୍ତତଃ ୨୦୨୪ରେ ଏହାକୁ ଶୁଣିବା ମଧ୍ୟ ସମ୍ଭବ ନୁହେଁ। ତେବେ କୌଣସି ସ୍ଥିତିରେ ମହିଳା ଅଧିକାରୀମାନଙ୍କୁ ଏହି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ। ଯଦି ସରକାର ଏହାକୁ ନ କରନ୍ତି ତେବେ ଆମେ ଏହାକୁ କରି ଦେଖାଇବୁ ବୋଲି ସୁପ୍ରିମକୋର୍ଟ କେନ୍ଦ୍ରକୁ କଡା ଭାଷାରେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ନୌସେନା ଏବଂ ସ୍ଥଳ ସେନା ଠାରୁ ତଟରକ୍ଷୀ ବାହିନୀର ପରିଚାଳନା ଦିଗ ସମ୍ପୂର୍ଣ୍ଣ ଭିନ୍ନ। ତେବେ ଏହି ବିଭାଗର ଅଧିକାରୀମାନଙ୍କୁ ଉପରୋକ୍ତ ଦୁଇ ବାହିନୀ ଭଳି ସୁବିଧା ସୁଯୋଗ ଦେବା ପାଇଁ ଏକ ବୋର୍ଡ ଗଠନ ହୋଇସାରିଛି। ଏଥିରେ ଗଠନମୂଳକ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କେଟରମଣ କହିଛନ୍ତି। ଏହି ମାମଲର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧ ତାରିଖରେ ହେବ ବୋଲି ଜଣାପଡ଼ିଛି।





■ ସିବିଆଇ ହାତକୁ ଗଲା ଆଇଏନ୍ଏଲ୍ଡି ଅଧ୍ୟକ୍ଷଙ୍କ ହତ୍ୟା ମାମଲା

## ୩ ବିଜେପି ନେତାଙ୍କ ବିରୋଧରେ ଏତଲା

ଚଣ୍ଡିଗଡ଼, ୨୬।୨ (ଏଜେନ୍ସି)

ଆଇଏନଏଲ୍ଡିର ପ୍ରଦେଶ ଅଧକ୍ଷ ନଫେ ସିଂହ ରାଠିଙ୍କ ହତ୍ୟା ମାମଲାର ତଦନ୍ତ ସିବିଆଇ କରିବ। ଗୃହମନ୍ତ୍ରୀ ଅନିଲ ଭିଜ୍ ହରିୟାଣା ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବଜେଟ ଅଧିବେଶନ ସମୟରେ କଂଗ୍ରେସ ହାଇକୋର୍ଟ ବିଚାରପତି କିମ୍ବା ସିବିଆଇ ଦ୍ୱାରା ମାମଲାର ତଦନ୍ତ କରାଇବାକୁ ଦାବି କରିଥିଲା। ଏହା ପରେ ରାଠିଙ୍କ ପରିବାର ଅନ୍ତିମ ସଂସ୍କାର ପାଇଁ ରାଜି ହୋଇଥିଲା। ତେବେ ସେମାନେ ଅପରାଧିଙ୍କୁ ଗିରଫ କରିବା ପାଇଁ ପୁଲିସକୁ ୭ ଦିନ ସମୟ ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ବହାଦୂରଗଡ଼ରେ ରାଠିଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହି ହତ୍ୟା ପଛରେ କୌଣସି ଗ୍ୟାଙ୍ଗର ହାତ ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଏହି ମାମଲାରେ ତିହାର ଜେଲ୍‌ରେ ଥିବା କିଛି ଗ୍ୟାଙ୍ଗଷ୍ଟରଙ୍କୁ ପଚରାଉଚୁରା କରାଯାଇଛି। ରାଠିଙ୍କ ଭଣଜା ସଞ୍ଜୟଙ୍କ ଅଭିଯୋଗରେ ପୁଲିସ ବିଜେପିର ୩ ନେତାଙ୍କ ସହିତ ୮ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନରେଶ କୌଶିକ, ପୂର୍ବତନ ଅଧ୍ୟକ୍ଷ କର୍ମବୀର ରାଠି, ପୂର୍ବତନ ମନ୍ତ୍ରୀ ମାଙ୍ଗେରାମ ରାଠିଙ୍କ ପୁଅ ସତୀଶ ନମ୍ବରଦାର, ରାହୁଲ, କମଲ ଏବଂ ଗୌରବ ସାମିଲ ରହିଛି। ଅନ୍ୟପଟେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ୨ ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୫ଟି ଟିମ୍ ଗଠନ କରାଯାଇଛି। ସିଆଇଏ ଏବଂ ଏସ୍‌ଟିଏଫକୁ ମଧ୍ୟ ଲଗାଯାଇଛି।



## ଭୋଟ ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି): ତୃଣମୂଳ କଂଗ୍ରେସର ଏକ ପ୍ରତିନିଧି ଦଳକୁ ନିର୍ବାଚନ କମିଶନ ଆଜି ସ୍ପଷ୍ଟ ଭାବେ କହିଛନ୍ତି ଯେ ଭୋଟ ଦେବା ନିମନ୍ତେ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ। ଭୋଟର ନିଜର ଭୋଟ ପରିଚୟ କାର୍ଡ କିମ୍ବା ଅନ୍ୟ ଯେ କୌଣସି ବୈଧ ପରିଚୟପତ୍ର ଦେଖାଇ ଭୋଟ ଦେଇପାରିବେ। ପଶ୍ଚିମବଙ୍ଗରେ ଅନେକ ଲୋକଙ୍କ ଆଧାର କାର୍ଡ ଅକାମୀ କରାଯାଇଥିବାରୁ ସେମାନେ କିପରି ଭୋଟ ଦେବେ ସେ ନେଇ ଟିଏମସିର ପ୍ରତିନିଧି ଚିନ୍ତା ବ୍ୟକ୍ତ କରିଥିଲେ ।

## ସପ୍ତମ ସମନକୁ ବି ଏଡ଼ାଇଗଲେ କେଜ୍ରିୱାଲ

ନୂଆଦିଲ୍ଲୀ,୨୬।୨(ଏଜେନ୍ସି): ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଅର୍ଥ ହେରଫେରକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସପ୍ତମ ସମନକୁ ବି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏଡାଇଯାଇଛନ୍ତି। ତାଙ୍କୁ ସୋମବାର ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ସମନ କରାଯାଇଥିଲା। ହେଲେ ପୂର୍ବ ଭଳି କାରଣ ଦର୍ଶାଇ ସେ ହାଜର ହୋଇନାହାନ୍ତି।ସେ କହିଛନ୍ତି ଯେ , ବର୍ତ୍ତମାନ ଏହି ମାମଲା କୋର୍ଟରେ ଅଛି। ତେଣୁ ଇଡି କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ନାହିଁ। ସେହିପରି ଆପ୍ ପକ୍ଷରୁ ମଧ୍ୟ କୁହାଯାଇଛି ଯେ, ଆମେ ଆଇନଗତ ପ୍ରକ୍ରିୟାକୁ ସମ୍ମାନ ଦେଉଛୁ। ଇଡି କେଜ୍ରିୱାଲଙ୍କୁ ବାରମ୍ବାର ସମନ କରିଛି ସତ। ହେଲେ ଆମେ କୋର୍ଟର ନିଷ୍ପତ୍ତିକୁ ଅପେକ୍ଷା କରିଛୁ।

## ବିଜେପିରେ କଂଗ୍ରେସ ସାଂସଦ ଗୀତା

ରାଞ୍ଚି,୨୬ ।୨(ଏଜେନ୍ସି): ଝାଡ଼ଖଣ୍ଡର ଏକମାତ୍ର କଂଗ୍ରେସ ସାଂସଦ ଗୀତା କୋଡ଼ା ସୋମବାର ବିଜେପିରେ ଯୋଗଦେଇଛନ୍ତି। ସେ ହେଉଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ାଙ୍କ ପତ୍ନୀ। ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ଲହର ସତ୍ତ୍ୱେ କଂଗ୍ରେସ ପ୍ରାର୍ଥୀ ଗୀତା କୋଡ଼ା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ଗିଲୁଆଙ୍କୁ ୭୨ ହଜାର ଭୋଟରେ ହରାଇଥିଲେ। ହେମନ୍ତ ସୋରେନଙ୍କ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ସହ କଂଗ୍ରେସର ମେଣ୍ଟକୁ ନେଇ ଗୀତା ଅସନ୍ତୁଷ୍ଟ ଥିଲେ।

## ମନ୍ତ୍ରିମଣ୍ଡଳ ସହ ପାଲେଷ୍ଟାଇନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

ୱେଷ୍ଟବ୍ୟାଙ୍କ, ୨୬।୨ (ଏଜେନ୍ସି): ପାଲେଷ୍ଟାଇନ ପ୍ରଧାନମନ୍ତ୍ରୀ ମହମ୍ମଦ ସାତାୟେହ ନିଜ ମନ୍ତ୍ରିମଣ୍ଡଳ ସହ ଇସ୍ତଫା ଦେଇଛନ୍ତି। ସେ ହିଂସାକୁ ଦେଖି ଇସ୍ତଫା ଦେଇଥିବା କହିଛନ୍ତି। ଇସ୍ତଫା ପତ୍ରକୁ ସେ ରାଷ୍ଟ୍ରପତି ମହମ୍ମଦ ଅବାସଙ୍କୁ ପଠାଇ ଦେଇଛନ୍ତି। ଏବେ ରାଷ୍ଟ୍ରପତି ଏହା ଉପରେ ଅନ୍ତିମ ନିଷ୍ପତ୍ତି ନେବେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପାଲେଷ୍ଟିନୀୟ ନାଗରିକ ଗାଜା ଷ୍ଟ୍ରିପ୍‌ରେ ଭୋକରେ ଆଉଟପାଉଟ୍ଟ ହେଉଛନ୍ତି। ଏଠାରେ ଇସ୍ରାଏଲ ଆକ୍ରମଣ ଜାରି ରଖିଛି। ୱେଷ୍ଟ ବ୍ୟାଙ୍କ ଏବଂ ଜେରୁଜେଲମରେ ମଧ୍ୟ ହିଂସା ବଢ଼ି ଚାଲିଛି। ଏହାକୁ ଦେଖି ସେ ଇସ୍ତଫା ଦେଇଛନ୍ତି। ନୂଆ ରାଜନୈତିକ ମେଣ୍ଟ ବନାଇବାକୁ ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଚାପ ପକାଉଥିବାବେଳେ ପ୍ରଧାନମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

## ଆରବ ଦେଶରେ 'ଆର୍ଟିକିଲ୍ ୩୭୦' ନିଷିଦ୍ଧ

ମୁମ୍ବାଇ, ୨୬।୨ (ଏଜେନ୍ସି): ୟାମୀ ଗୌତମଙ୍କ ଅଭିନୀତ ଚଳଚ୍ଚିତ୍ର 'ଆର୍ଟିକିଲ ୩୭୦'କୁ ଗଲ୍ଫ ଦେଶରେ ନିଷିଦ୍ଧ କରିଦିଆଯାଇଛି। ଏହା ପୂର୍ବରୁ ରିତିକ ରୋଶନ ଏବଂ ଦୀପିକା ପାଦୁକୋନଙ୍କ ଅଭିନୀତ 'ଫାଇଟର'କୁ ୟୁଏଇକୁ ଛାଡ଼ି ଅନ୍ୟ ସମସ୍ତ ଆରବ ଦେଶ ନିଷିଦ୍ଧ କରି ଦେଇଥିଲେ। ଆଦିତ୍ୟ ସୁହାସ ଜାମଭଲେଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଆର୍ଟିକିଲ ୩୭୦'ରେ ରାଜନୈତିକ ପ୍ରସଙ୍ଗକୁ ଦେଖାଯାଇଛି। ଏହି ଫିଲ୍ମ ଜମ୍ମୁ-କାଶ୍ମୀରକୁ ମିଳିଥିବା ସ୍ୱତନ୍ତ୍ର ମାନ୍ୟତାକୁ ରଦ୍ଦ କରିବା ନେଇ ପିଏମଓର ନିଷ୍ପତ୍ତି ଉପରେ ଆଧାରିତ। ଏଥିରେ ଏପରି ଅନେକ ପ୍ରସଙ୍ଗ ଦେଖାଯାଇଛି ଯାହା ଲୋକ ଜାଣିନାହାନ୍ତି। ଫିଲ୍ମ ଭଲ ବ୍ୟବସାୟ କରୁଥିବାବେଳେ ବାହାରିନ, କୁଏତ, ଇରାକ, ଓମାନ, କାତାର, ସାଉଦି ଆରବ ଏବଂ ୟୁଏଇ ଏହାକୁ ନିଷିଦ୍ଧ କରିଦେଇଛନ୍ତି।

## ଜ୍ଞାନବାପିରେ ପୂଜା ବନ୍ଦକୁ ହାଇକୋର୍ଟଙ୍କ ନା

ପ୍ରୟାଗରାଜ, ୨୬ ।୨(ଏଜେନ୍ସି): ଜ୍ଞାନବାପିର ବ୍ୟାସ ତହଖାନାରେ ହିନ୍ଦୁଙ୍କ ପୂଜା ଜାରି ରହିବ। ଏହା ଉପରେ କଟକଣା ଲଗାଇବାକୁ ଆହ୍ଲାବାଦ ହାଇକୋର୍ଟ ମନା କରି ଦେଇଛନ୍ତି। ଏଥିରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ବୋଲି କହିଛନ୍ତି। ଏହା ସହିତ ଜ୍ଞାନବାପି ପରିଚାଳନା କମିଟି ଅଞ୍ଜୁମନ୍ ଇନ୍ତେଜାମିଆ ମସଜିଦ(ଏଆଇଏମ) କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ରାଜ୍ୟ ସରକାର ୧୯ ୯୩ରୁ ବ୍ୟାସ ପରିବାର ଏବଂ ଶ୍ରଦ୍ଧାଳୁଙ୍କୁ ପୂଜା କରିବାକୁ ଦେଉ ନ ଥିଲେ। ସରକାର କ୍ରମାଗତ ଭାବେ ଭୁଲ୍ କରିଆସିଛନ୍ତି। ତହଖାନାରେ ପୂଜାପାଠ ବନ୍ଦ କରିବା ଶ୍ରଦ୍ଧାଳୁଙ୍କ ସ୍ୱାର୍ଥ ବିରୋଧୀ। ୧୯ ୯୩ର ପୂଜା ବନ୍ଦ ପଦକ୍ଷେପ ବେଆଇନ ଥିଲା।

## ମରିୟମ ନୱାଜ ପଞ୍ଜାବର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ

ଇସଲାମାବାଦ,୨୬।୨(ଏଜେନ୍ସି): ପାକିସ୍ତାନ ପଞ୍ଜାବ ପ୍ରଦେଶର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି ପିଏଲଏମ-ଏନ ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଝିଅ ମରିୟମ ନୱାଜ। ସେ ସୋମବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ସହିତ ପଞ୍ଜାବ ଭଳି ପାକିସ୍ତାନର ଏକ ପ୍ରମୁଖ ପ୍ରଦେଶର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହୋଇ ନୂଆ ରେକର୍ଡ କରିଛନ୍ତି। ୫୦ ବର୍ଷୀୟା ମରିୟମ ପଞ୍ଜାବ ପ୍ରାଦେଶିକ ନିର୍ବାଚନରେ ୨୨୦ ଭୋଟ୍ ପାଇଥିଲେ।

## ଦିନକରେ ଉତ୍ସର୍ଗ ହେଲା ୨୦୦୦ ରେଳ ପ୍ରକଳ୍ପ

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୪୧ହଜାର କୋଟି ଟଙ୍କର ୨୦୦୦ଟି ରେଳ ଇନଫ୍ରା ପ୍ରକଳ୍ପର ଭର୍ଚୁଆଲ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏକ ଭିଡିଓ କନଫରେନ୍ସ ସମ୍ବୋଧନରେ ମୋଦୀ କହିଛନ୍ତି, 'ଭାରତ ଏବେ ବଡ଼ ସ୍ୱପ୍ନ ଦେଖୁଛି ଓ ତାକୁ ଯେତେ ଶୀଘ୍ର ସମ୍ଭବ ସାକାର କରୁଛି। ବହୁତ ବଡ଼ ସଂଖ୍ୟାରେ ବହୁତ ବଡ଼ ଧରଣର ପ୍ରକଳ୍ପଗୁଡ଼ିକର ଯେପରି କ୍ଷୀପ୍ରତାର ସହ କାର୍ଯ୍ୟାନ୍ୱୟନ ହେଉଛି ତାହା ସମସ୍ତଙ୍କୁ ବିସ୍ମିତ କରୁଛି। ଏହା ହେଉଛି ନୂଆ ଭାରତର କର୍ମ ସଂସ୍କୃତିର ପ୍ରତୀକ।' ଆଜି ରେଳବାଇର ଯେଉଁସବୁ ନିର୍ମାଣ(ଇନଫ୍ରା) ପ୍ରକଳ୍ପ ଉଦଘାଟିତ ଓ ଶିଳାନ୍ୟାସ ହେଲା ସେଥିରେ ଅନ୍ତର୍ଭୁକ୍ତ ରହିଛି ୧୫୦୦ ରୋଡ ଓଭରବ୍ରିଜ ଓ ଅଣ୍ଡର ପାସ୍ ସମେତ ଅମୃତ ଭାରତ ଷ୍ଟେସନ ସ୍କିମ ଅଧୀନରେ ୫୫୩ଟି ରେଳ ଷ୍ଟେସନର ପୁନଃବିକାଶ ଓ ଆଧୁନିକୀକରଣ।



● ସନ୍ଦେଶଖାଲି ମାମଲାରେ ପଶ୍ଚିମବଙ୍ଗ ସରକାରଙ୍କୁ ପୁଣି ହାଇକୋର୍ଟଙ୍କ ଭର୍ତ୍ସନା

## ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କର

କୋଲକାତା,୨୬।୨(ଏଜେନ୍ସି)

ପଶ୍ଚିମବଙ୍ଗ ସନ୍ଦେଶଖାଲି ମାମଲାକୁ ନେଇ କୋଲକାତା ହାଇକୋର୍ଟ ପୁଣିଥରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଏବଂ ଜମି ହଡପ କରିବା ମାମଲାରେ ମୁଖ୍ୟଅଭିଯୁକ୍ତ ତଥା ସ୍ଥାନୀୟ ଟିଏମସି ନେତା ଶେଖ ଶାହାଜାହାନକୁ ଗିରଫ କରିବାକୁ ନେଇ ପୂର୍ବରୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲା ବେଳେ ତାକୁ ଏବେ ସୁଦ୍ଧା ପୁଲିସ କାହିଁକି ଗିରଫ କରିପାରି ନାହିଁ ବୋଲି ହାଇକୋର୍ଟ ସୋମବାର ପ୍ରଶ୍ନ ଉଠାଇଛନ୍ତି। ଶେଖ ଶାହାଜାହାନକୁ ଗିରଫ କରିବା ନେଇ କୋର୍ଟ ପ୍ରତିବନ୍ଧକ ରହିଛି ବୋଲି କଥା ଉଠିବା ପରେ ଏହାକୁ ହାଇକୋର୍ଟ ନିଜ ଆଡୁ ଶୁଣାଣି କରି ଗିରଫ ପାଇଁ କୌଣସି ପ୍ରତିବନ୍ଧକ ନାହିଁ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶାହାଜାହାନକୁ ଇଡି ଗିରଫ କରିପାରି ନଥିଲା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ତା ' ବିରୋଧରେ ମାମଲା ରୁଜୁ କରାଯାଇଥିଲା ବୋଲି ଗତକାଲି ଟିଏମସି ନେତା ଅଭିଷେକ ବାନାର୍ଜୀ କହିଥିଲେ। ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ମଧ୍ୟ ଗଠନ କରାଯାଇଥିଲା। କିନ୍ତୁ ସ୍ଥାନୀୟ କୋର୍ଟ ପୁଲିସ ପକ୍ଷରୁ କରାଯାଇଥିବା ଏତଲା ଉପରେ ସ୍ଥଗିତାଦେଶ ଦେଇଥିଲେ ବୋଲି ଅଭିଷେକ ଗତକାଲି କହିଥିଲେ। ଏହି ବିଷୟକୁ ସ୍ପଷ୍ଟ କରିବାକୁ ସୋମବାର କୋର୍ଟ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ହାଇକୋର୍ଟରେ ପ୍ରଶ୍ନ ଉଠାଇଥିଲା ବେଳେ ହାଇକୋର୍ଟ ଏହାକୁ ରୋକ୍ଟୋକ୍ ମନା କରିଦେଇଥିଲେ। ଶାହାଜାହାନକୁ ଗିରଫ କରିବା ନେଇ କୌଣସି ପ୍ରତିବନ୍ଧକ ନାହିଁ ଏବଂ ପୁଲିସ ଆଜି ପର୍ଯ୍ୟନ୍ତ କ'ଣ କରୁଛି ବୋଲି ଓଲଟା ପ୍ରଶ୍ନ କରିଥିଲେ। ତାକୁ ପୁଲିସ ତୁରନ୍ତ ଗିରଫ କରିବା ଦରକାର ବୋଲି ମଧ୍ୟ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତାଗିଦ କରି କହିଥିଲେ। ଆମିକସ୍ କ୍ୟୁରି କହିଥିଲେ ଯେ, ସ୍ଥିତି ପରଖିବା ପାଇଁ ଯାଉଥିବା ଲୋକମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ଗିରଫ କରାଯାଉଥିବା ବେଳେ ଅନ୍ୟ କିଛି ଲୋକଙ୍କ ବେକରେ ଫୁଲମାଳ ପିନ୍ଧାଯାଉଛି। ତେଣୁ ସନ୍ଦେଶଖାଲି ଘଟଣାର ଯାଞ୍ଚ ପାଇଁ ହାଇକୋର୍ଟ ଏକ ସ୍ୱତନ୍ତ୍ର କମିଟି ଗଠନ କରନ୍ତୁ ବୋଲି ସେ ଦାବି କରିଥିଲେ। ଏହା କରିବାକୁ ହାଇକୋର୍ଟ ସହମତ ହୋଇଥିଲେ ହେଁ ୪ ବର୍ଷ ତଳର ଘଟଣାକୁ ନେଇ ରାଜ୍ୟ ପୁଲିସ କାହିଁକି ନିରବ ରହିଥିଲା ବୋଲି ପ୍ରଶ୍ନ କରିଥିଲେ। ଏହି ଘଟଣାକୁ ନେଇ ୪ ବର୍ଷ ତଳେ ଏତଲା ଦାଏର ହୋଇଥିବା ବେଳେ ଚାର୍ଜସିଟ୍ ପ୍ରସ୍ତୁତ କରିବାକୁ କ'ଣ ୪ ବର୍ଷ ଲାଗୁଛି କି ବୋଲି ହାଇକୋର୍ଟ ପ୍ରଶ୍ନ କରିଥିଲେ। ଶାହାଜାହାନକୁ ଗିରଫ କରାଯିବା ପରେ ଇଡି, ସିବିଆଇ, ରାଜ୍ୟ ଗୃହ ସଚିବ ଏବଂ ପୁଲିସ ସମସ୍ତେ କୋର୍ଟରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଏଭଳି ପ୍ରଶ୍ନ ବାଣର କିଛି ଘଣ୍ଟା ପରେ ଶାହାଜାହାନକୁ ୭ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ଟିଏମସି ନେତା କୁନାଲ ଘୋଷ କହିଛନ୍ତି।

## ମଇଳା ପୋଷାକ ପିନ୍ଧିଥିବାରୁ ଚାଷୀଙ୍କୁ ମେଟ୍ରୋରେ ଯିବାକୁ ଦେଲେନି

ବେଙ୍ଗାଲୁରୁ, ୨୬।୨ (ଏଜେନ୍ସି)

ବେଙ୍ଗାଲୁରୁ ମେଟ୍ରୋ ଷ୍ଟେସନରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ବେଶଭୂଷା ପରିବର୍ତ୍ତେ ବ୍ୟକ୍ତିତ୍ୱକୁ ପ୍ରାଧାନ୍ୟ ଦିଆଯାଉଥିବା ଦେଶରେ ମଇଳା ପୋଷାକ ପିନ୍ଧିଥିବା ଜଣେ ଗରିବ ଚାଷୀଙ୍କୁ ମେଟ୍ରୋରେ ଚଢ଼ିବାକୁ ଦିଆଯାଇ ନାହିଁ। ଜଣେ ଅଧିକାରୀ ତାଙ୍କୁ ଅଟକାଇ ଦେଇଛନ୍ତି। ଏଭଳି ଘଟଣା ବେଙ୍ଗାଲୁରୁ ରାଜାଜୀନଗର ମେଟ୍ରୋ ଷ୍ଟେସନରେ ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ ଜଣେ ବୃଦ୍ଧ ଚାଷୀ ବ୍ୟାଗ୍ ଚେକିଂ ପଏଣ୍ଟରେ ଛିଡ଼ା ହୋଇଛନ୍ତି। ସେ ମୁଣ୍ଡରେ ଏକ ବସ୍ତା ମୁଣ୍ଡାଇଛନ୍ତି। ଟିକଟ ଥିବା ସତ୍ତ୍ୱେ ଅଧିକାରୀ ତାଙ୍କୁ ଅଟକାଇ ରଖିଛନ୍ତି। ଏହି ସମୟରେ ଜଣେ ଯାତ୍ରୀ ଚାଷୀଙ୍କ ସପକ୍ଷରେ ଆସି ଅଧିକାରୀଙ୍କୁ ପ୍ରଶ୍ନ କରୁଛନ୍ତି। ମେଟ୍ରୋରେ ଯିବା ପାଇଁ କ'ଣ ୟୁନିଫର୍ମ ଅଛି କି? କେବଳ ଭିଆଇପି ଯାତ୍ରା ମେଟ୍ରୋରେ ଯାତ୍ରା କରିପାରିବେ କି? ବସ୍ତା ନେଇ ହେବନି କି ବୋଲି ପଚାରିଛନ୍ତି। ଅନ୍ୟମାନେ ସେହି ଯାତ୍ରୀ ହିଁ ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଭିଡିଓର ଯାଞ୍ଚ ପରେ ବେଙ୍ଗାଲୁରୁ ମେଟ୍ରୋ ରେଳ କର୍ପୋରେସନ ଲିମିଟେଡ (ବିଏମଆରସିଏଲ) ଚାଷୀଙ୍କୁ ଅଟକାଇଥିବା ସିକ୍ୟୁରିଟି ସୁପରଭାଇଜରଙ୍କୁ ବରଖାସ୍ତ କରିଦେଇଛନ୍ତି।





ରାଜନୈତିକ ହେଉ ଅବା ଧାର୍ମିକ, ଆଦର୍ଶବାଦ ଏକ ନିର୍ବୋଧତା; କାରଣ ଏହା ଅନମନୀୟ ଚିନ୍ତାଧାରା ପ୍ରସୂତ। ଦୁର୍ଭାଗ୍ୟବଶତଃ ଏଭଳି ଅବଧାରଣା ମାନବ ସମାଜକୁ ଭାଗଭାଗ କରିଦେଇଛି ! -ଜାଦ୍ଦୁ କୃଷ୍ଣମୂର୍ତ୍ତି

ସକାଳ THE SAKALA

# ସରୋଗେସୀ ଆଇନର ସଂଶୋଧନ ସ୍ୱାଗତଯୋଗ୍ୟ

ପ୍ରାକୃତିକ ବିଜ୍ଞାନରେ ବେଳେବେଳେ ବ୍ୟତିକ୍ରମ ଦେଖାଦିଏ, ଯାହା ସ୍ୱାଭାବିକତାକୁ ଅସ୍ୱାଭାବିକ କରିଥାଏ। ଏହାର କାରଣ ସୃଷ୍ଟିଜନିତ ତ୍ରୁଟି କିମ୍ବା ପରବର୍ତ୍ତୀ ସମୟର ଅର୍ଜିତ ଅସ୍ୱାଭାବିକତା ହୋଇପାରେ। ଏଭଳି ବ୍ୟତିକ୍ରମ ଜୀବଜଗତରେ ଅନେକ ଦେଖାଯାଏ। ବନ୍ଧ୍ୟାତ୍ୱ, ପୌରୁଷହାନି, କନ୍ୟାମାନେ ରଜସ୍ୱଳା ନ ହେବା କିମ୍ବା ଗର୍ଭଧାରଣ କରିବାକୁ ଅସମର୍ଥ ହେବା ଭଳି ବ୍ୟତିକ୍ରମ ମଣିଷଠାରେ ମଧ୍ୟ ଦେଖାଯାଏ। ବିଜ୍ଞାନ ଏହାର ପ୍ରତିକାର କାମରେ ନିରନ୍ତର ଲାଗିଛି ଏବଂ ଏଥିରେ ଅନେକ ସଫଳତା ମଧ୍ୟ ମିଳିଲାଣି। ସନ୍ତାନ ସମ୍ଭବ ହେବା ଓ ଗର୍ଭଧାରଣ କରିବା ପ୍ରତ୍ୟେକ ମହିଳାଙ୍କର ଏକାନ୍ତ ସ୍ୱାଭାବିକ ଇଚ୍ଛା। ହେଲେ ପ୍ରାକୃତିକ କାରଣରୁ ଅନେକ ମହିଳା ନିଜ ଗର୍ଭାଶୟରେ ନିଜ ସନ୍ତାନଙ୍କୁ ଧାରଣ କରିବାକୁ ଅସମର୍ଥ ହୁଅନ୍ତି। ବେଶ୍ କିଛି ବର୍ଷ ତଳେ ଏହି ସମସ୍ୟାର ସମାଧାନ ବିଜ୍ଞାନ କରିଥିଲା ଟେଷ୍ଟଟ୍ୟୁବ୍ ବେବି (ନବଜାତ ଶିଶୁ) ଜନ୍ମ ଦେବାର ବ୍ୟବସ୍ଥା କରି। ଏହି ପଦ୍ଧତିରେ ସ୍ୱାମୀ-ସ୍ତ୍ରୀଙ୍କ ଯଥାକ୍ରମେ ଶୁକ୍ରାଣୁ ଓ ଡିମ୍ବାଣୁକୁ ପରୀକ୍ଷାଗାରର ଟେଷ୍ଟଟ୍ୟୁବ୍‌ରେ ମିଳନ କରାଇ ଭ୍ରୂଣସଞ୍ଚାର କରିବା ସହ ତାହାକୁ ବିକଶିତ କରାଯାଇଥିଲା।

ନିରନ୍ତର ଚାଲିଥିବା ବୈଜ୍ଞାନିକ ଅନୁସନ୍ଧାନ ଓ ପରୀକ୍ଷାନିରୀକ୍ଷା ଏ କ୍ଷେତ୍ରରେ ଆଉ ପାଦେ ଆଗେଇଛି କେବେଠାରୁ। ଏବେ ଆଉ ଟେଷ୍ଟଟ୍ୟୁବ୍ ନୁହେଁ, ସନ୍ତାନ ଧାରଣ କରିବାକୁ ଅକ୍ଷମ ମହିଳା ଓ ତାଙ୍କ ସ୍ୱାମୀଙ୍କ ଡିମ୍ବାଣୁ ଓ ଶୁକ୍ରାଣୁକୁ ମିଳନ କରାଇ ଅନ୍ୟଜଣେ ମହିଳାଙ୍କ ଗର୍ଭାଶୟରେ ସେହି ଭାବିଭ୍ରୂଣକୁ ବଢ଼ିବାକୁ ଦିଆଯାଉଛି। ଭ୍ରୂଣଟି ସେହି ଗର୍ଭ ପ୍ରଦାନକାରୀ (ସେରୋଗେଟ) ମହିଳାଙ୍କ ପେଟରେ ବଢ଼ି ପୂର୍ଣ୍ଣାଙ୍ଗ ହେବା ପରେ ଜନ୍ମଲାଭ କରୁଛି। ଏହାକୁ କେତେକ ଭଡ଼ାଗର୍ଭ ବା ରେଣ୍ଟେଡ୍ ଉମ୍ବ କହୁଛନ୍ତି। ଏଭଳି କହିବା କିନ୍ତୁ ଅନୁଚିତ। ବିଦେଶରେ କେତେକ ମହିଳା ଅବଶ୍ୟ ବ୍ୟାବସାୟିକ ଭାବରେ ଏହି କାମ କରୁଛନ୍ତି ଏବଂ ସ୍ଥଳବିଶେଷରେ ସରୋଗେଟ୍ ମଦର ନ ମିଳିଲେ ସମ୍ପୃକ୍ତ ଦମ୍ପତିଙ୍କ ପରିବାରର କୌଣସି ଜଣେ ମହିଳା ଏହି କାମ ପାଇଁ ଆଗେଇ ଆସିବାର ନିୟମ ରହିଛି। ପ୍ରାକୃତିକ ବା ସ୍ୱାଭାବିକତାରେ ଯେତେବେଳେ ବ୍ୟତିକ୍ରମ ଆସେ ସେତେବେଳେ ଅଦେଖା କଥା ଦେଖିବାକୁ ପଡ଼େ। ବିଜ୍ଞାନ କିନ୍ତୁ ତାହାକୁ ଏକ ନୂତନ ବିକଳ୍ପ ଓ ବାସ୍ତବତା ପ୍ରଦାନ କରୁଛି। ସନ୍ତାନ ଆଶାୟୀ ଦମ୍ପତିମାନେ ଏହି ଉପାୟରେ ପିଲାଟିଏ ପାଇଲେ ସତରେ ଯେ କେତେ ଖୁସି ହେଉ ନଥିବେ, ସେ କଥା କେବଳ ଅନୁଭବୀ ହିଁ ଜାଣି ପାରିବେ। ନିଜର ରକ୍ତକୁ ଅନ୍ୟ ଗର୍ଭ ମାଧ୍ୟମରେ ଭୂମିଷ୍ଠ କରାଇବାର ଆନନ୍ଦ ଅବଶ୍ୟ ନିଆରା। ଏହାଫଳରେ ପୋଷ୍ୟ ସନ୍ତାନ ଗ୍ରହଣର ଆବଶ୍ୟକତା ପଡ଼େନାହିଁ। ଭାରତ ଏକ ରକ୍ଷଣଶୀଳ ସମାଜ। ଏଠାରେ ସମାଜ ଓ ପରିବାର ପରିବର୍ତ୍ତନ ତଥା ନୂତନତ୍ୱକୁ ସହଜରେ ଗ୍ରହଣ କରେ ନାହିଁ। ତେବେ ଶିକ୍ଷା ଓ ସଚେତନତା ବୃଦ୍ଧି ଫଳରେ ଏ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆସିଛି।

ଏବେ ଭାରତ ସରକାର ସରୋଗେସୀ ଆଇନରେ ସଂଶୋଧନ କରିଛନ୍ତି। ଏହାଫଳରେ ଜଟିଳ ସ୍ୱାସ୍ଥ୍ୟଗତ ସ୍ଥିତିର ସମ୍ମୁଖୀନ ଦମ୍ପତି ବିଶେଷ ଉପକୃତ ହୋଇପାରିବେ। ଯେଉଁ ଦମ୍ପତି ପ୍ରଜନନହୀନତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କ ପାଇଁ ଆଶାର କିରଣ ସୃଷ୍ଟି ହୋଇଛି। ସଂଶୋଧିତ ଆଇନରେ କେନ୍ଦ୍ର ସରକାର ଡୋନର ଗ୍ୟାମେଟ୍ ଯଥା ଓଭା କିମ୍ବା ଏଗ୍‌ସେଲ୍‌ଫ ଅଥବା ସ୍ପର୍ମ ଦାନକୁ ଅନୁମତି ଦେଇଛନ୍ତି। ସରଳଭାଷାରେ ଦମ୍ପତିଙ୍କ ମଧ୍ୟରୁ ଜଣେ କେହି ଯଦି ଚିକିତ୍ସା / ସ୍ୱାସ୍ଥ୍ୟଗତ କାରଣରୁ ନିଜର ଗ୍ୟାମେଟ୍ସ ବ୍ୟବହାର କରିବାକୁ ଅକ୍ଷମ ଏବଂ ଏଥିପାଇଁ ଚିକିତ୍ସକ ସାର୍ଟିଫିକେଟ୍ ଦେଇଥିବେ, ସେଭଳି ସ୍ଥଳେ ସେ ଅନ୍ୟର ଗ୍ୟାମେଟ ଯଥା ଗର୍ଭାଶୟ, ଶୁକ୍ରାଣୁ, ଡିମ୍ବାଣୁ ଆଦି ବ୍ୟବହାର କରିପାରିବେ। ଗ୍ୟାମେଟ୍ସର ଅର୍ଥ ହେଲା ପ୍ରାଣୀ ବା ବୃକ୍ଷଲତାଙ୍କ ପ୍ରଜନନକ୍ଷମ କୋଷ। ଜୀବଜଗତରେ ମହିଳାଙ୍କ ଗ୍ୟାମେଟ୍ସରେ ଓଭା ଓ ଏଗ୍‌ସେଲ୍‌ଫ ଏବଂ ପୁରୁଷଙ୍କ କ୍ଷେତ୍ରରେ ଔରସ ବା ଧାତୁ ଅନ୍ତର୍ଭୁକ୍ତ।

ଆହୁରି ମଧ୍ୟ ୨୦୨୨ର ସରୋଗେସୀ ଆଇନରେ ହୋଇଥିବା ସଂଶୋଧନ ଅନୁସାରେ ଏଣିକି ଅକ୍ଷମତା ଯୋଗୁଁ ଉଭୟ ଦମ୍ପତିଙ୍କ ପାଇଁ ଆଗ୍ରହୀ ପତିପତ୍ନୀଙ୍କ ଠାରୁ 'ଗେମେଟ୍ସ' ଆସିବାର ଆବଶ୍ୟକତା ବାଧ୍ୟତାମୂଳକ ନୁହେଁ। ଡାକ୍ତରୀ ବୋର୍ଡର ପରାମର୍ଶକ୍ରମେ ଦମ୍ପତି ସ୍ଥଳବିଶେଷରେ ଅନ୍ୟଠାରୁ ଗେମେଟ ଆଣି ବ୍ୟବହାର କରିପାରିବେ, ଯାହା ଡୋନର ଗେମେଟ ଭାବେ ପରିଚିତ। ଏହି ଡୋନର ବା ଦାନରେ ଆଣିଥିବା ଗେମେଟ୍ସକୁ ଅନ୍ୟ ମହିଳାଙ୍କ ଗର୍ଭରେ ରୋପଣ କରି ସନ୍ତାନ ସୃଷ୍ଟି କରାଯାଇ ପାରିବ।

ବାସ୍ତବରେ ଏହା ଏକ ସ୍ୱାଗତଯୋଗ୍ୟ ବ୍ୟବସ୍ଥା। କାରଣ ଆଗରୁ ବୟସ୍କ ମହିଳା ସନ୍ତାନ ସୃଷ୍ଟି ପାଇଁ ଉତ୍ତମମାନର ଡିମ୍ବାଣୁ ଯୋଗାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ସେ ସମସ୍ୟା ରହିବ ନାହିଁ। ସେମାନେ ଯୁବା ମହିଳାଙ୍କଠାରୁ ଡିମ୍ବାଣୁ ଦାନରେ ଗ୍ରହଣ କରିପାରିବେ। ସ୍ୱାଭାବିକ ଭାବେ ଚିକିତ୍ସକମାନେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ପରିଣତ ବୟସରେ ଜଣେ ମହିଳା ମଧ୍ୟ ସରୋଗେସୀ ମାଧ୍ୟମରେ ମା' ହୋଇପାରିବେ। ଏ ସମ୍ପର୍କରେ ପ୍ରକାଶିତ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ କେବଳ ଇଚ୍ଛୁକ ଦମ୍ପତିଙ୍କଠାରୁ ଡିମ୍ବାଣୁ ଓ ଶୁକ୍ରାଣୁ ଆସିପାରିବ। ଆଗରୁ ଡିମ୍ବାଣୁ ଦାନକୁ ଅନୁମତି ଦିଆଯାଇଥିଲା, ଧାତୁ ବା ସ୍ପର୍ମ ଦାନ ପାଇଁ ଅନୁମତି ମିଳୁନଥିଲା।

ଏମ୍‌ଆରକେଏଚ୍ ଭଳି ଜଟିଳ ବନ୍ଧ୍ୟାଜନିତ ରୋଗରେ ପୀଡ଼ିତ ମହିଳା ଏଥିପାଇଁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହା ଏକ ଜନ୍ମଗତ ରୋଗ ହୋଇଥିବାରୁ ସେମାନଙ୍କର ପ୍ରଜନନ ଶକ୍ତି ବିଘ୍ନିତ ହେବା ସ୍ୱାଭାବିକ। ତେଣୁ ଡୋନର ଏଗ୍ ସହାୟତାରେ ସରୋଗେସୀରେ ଜନନୀ ହେବାକୁ ସେମାନେ ସର୍ବୋଚ୍ଚ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ। ଅଦାଲତ ସେମାନଙ୍କ ସପକ୍ଷରେ ରାୟ ଦେବା ପରେ ସରକାର ପୁରୁଣା ଆଇନକୁ ବଦଳାଇଛନ୍ତି। ତେବେ ଆମ ଦେଶରେ ପ୍ରଚଳିତ ପରମ୍ପରା, ସାମାଜିକ ରୀତି ନୀତି ଦୃଷ୍ଟିରୁ ଏହି ସଂଶୋଧନରେ ସରକାର କିଛି କଟକଣା ରଖିଛନ୍ତି। ନୂଆ ଆଇନ ଏକାକୀ ରହୁଥିବା କିମ୍ବା ଅବିବାହିତ ମହିଳାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ତେବେ ବିଧବା ବା ବିବାହ ବିଚ୍ଛେଦ ହୋଇଥିବା ମହିଳାଙ୍କ ପାଇଁ କିଛି ସୁବିଧା ନୂଆ ନିୟମରେ ରହିଛି। ସେମାନେ ଚାହିଁଲେ ସରୋଗେସୀ ବ୍ୟବସ୍ଥାରେ ନିଜର ଡିମ୍ବାଣୁ ଓ ଦାତାଙ୍କର ସ୍ପର୍ମ (ଧାତୁ) ବ୍ୟବହାର କରି ସନ୍ତାନବତୀ ହୋଇପାରିବେ। ସଂଶୋଧନ ଦ୍ୱାରା ଏହି ଆଇନ ଅଧିକ ମହିଳାଙ୍କ ଭଲ କାମରେ ଲାଗିପାରିବ ଏବଂ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

# ନୂତନ ବିଶ୍ୱ ନିର୍ମାଣରେ ଭାରତର ଭୂମିକା



ବିଲ୍ ଗେଟ୍ସ

ମୁଁ ଏହି ସପ୍ତାହରେ ଭାରତ ଗସ୍ତରେ ଯାଉଛି। ଏହାପୂର୍ବରୁ, ୧୯୯୦ ଦଶକରୁ ମୁଁ ଅନେକଥର ଭାରତ ଭ୍ରମଣରେ ଯାଇଛି। ବର୍ଷ ବର୍ଷ ଧରି ମୁଁ ସେହି ଦେଶର ସମୃଦ୍ଧ ଇତିହାସ ବିଷୟରେ ଜାଣିବାକୁ ଚେଷ୍ଟା କରିଛି। ବିଗତ ପରିଭ୍ରମଣ ସମୟରେ ତାଜମହଲ ସମେତ ଭାରତର ଆଉ କେତେକ ଚମତ୍କାର ସ୍ମାରକୀ ପରିଦର୍ଶନ କରିଥିଲି। କିନ୍ତୁ ଯେତେବେଳେ ମୁଁ ନୂତନ ବିଶ୍ୱ ନିର୍ମାଣରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଚିନ୍ତା କରୁଛି, ସେତେବେଳେ ଯାହା ପ୍ରଥମେ ମନକୁ ଆସୁଛି, ତାହା ହେଲା ବିଶ୍ୱକୁ ଭାରତର ଅନୁପମ ଉପହାର, ଏହାର ନୂତନ ଜ୍ଞାନକୌଶଳ ଉଦ୍ଭାବନ କରିବାର କ୍ଷମତା!

ଏହି ଦେଶରେ ଗୁରୁତ୍ୱପୂର୍ଣ୍ଣ ସଫଳତାର ଦୀର୍ଘ ଇତିହାସ ରହିଛି। ପ୍ରାଚୀନ ଭାରତର ଗଣିତଜ୍ଞମାନେ ସଂଖ୍ୟାବିଜ୍ଞାନ ପାଇଁ ଦଶମିକ ପ୍ରଣାଳୀ ପ୍ରବର୍ତ୍ତନ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଓ ବିଶ୍ୱ ମାନ୍ୟତା ପାଇଛନ୍ତି। ସମ୍ପ୍ରତି ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏପରି ଅଗ୍ରଗତି କରିଛି, ଯାହା ଏହି ଦେଶ ବ୍ୟତୀତ ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରିପାରୁଛି। ଏହି ପ୍ରୟାସ ଦିନକୁ ଦିନ ଆହୁରି ଉନ୍ନତି ମଧ୍ୟ କରୁଛି। ଏହି ପ୍ରୟାସରେ "ଗେଟ୍ସ ଫାଉଣ୍ଡେସନ" ଏକ ଅଂଶୀଦାର ହୋଇଛି। ଅବହେଳିତ ବର୍ଗଙ୍କ ନିକଟରେ ଭାରତର ଏହି ପ୍ରୟାସ କିପରି ଅଧିକରୁ ଅଧିକ ପହଞ୍ଚିପାରିବ ସେହି କ୍ଷେତ୍ରରେ ଚିନ୍ତାଧାରା ଓ କାର୍ଯ୍ୟଧାରାକୁ ଆହୁରି ଅଧିକ ବିକଶିତ କରିବା ପାଇଁ ଆମେ କିପରି ଭାରତକୁ ସହଯୋଗ କରିପାରିବୁ ସେହି ଉଦ୍ଦେଶ୍ୟରେ ମୁଁ ଏଥର ଭାରତ ଭ୍ରମଣରେ ଯାଉଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ମୋର ସାକ୍ଷାତ ଆଲୋଚନା ବେଳେ ଏହା ଏକ ମୁଖ୍ୟ ପ୍ରସଙ୍ଗ ହେବ।

ସ୍ୱାସ୍ଥ୍ୟସେବା ହେଉଛି ଏପରି ଏକ କ୍ଷେତ୍ର, ଯେଉଁଠାରେ ଭାରତ ବଡ଼ବଡ଼ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମରତ। ଭାରତ ହେଉଛି ବିଶ୍ୱର ସର୍ବବୃହତ ପ୍ରତିଷେଧକ ଟିକା ଉତ୍ପାଦନକାରୀ ଦେଶ। ନିମ୍ନଆୟକାରୀ ଗରିବ ଦେଶମାନଙ୍କରେ ରହୁଥିବା ପ୍ରାୟ ୧୦୦ କୋଟି ଶିଶୁଙ୍କୁ ମାଗଣା ଟିକାକରଣ ପାଇଁ ସମର୍ପିତ ଅନୁଷ୍ଠାନ 'ଗାଭି'କୁ ଭାରତ ମୋଟ ଆବଶ୍ୟକତାର ୬୦% ଟିକା ପ୍ରଦାନ କରୁଛି। ଭାରତୀୟ କମ୍ପାନୀଗୁଡ଼ିକ ସୁଲଭ ମୂଲ୍ୟରେ ଉଚ୍ଚମାନର ଟିକା ଓ ଔଷଧ ଉତ୍ପାଦନ କରୁଛନ୍ତି। ତେଣୁ ଏଚ୍‌ଆଇଭି/ଏଡ୍ସ, ରୋଟାଭାଇରସ୍, କୋଭିଡ୍ ଇତ୍ୟାଦି ସଂକ୍ରମଣଜନିତ ରୋଗର ସୁଲଭ ଚିକିତ୍ସା କ୍ଷେତ୍ରରେ ଭାରତ ବିଶ୍ୱରେ ଅଗ୍ରଣୀ ଦେଶର ମାନ୍ୟତା ପାଇଛି। ଭାରତ ସରକାର ଟିକା ଯୋଗାଣ କ୍ଷେତ୍ରରେ ଜାତୀୟ ଚାହିଦା ପୂରଣ କରିପାରିବା ସହିତ ଅନୁନ୍ନତ ଦେଶଗୁଡ଼ିକର ଚାହିଦା ପୂରଣରେ ମଧ୍ୟ ସକ୍ଷମ ହୋଇପାରିଛି। ଏବେ ଡାକ୍ତରୀ ଉପକରଣ ଓ ନିଦାନ କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ଯୋଜନା କାର୍ଯ୍ୟକାରୀ କରୁଛି।

ଭାରତର ଏହି ପ୍ରଶଂସନୀୟ ଉଦ୍ୟମ ଯୋଗୁଁ ବିକାଶଶୀଳ ଦେଶଗୁଡ଼ିକ ବର୍ତ୍ତମାନ ନୂତନ ଔଷଧ ଓ ଟିକା ଖୁବ୍ ଶୀଘ୍ର ପାଇପାରୁଛନ୍ତି। ଭାରତର ଏହି ପ୍ରୟାସକୁ ବର୍ତ୍ତମାନ ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସଫଳତା ଭାବରେ ମୁଁ ସ୍ଥାନିତ କରେ। ଟିକା ଓ ଔଷଧ ଯୋଗାଣ କ୍ଷେତ୍ରରେ ଉନ୍ନତି ପାଇଁ ଆମେ ବିଶ୍ୱ ସାରା ପ୍ରୟାସ କରୁଥିଲେ ମଧ୍ୟ ଅନ୍ତିମ ସୋପାନରେ ପହଞ୍ଚିପାରିନାହୁଁ। ଯେତେବେଳେ ବିକଶିତ ଦେଶରେ କୌଣସି ଟିକା କିମ୍ବା ଔଷଧ ପ୍ରସ୍ତୁତ ହେବା ସହିତ ତାହା ଯଦି ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କରେ ମଧ୍ୟ ଏକାସାଙ୍ଗରେ ଉପଲବ୍ଧ ହୋଇପାରିବ ସେତେବେଳେ ଯାଇ ଆମେ ପୂର୍ଣ୍ଣ ସଫଳତାପ୍ରାପ୍ତ ବୋଲି ପ୍ରମାଣିତ ହେବ। ଅନ୍ୟ ଏକ କ୍ଷେତ୍ର, ଯେଉଁଥିରେ ଭାରତର ଅଭିନବ ଉଦ୍ୟମକୁ ମୁଁ ପ୍ରଶଂସା କରେ, ତାହା ହେଉଛି ସର୍ବସାଧାରଣଙ୍କ ପାଇଁ ଡିଜିଟାଲ୍ ଭିତ୍ତିଭୂମି ବା ଡିପିଆଇ। ସଂକ୍ଷେପରେ, ଡିପିଆଇ ସେହି ବ୍ୟବସ୍ଥା ଓ ଉପକରଣଗୁଡ଼ିକୁ ବୁଝାଏ,



ଯାହା ବିଭିନ୍ନ ସାର୍ବଜନୀନ ସରକାରୀ ସେବା ସୁଚାରୁ ରୂପେ ପ୍ରଦାନ କରିବାରେ ସାହାଯ୍ୟ କରେ। ଭାରତର ବାୟୋମେଟ୍ରିକ୍ ପରିଚୟ କାର୍ଯ୍ୟକ୍ରମ 'ଆଧାର' ଜରିଆରେ ୧୪୦ କୋଟିରୁ ଅଧିକ ଲୋକ ଉପକୃତ ହୋଇପାରୁଛନ୍ତି। ତାହାଦ୍ୱାରା ସେମାନଙ୍କୁ ଫଟୋ କିମ୍ବା ଅନ୍ୟ କୌଣସି ପରିଚୟପତ୍ର ବିନା ସମସ୍ତ ପ୍ରକାରର ସରକାରୀ ସେବା ଯୋଜନାର ଉପକାର ମିଳିପାରୁଛି। ସେଇଭଳି ୟୁପିଆଇ ମଧ୍ୟ ଏକ ଡିଜିଟାଲ୍ ଦେୟ ବ୍ୟବସ୍ଥା, ଯାହା ଆପଣଙ୍କ ବ୍ୟବସାୟ ପ୍ରକ୍ରିୟାକୁ ସୁରକ୍ଷିତ ଓ ସୁଦୃଢ଼ କରେ। ସମ୍ପ୍ରତି ମାସକୁ ୧୨୦୦ କୋଟିରୁ ଅଧିକ କାରବାର ଏହି ୟୁପିଆଇ ମଞ୍ଚ ମାଧ୍ୟମରେ କରାଯାଉଛି। ମୋର ଏଥର ଭାରତ ଗସ୍ତ ସମୟରେ ମୁଁ ଏହି ବ୍ୟବସ୍ଥାକୁ ଆହୁରି ଭଲ ଭାବରେ ନିରୀକ୍ଷଣ କରିବି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଗାମୀ ଭାରତ ଗସ୍ତ ସମୟରେ ମୁଁ ସେହି ଦେଶର ରାଜ୍ୟ 'ଓଡ଼ିଶା'କୁ ଯାଇ ସେଠାକାର କୃଷି ନିରୀକ୍ଷଣ କେନ୍ଦ୍ର ପରିଦର୍ଶନ କରିବି, ଯେଉଁଠାରେ ସରକାରୀ କର୍ମଚାରୀମାନେ କୃଷକମାନଙ୍କୁ ସମୟୋପଯୋଗୀ ଆଧୁନିକ ମାର୍ଗଦର୍ଶନ ଦେବା ପାଇଁ "ଡିପିଆଇ" ବ୍ୟବହାର କରୁଛନ୍ତି। 'ଆଧାର' ବ୍ୟବସ୍ଥାକୁ ମୁଁ ପୁଣି ଏଥିପାଇଁ ଧନ୍ୟବାଦ ଦେବି ଯେ ଏହାଦ୍ୱାରା ଓଡ଼ିଶାର ଏହି ନିରୀକ୍ଷଣ କେନ୍ଦ୍ରଗୁଡ଼ିକରେ ୭.୫ ନିୟୁତ ଭୂମିହୀନ କୃଷକ ଶୃଙ୍ଖଳିତ ଭାବେ ପଞ୍ଜିକୃତ ହୋଇପାରିଛନ୍ତି। ଭୂମିହୀନ କୃଷକମାନଙ୍କର କୌଣସି ଭୂମି ମାଲିକାନା ତଥ୍ୟାଧାର ନଥିଲେ ମଧ୍ୟ ସେମାନେ କେଉଁ ଫସଲ ଚାଷ କରୁଛନ୍ତି ସେ ବିଷୟରେ ଏହି ଡିଜିଟାଲ ବ୍ୟବସ୍ଥା ଦ୍ୱାରା ସରକାରୀ ଅଧିକାରୀମାନେ ଜାଣିପାରିବେ ଏବଂ ସେହି ଅନୁଯାୟୀ ଚାଷୀମାନଙ୍କ ଆବଶ୍ୟକ ମୁତାବକ ବିଭିନ୍ନ ସହାୟତା ଯୋଗାଇପାରିବେ। ଆହୁରି ମଧ୍ୟ କୃଷକମାନଙ୍କ ସହିତ ସେମାନଙ୍କର କୃଷି ସମ୍ବନ୍ଧୀୟ ସମସ୍ୟା ଓ ତା'ର ସମାଧାନ ପାଇଁ ସ୍ଥାନୀୟ ଭାଷାରେ କଥାବାର୍ତ୍ତା କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରାଯାଇଛି। "ଚାଟବଟ୍" ଜରିଆରେ ଆରମ୍ଭ ହୋଇଥିବା ଏହି ଯୋଜନା ମାଧ୍ୟମରେ କୃଷି ସମ୍ବନ୍ଧୀୟ ସର୍ବଶେଷ ଓ ସବିଶେଷ ସୂଚନା ପାଇବା ସହଜ ହେଉଛି। ୨୦୧୮ ରୁ ଆରମ୍ଭ ହୋଇଥିବା ଏହି ସେବା ଅଧୀନସ୍ଥ କୀଟନାଶକ ପରିଚାଳନା କାର୍ଯ୍ୟକ୍ରମ ବର୍ତ୍ତମାନ ୪ ନିୟୁତରୁ ଅଧିକ ଚାଷୀଙ୍କ ନିକଟରେ ପହଞ୍ଚି ପାରିଛି ଏବଂ ଚାଷୀମାନେ ସେମାନଙ୍କ କ୍ଷତି ପରିମାଣ ୯୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରିଛନ୍ତି। ଏବେ ଭାରତର ଅନ୍ୟ ରାଜ୍ୟ ସମେତ ଇଥିଓପିଆ, ଶ୍ରୀଲଙ୍କା ଏବଂ ବିଶ୍ୱ ବ୍ୟାଙ୍କ ମଧ୍ୟ ଓଡ଼ିଶାର ଏହି ସେବା, ଅଭିଜ୍ଞତା ତଥା ବାୟୋମେଟ୍ରିକ୍ ଆଇଡି, ଡିଜିଟାଲ୍ ପେମେଣ୍ଟ ଆଦି ଜ୍ଞାନକୌଶଳ ଶିଖିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

ଏହି ସପ୍ତାହରେ, ମୁଁ ଓଡ଼ିଶାର ଏକ ସ୍ୱଳ୍ପ ଆୟକାରୀ ଗୋଷ୍ଠୀର କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରିବି, ଯେଉଁଠାରେ ବିଭିନ୍ନ ନିର୍ମାଣ ପ୍ରକଳ୍ପକୁ ଚୁକ୍ତିବଦ୍ଧଭାବେ ସମ୍ପୂର୍ଣ୍ଣ କରିବା ପାଇଁ ମହିଳାମାନଙ୍କୁ ସରକାରୀ କାର୍ଯ୍ୟକ୍ରମ ଦ୍ୱାରା ଦକ୍ଷ ଓ କୁଶଳୀ କରାଯାଇପାରୁଛି। ୨୦୧୮ଠାରୁ ଏହି କାର୍ଯ୍ୟକ୍ରମ ଜରିଆରେ ୨୨,୦୦୦ମହିଳା ଗୋଷ୍ଠୀଙ୍କୁ ୫୨, ୦୦୦ରୁ ଅଧିକ ପ୍ରକଳ୍ପ ନିର୍ମାଣରେ ସହାୟତା କରାଯାଇପାରିଛି, ଯାହା ମଧ୍ୟରେ ରାସ୍ତା, ଡ୍ରେନ୍, ଶୌଚାଳୟ ଆଦିର ନିର୍ମାଣ ମଧ୍ୟ ସାମିଲ ଅଛି। ଏକାଭଳି ଆହ୍ୱାନର ସମ୍ମୁଖୀନ ହେଉଥିବା ଅନ୍ୟ ଦେଶମାନଙ୍କ ପାଇଁ ଓଡ଼ିଶାର ଏହି କାର୍ଯ୍ୟକ୍ରମ ନିଶ୍ଚୟ ଅନୁକରଣୀୟ ହୋଇପାରେ। ଏହି କାର୍ଯ୍ୟକ୍ରମ ଏଇଥିପାଇଁ ଉଦାହରଣୀୟ ଯେ ଏଥିରେ ଅଂଶଗ୍ରହଣ କରୁଥିବା ମହିଳାମାନେ ପ୍ରକଳ୍ପର ଅଂଶୀଦାର ହେବା ସହିତ ବୈଷୟିକ କାମ, ହିସାବ ରକ୍ଷଣ, ଠିକା, ଚୁକ୍ତି ନିଷ୍ପତ୍ତି ଆଦି ସବୁ ପାଇଁ ତାଲିମ ପାଆନ୍ତି ଏବଂ ପ୍ରକଳ୍ପ ଯୋଜନା ଚୂଡ଼ାନ୍ତ କରିବା, ସେଥିପାଇଁ ବଜେଟ୍ ପ୍ରସ୍ତୁତ କରିବା, ନିର୍ମାଣ କାର୍ଯ୍ୟ ତଦାରଖ କରିବା ଏବଂ ନିର୍ମାଣ ସରିଯିବା ପରେ ତାହାର ରକ୍ଷଣାବେକ୍ଷଣରେ ମଧ୍ୟ ସାମିଲ ହୁଅନ୍ତି। ସେଭଳି କାର୍ଯ୍ୟକ୍ରମର ଅଂଶବିଶେଷ ହୋଇଥିବା କେତେକ ମହିଳାଙ୍କୁ ଭେଟିବାକୁ ମୁଁ ଆଗ୍ରହୀ ଅଛି। ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ସେମାନଙ୍କ ସଫଳତାର କାହାଣୀ ସେମାନଙ୍କଠାରୁ ଶୁଣିବାକୁ ଚାହୁଁଛି।

ଭାରତ କିପରି ସହରାଞ୍ଚଳ ଦାରିଦ୍ର୍ୟ, ବିଶେଷକରି ମହିଳାମାନଙ୍କ ସମସ୍ୟା କ୍ଷେତ୍ରରେ ମୁକାବିଲା କରୁଛି ସେ ବିଷୟରେ ମୁଁ ଅଧିକ ଜାଣିବାକୁ ଅପେକ୍ଷା କରିଛି। ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ସହରୀ ଜନସଂଖ୍ୟା ମଧ୍ୟରୁ ଭାରତ ଅନ୍ୟତମ। ଭାରତର ବିଭିନ୍ନ ରାଜ୍ୟ ଓ ସହରରେ ୧୦୦ ନିୟୁତରୁ ଅଧିକ ଲୋକ ବସ୍ତିରେ ବାସ କରନ୍ତି, ଯେଉଁଠାରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବିଶୁଦ୍ଧ ପାନୀୟ ଜଳ ପରି ମୌଳିକ ସେବା ପାଇବା କଷ୍ଟସାଧ୍ୟ। ବିଶେଷକରି ଲିଙ୍ଗଗତ ଭେଦଭାବ ଓ ହିଂସା ଯୋଗୁଁ ମହିଳାମାନେ ବିଶେଷ ଅସୁରକ୍ଷିତ ବର୍ଗରେ ଆସୁଥିବାରୁ ବସ୍ତିମାନଙ୍କରେ ସେମାନଙ୍କ ଜୀବନଧାରଣକୁ ମଧ୍ୟ ମୁଁ ନିରୀକ୍ଷଣ କରିବାକୁ ଚାହୁଁଛି।

ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଭାରତର ଅଭିନବ କ୍ଷମତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସାରା ବିଶ୍ୱର ବୈଜ୍ଞାନିକଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିବା କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା, ପୂର୍ବାନୁମାନକୁ ଭୁଲ୍ ସାବ୍ୟସ୍ତ କରୁଥିବା ପାଣିପାଗ, ସବୁଜ ଗୃହ ବାଷ୍ପ ଆଦି ସମସ୍ୟାରେ ଭାରତୀୟମାନେ ପ୍ରଭାବିତ ହୋଇସାରିଛନ୍ତି। ତେଣୁ ଏହିସବୁ ଜଳବାୟୁ ସଂକ୍ରାନ୍ତ ସମସ୍ୟାର ନିରାକରଣ ପାଇଁ ସଫଳ ଉଦ୍ଭାବନ, ଉତ୍ପାଦନ ଏବଂ ନିୟୋଜନ କାର୍ଯ୍ୟକ୍ରମ ଏ କ୍ଷେତ୍ରରେ ଭାରତର କ୍ଷମତାକୁ ସୂଚିତ କରୁଛି। ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁରେ ଫସଲ ଏବଂ ପଶୁମାନଙ୍କ ଉତ୍ପାଦକତା ବୃଦ୍ଧି ପାଇଁ ଆବଶ୍ୟକ ଗବେଷଣାରେ ଭାରତ ପୁଞ୍ଜି ବିନିଯୋଗ କରୁଛି ଏବଂ ଅକ୍ଷୟ ଶକ୍ତିର ଅଧିକରୁ ଅଧିକ ଉତ୍ପାଦନ ପାଇଁ ଯୋଜନା ବିସ୍ତାର କରୁଛି।

ବିଶ୍ୱକୁ ପରିବର୍ତ୍ତନ କରିବାକୁ ଯାଉଥିବା ଭାରତର ଅନେକ ଅଭିନବ ଉଦ୍ଭାବନ ମଧ୍ୟରୁ ଉପରୋକ୍ତ କ୍ଷେତ୍ରଗୁଡ଼ିକ କେତେକ ଉଦାହରଣ ମାତ୍ର। ଏହି ତାଲିକାରେ ମୁଁ ଆହୁରି ଅନେକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିପାରିବି ଏବଂ ମୁଁ ନିଶ୍ଚିତ ଯେ ମୋର ଚଳିତ ଭାରତ ଭ୍ରମଣ ସମୟରେ ମୁଁ ଅଧିକ କିଛି ନୂତନ ବିଷୟରେ ଜାଣିବାକୁ ପାଇବି। ମୁଁ ସେଠାରେ ରାଜନୈତିକ ନେତା, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ସହ କଥାବାର୍ତ୍ତା କରିବାକୁ ଅପେକ୍ଷା କରିଛି, ଯେଉଁମାନେ ଭାରତର ଅଭିନବ ଉଦ୍ଭାବନ ଉଦ୍ୟମରେ ଯୋଗଦାନ ଦେଇଛନ୍ତି। ବିଶ୍ୱକୁ ଆହୁରି ଅନେକ କିଛି ଅବଦାନ ଦେବାକୁ ଭାରତ ନିକଟରେ ଯଥେଷ୍ଟ ସମ୍ବଳ, କ୍ଷମତା, ଦକ୍ଷତା ଓ ବୁଦ୍ଧିମତ୍ତା ରହିଛି। ମୁଁ ଆଶାବାଦୀ ଯେ ଆଗାମୀ ଦିନରେ ଏକ ନବ୍ୟ ସାମ୍ୟବାଦୀ ବିଶ୍ୱ ଗଠନରେ ଭାରତ ନେତୃତ୍ୱ ନେବ।

**(ବିଶ୍ୱବିଖ୍ୟାତ ଆଇଟି ଉଦ୍ୟୋଗପତି ତଥା 'ବିଲ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍'ର ଅଧ୍ୟକ୍ଷ ବିଲ୍ ଗେଟ୍ସଙ୍କ ଭାରତ ଓ ଓଡ଼ିଶା ଗସ୍ତ ଅବ୍ୟବହିତ ପୂର୍ବରୁ ସେ ଦେଇଥିବା ବାର୍ତ୍ତା)**

ସୌଜନ୍ୟ: GatesNotes.com

# ବଳିପ୍ରଥାର ଅନ୍ତ କେବେ?



ଅକ୍ଷୟ କୁମାର ମିଶ୍ର
କଟକ, ମୋ: ୯୯୩୮୭୬୩୨୩୭

ଦୈନିକ ଖବର କାଗଜରେ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ଖବର ପ୍ରକାଶ ପାଏ। ସେହି ଖବରଟି ଯେତିକି ଲୋମହର୍ଷଣକାରୀ ସେତିକି ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ। ଖବରଟିର ଶୀର୍ଷକ ହୁଏ 'ଦେବୀ ପୀଠ ହେଲା ରକ୍ତ ରଞ୍ଜିତ'। ମନସ୍କାମନା ପୂରଣ ପାଇଁ ମାନସିକ କରିଥିବା ଲୋକମାନଙ୍କର ଇଚ୍ଛା ଫଳବତୀ ହେବା ପରେ ମାଆଙ୍କ ଉପରେ ଖୁସି ହୋଇ କାହିଁ କେତେ ଦୂରରୁ କୁକୁଡ଼ା, ଛେଳି, ମେଣ୍ଢା ଧରି ଧାଇଁ ଆସିଥିଲେ ରକ୍ତ ଦେଇ ଦେବୀମାତାଙ୍କୁ ସନ୍ତୁଷ୍ଟ କରିବାକୁ। ସବୁଠାରୁ ଅଧିକ ବିଡ଼ମ୍ବନା ହେଉଛି ଘଟଣା ସ୍ଥଳରେ ପୁଲିସ ତଥା ସ୍ଥାନୀୟ ବିଭିନ୍ନ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହୁଥିଲେ ମଧ୍ୟ ଏଭଳି କାର୍ଯ୍ୟକୁ ନିରବରେ ଦେଖଣାହାରୀ ସାଜନ୍ତି।

ଏକବିଂଶ ଶତାବ୍ଦୀରେ ମଣିଷ ପାଦ ଥାପିଲାଣି। ବିଜ୍ଞାନର ଉତ୍କର୍ଷତା ହେତୁ ଆମେ ଜହ୍ନ ରାଇଜର ଠିକଣା ପାଇ ସାରିଲୁଣି। ମଙ୍ଗଳ ଅଭିଯାନର ସଫଳତା ହାତ ପାଆନ୍ତାରେ। ତଥାପି ଅନ୍ଧବିଶ୍ୱାସର ବୁଢ଼ିଆଣୀ ଜାଲରେ ପଡ଼ି ଆମେ ଛଟପଟ ହେଉଛୁ। ସେହି ଅନ୍ଧବିଶ୍ୱାସଗୁଡ଼ିକ ମଧ୍ୟରେ ଏକ କଳଙ୍କିତ ପ୍ରଥା ହେଲା ବଳି ପ୍ରଥା। ଦେବାଦେବୀଙ୍କୁ ପ୍ରସନ୍ନ କରି ଅଲୌକିକ ଶକ୍ତିର ଅଧିକାରୀ ହେବା ନିମନ୍ତେ ମଣିଷ ନିଜର ବୁଦ୍ଧି, ବିବେକ, ଜ୍ଞାନକୁ ଉପଯୁକ୍ତ ମାର୍ଗରେ ବିନିଯୋଗ ନ କରି ସ୍ୱାର୍ଥାନ୍ଧ ପାଲଟି ଯାଉଛି। ବିଭିନ୍ନ ପ୍ରକାରର ପଶୁ, ପକ୍ଷୀ ଏପରିକି ମଣିଷକୁ ବିଶେଷକରି ଠାକୁରାଣୀଙ୍କ ସମ୍ମୁଖରେ ବଳି ପକାଇ ସେହି ଜୀବର ରକ୍ତକୁ ଦେବୀଙ୍କୁ ଅର୍ପଣ କରୁଛି। ଏମିତି ଏକ ବୀଭତ୍ସ ପ୍ରଥା ପ୍ରତି ଅନେକଙ୍କର ନାପସନ୍ଦ ଥିଲେ ମଧ୍ୟ ଧର୍ମୀୟ ଭାବପ୍ରବଣତାରେ ଶିକାର ହୋଇ ସେମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିପାରୁ ନାହାନ୍ତି। ପ୍ରକାରାନ୍ତରେ ଏହାକୁ ସମର୍ଥନ ଜଣାଉଛନ୍ତି। ପୁନଶ୍ଚ ଏହାକୁ ବିରୋଧ କଲେ ଦେବୀଙ୍କର ରୋଷର ଶିକାର ହେବାକୁ ପଡ଼ିବ ବୋଲି ଏକ ଅହେତୁକ ଭୟ ମଧ୍ୟ ଅନେକଙ୍କୁ ଗ୍ରାସ କରୁଛି। ଆମେ ଏମିତି ଏକ ଧର୍ମୀୟ ଧାରଣା ଦ୍ୱାରା ଆକ୍ରାନ୍ତ ଯେ ସମସ୍ତ ବୈଜ୍ଞାନିକ ପ୍ରମାଣ ଆମ ସମ୍ମୁଖରେ ଥିଲେ ମଧ୍ୟ କଳ୍ପିତ ଦେବାଦେବୀଙ୍କ ଅଦୃଶ୍ୟ ଶକ୍ତି ଆମ ଜୀବନର ଘଟଣା ପ୍ରବାହକୁ ନିୟନ୍ତ୍ରଣ କରୁଛି ବୋଲି ଆମର ଅଖଣ୍ଡ ବିଶ୍ୱାସ। ଏହି ବିଶ୍ୱାସକୁ ଆଧାର କରି କାହିଁ କେଉଁ ପ୍ରାଚୀନ କାଳରୁ କୁତ୍ସିତ ବଳି ପ୍ରଥା ପ୍ରଚଳିତ, ଯାହା ତନ୍ତ୍ର ସାଧନାର ମୂଳପିଣ୍ଡ। ଏହି ତନ୍ତ୍ର ସାଧକମାନଙ୍କର ବାଖ୍ୟା ହେଲା- ଛାଗ ବଳି ଦେଲେ ବାଗ୍ମୀ, ମେଷ ବଳି ଦେଲେ କବିତ୍ୱ ପ୍ରାପ୍ତି ହୁଏ। ମଇଁଷି ବଳି ଦେଲେ ଧନସମ୍ପଦ ବୃଦ୍ଧି ହୁଏ, ରାଜଗାଦି ମିଳେ। ମୃଗ ବଳି ଦେଲେ ମୋକ୍ଷ ପ୍ରାପ୍ତି ଓ ମଣିଷ ବଳି ଦେଲେ ଧନସମ୍ପଦ ବୃଦ୍ଧି ହୁଏ, ରାଜଗାଦି ମିଳେ, ସମସ୍ତଙ୍କୁ ବଶୀଭୂତ କରିବାର କ୍ଷମତା ମିଳିଯାଏ। ଅତୀତରେ ମେରିଆ ବଳି ପ୍ରଥା ଅର୍ଥାତ୍ ହଳଦୀ କିଆରିରେ ନରବଳି ଦେଲେ ଧରଣୀ ମାତା ସନ୍ତୁଷ୍ଟ ହୋଇ ଫସଲ ଅଜାଡ଼ି ଦେବେ ବୋଲି ଆମ ରାଜ୍ୟର ଅନେକ ଲୋକ ବିଶ୍ୱାସ କରୁଥିଲେ। ସେହିପରି ଅନେକ ରାଜପରିବାର ପ୍ରଚଳନ କରିଥିବା ଗଡ଼ଚଣ୍ଡୀ ପୂଜାରେ ମଧ୍ୟ ଏହି ଅମାନବୀୟ କାର୍ଯ୍ୟ ଜନସମ୍ମୁଖରେ କରାଯାଉଥିଲା। ଯାହାର ପ୍ରଭାବ ଆମ ରାଜ୍ୟର ଅନେକ ଜାଗାରେ ଆଜିବି ଦୃଷ୍ଟିଗୋଚର ହୁଏ। ବହୁ ଚଣ୍ଡୀ ମନ୍ଦିରରେ ଏବେ ବି ପଶୁବଳି ପାରମ୍ପରିକ ରୀତି ଅନୁଯାୟୀ ଚାଲିଛି। କଳାହାଣ୍ଡି ଜିଲ୍ଲାରେ ହେଉଥିବା ଛତର ଯାତ୍ରା, ବଲାଙ୍ଗୀର ଜିଲ୍ଲାର ଶୁଳିଆ ଯାତ୍ରା, ସମ୍ବଲପୁର ଜିଲ୍ଲାର ବଏଲ୍ ଯାତ୍ରାରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପଶୁପକ୍ଷୀ ବଳି ପଡୁଛି। ଏହାବ୍ୟତୀତ ବହୁ କାଳୀ ମନ୍ଦିରରେ କାଳୀପୂଜା ସମୟରେ, ଚଣ୍ଡୀପୀଠରେ ଦୁର୍ଗାପୂଜା ସମୟରେ ଊଣାଅଧିକେ ସବୁ ଜିଲ୍ଲାରେ ପଶୁବଳି ଚାଲିଛି ସମସ୍ତଙ୍କ ଜ୍ଞାତସାରରେ।

ବିଡ଼ମ୍ବନା ହେଉଛି ୧୮୫୧ ମସିହାରେ ଇଂରେଜ ସରକାରଙ୍କ ସମୟରୁ ମେରିଆ ବଳି ପ୍ରଥା ନିଷିଦ୍ଧ ଘୋଷିତ ହୋଇଛି। ପଶୁ ସୁରକ୍ଷା ନିମିତ୍ତ ୧୯୬୦ ମସିହାରେ ଆମ ଦେଶରେ ଗଢ଼ା ହୋଇଛି 'ପ୍ରିଭେନସନ୍ ଅଫ କ୍ରୁୟେଲିଟି' ନାମକ କେନ୍ଦ୍ରୀୟ ଆଇନ। ଏକ ଜନସ୍ୱାର୍ଥ ମାମଲାରେ ଆମ ରାଜ୍ୟର ଉଚ୍ଚ ନ୍ୟାୟାଳୟ ପଶୁବଳିକୁ ନିଷିଦ୍ଧ ଘୋଷଣା କଲା ପରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି ରାୟ ଉପରେ ମୋହର ଲଗାଇଛନ୍ତି। ତଥାପି ଚାଲିଛି ଏହି ବର୍ବରୋଚିତ କାର୍ଯ୍ୟ। ନାହିଁ ପ୍ରତିବନ୍ଧକ। ବହୁ ପ୍ରତିଷ୍ଠିତ ରାଜନେତା ଏହାକୁ ସମର୍ଥନ କରୁଛନ୍ତି। ପ୍ରଶାସନ ନୀରବଦ୍ରଷ୍ଟା ସାଜୁଛି। ଏହାର ପ୍ରଭାବ ସାଧାରଣ ଲୋକଟି ଉପରେ ପଡୁଛି। ସେ ଧରି ନେଉଛି ପଶୁବଳି ଦେଲେ ଅଧିକ ଦୈବୀକୃପା ମିଳିବ। ଏଥିପାଇଁ ମାନସିକ କରୁଛି। ସଂଯୋଗକ୍ରମେ ଯଦି ଇଚ୍ଛା ପୂରଣ ହୋଇଗଲା ତେବେ ଛେଳି, ମେଣ୍ଢା, କୁକୁଡ଼ା ଧରି ଧାଉଁଛି ସେହି ଦେବୀପୀଠକୁ।

ମଣିଷର ବର୍ବରତା ପଶୁବଳି ପାଖରେ ଅଟକି ଯାଇ ନାହିଁ। ତନ୍ତ୍ର ସାଧନାର ଅନ୍ତିମ ପର୍ଯ୍ୟାୟ ହେଉଛି ନରବଳି। ଏହି ତାନ୍ତ୍ରିକମାନେ ନିଜ ସାଧନାର ଭୂମି ଭାବରେ ନିଘଞ୍ଚ ଜଙ୍ଗଲର କୌଣସି ଏକ ନିର୍ଜନ ସ୍ଥାନ, ନଚେତ୍ ପାହାଡ଼ର ଶିଖରଦେଶ, ନହେଲେ ଜନପଦଠାରୁ ଦୂରରେ ଥିବା କୌଣସି ଏକ ପରିତ୍ୟକ୍ତ ଗୃହ ବା ଶ୍ମଶାନକୁ ଚୟନ କରନ୍ତି। ଅମାପ ଅଦୃଶ୍ୟ ଅଲୌକିକ ଶକ୍ତିର ଅଧିକାରୀ ହେବା ପାଇଁ ଏମାନେ ନରବଳି ଦେଇ ଆରାଧ୍ୟ ଦେବୀଙ୍କୁ ପ୍ରସନ୍ନ କରିବାକୁ ଚାହାନ୍ତି। ମାୟାଜାଲରେ ଫସାଇବାକୁ ଚେଷ୍ଟା କରନ୍ତି ଦୁର୍ବଳମନା ଲୋକଙ୍କୁ। ଏମାନେ ଏମିତି ଏକ ଅବାସ୍ତବ ଦୁନିଆର ପରିକଳ୍ପନା କରିବସନ୍ତି, ଯାହାକୁ ହାତମୁଠାରେ ପାଇବା ପାଇଁ ରକ୍ତର ସମ୍ପର୍କକୁ ମଧ୍ୟ ତୁଚ୍ଛ ମନେ କରନ୍ତି ଇନ୍ଦ୍ରଜାଲରେ ଛନ୍ଦି ହୋଇଥିବା ଲୋକମାନେ। ଏହି ପୈଶାଚିକ ପ୍ରବୃତ୍ତିରୁ ନିଜ ପୁଅ ଝିଅ ବି ବାଦ୍ ପଡ଼ନ୍ତି ନାହିଁ। ଏହି ସମ୍ପର୍କିତ ଖବର ଆମକୁ ବାରମ୍ବାର ମର୍ମାହତ କରିଚାଲିଛି। କେତେବେଳେ ମାଆ ତାନ୍ତ୍ରିକ କଥାରେ ଗୁପ୍ତଧନ ପାଇବା ଲୋଭରେ ପଡ଼ି ନିଜ ଶିଶୁକନ୍ୟାକୁ ବଳି ଦେବାର ଖବର, କେତେବେଳେ ବାପ ନିଜ ଶିଶୁପୁତ୍ରକୁ ପୁଣି କେତେବେଳେ କାକା ପୁତୁରାକୁ ଅଥବା ଝିଆରୀକୁ ବଳି ଦେବାର ଖବର ସମାଜକୁ ସ୍ତବ୍ଧ କରିଦେଉଛି। ଆମ ରାଜ୍ୟରେ ପ୍ରତିବର୍ଷ ହାରାହାରି ଆଠ ଜଣ ଶିଶୁ ଏହିପରି ଯୂପକାଷ୍ଠରେ ଚଢୁଛନ୍ତି। ଏହାବ୍ୟତୀତ ବହୁ ଶିଶୁ ନିଖୋଜ ହେଉଛନ୍ତି, ଯେଉଁମାନଙ୍କୁ ଏଭଳି କୁତ୍ସିତ ପ୍ରଥାର ଯେ ଶିକାର ହେବାକୁ ପଡ଼ିନଥିବ ଏହା କିଏ କହିବ ?

ବଳି ପ୍ରଥା ସପକ୍ଷରେ ବେଶ୍ କିଛି ଲୋକ ଅଦ୍ଭୁତ ଯୁକ୍ତି ଉପସ୍ଥାପନ କରି କୁହନ୍ତି ପ୍ରତିଦିନ ହଜାର ହଜାର ଛେଳି, ମେଣ୍ଢା, ଘୁଷୁରୀ, ଗୋରୁଗାଈ, କୁକୁଡ଼ା, ବତକ ହଣା ହେଉଛନ୍ତି। ସେ ଦିଗରେ ତ କାହିଁ ପ୍ରତିବାଦ ହେଉନି? କିନ୍ତୁ ସେମାନେ ବୁଝିବା ଦରକାର ମାଂସ ପାଇଁ ମଣିଷ ଏହି ସବୁ ପଶୁପକ୍ଷୀ ଚାଷ କରିଥାଏ ଏବଂ ପୁଷ୍ଟିକର ଖାଦ୍ୟର ଚାହିଦା ପୂରଣ କରେ। ଖାଦ୍ୟ ପାଇଁ ପଶୁପକ୍ଷୀ ମାରିବା ଏବଂ କଳ୍ପନା ରାଇଜର ଦେବାଦେବୀଙ୍କୁ ପ୍ରସନ୍ନ କରିବା ନିମନ୍ତେ ପଶୁବଳି ଓ ନରବଳି ଦେବା ଏକାକଥା ନୁହେଁ। ଏମାନଙ୍କର ଯୁକ୍ତିକୁ ଯଦି ଗ୍ରହଣ କରି ନିଆଯାଏ ତେବେ ମଣିଷକୁ ଖାଦ୍ୟ ବିନା ବଞ୍ଚିବାକୁ ହେବ, ସେ ଶାକାହାରୀ ହେଉ ଅବା ମାଂସାଶୀ ହେଉ, ଯାହା ଆଦୌ ସମ୍ଭବ ନୁହେଁ। ଅନ୍ୟ କଥାଟି ହେଲା, ବଳି ଦେଲେ ଯେ ଅଲୌକିକ ଶକ୍ତିର ଜଣେ ଅଧିକାରୀ ହେବ, ଗୁପ୍ତ ଧନ ପ୍ରାପ୍ତି ହେବ, ମନସ୍କାମନା ପୂରଣ ହେବ ଏହା ସମ୍ପୂର୍ଣ୍ଣ କପୋଳକଳ୍ପିତ, ଅମୂଳକ, ଅନ୍ଧବିଶ୍ୱାସ।

ଅବଶ୍ୟ ବହୁ ବୁଦ୍ଧିଜୀବୀ ଏହି କୁତ୍ସିତ ପରମ୍ପରା ବିରୋଧରେ ଅତୀତରେ ସ୍ୱରତ୍ତୋଳନ କରିଛନ୍ତି, ଏବେ ମଧ୍ୟ କରୁଛନ୍ତି। ବହୁ ସ୍ୱେଚ୍ଛାସେବୀ ସଂଗଠନ ଏହା ବିରୋଧରେ ପ୍ରତିବାଦ କରୁଛନ୍ତି। ଏହି ବିରୋଧ ଓ ପ୍ରତିବାଦକୁ ଅଧିକ ଜୋରଦାର କରିବାକୁ ପଡ଼ିବ। ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ହେବ। ରାଜନୈତିକ ଇଚ୍ଛାଶକ୍ତି ବିନା ପଶୁବଳି ବା ନରବଳି ଭଳି ଜଘନ୍ୟ ଅପରାଧର ମୂଳୋତ୍ପାଟନ ଅସମ୍ଭବ। ଆଇନ ତିଆରି କରିଦେଲେ ଆପଣାଛାଏଁ କାର୍ଯ୍ୟକାରୀ ହୋଇଯାଏ ନାହିଁ। କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସରକାର ଓ ପ୍ରଶାସନ ଉଭୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଅବଶିଷ୍ଟାଂଶ...

## ୩୦ ମହାବଳ...

ବୋଲି ଜଣାଯାଇଛି। ସାଧାରଣ ମହାବଳଙ୍କ ମଧ୍ୟରେ ୭ଟି ମାଇ ବାଘ ସହ ୪ ଟି ଅଣ୍ଡିରା ମହାବଳ ରହୁଛନ୍ତି। ଏହା ବ୍ୟତୀତ କଳା ମହାବଳ ମଧ୍ୟରୁ ୭ ଟି ମାଇ ଓ ୬ଟି ଅଣ୍ଡିରା କଳାବାଘ ରହୁଥିବା ନେଇ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ରିପୋର୍ଟରେ ଦର୍ଶାଯାଇଛି।

ଶିମିଳିପାଳ ବ୍ୟତୀତ କେନ୍ଦୁଝର ବନ୍ୟପ୍ରାଣୀ ଜଙ୍ଗଲରେ ଗୋଟିଏ ଅଣ୍ଡିରା ବାଘ ରହୁଥିବା ବେଳେ ପାରଳାଖେମୁଣ୍ଡି ଟେରିଟୋରିଆଲ୍‌ରେ ଗୋଟିଏ ଅଣ୍ଡିରା ଓ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ ଗୋଟିଏ ଅଣ୍ଡିରା ବାଘ ରହୁଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଏହି ବାଘ ଗଣନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଏକ୍ସ' ଯୋଗେ ସୂଚନା ଦେବା ସହ ରାଜ୍ୟର ବାଘ ସଂଖ୍ୟାରେ ବୃଦ୍ଧି ଯୋଗୁଁ ଖୁସିବ୍ୟକ୍ତ କରିଛନ୍ତି।

ସୂଚନାଥାଉ କି ୨୦୨୧-୨୨ ମସିହାରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ଦ୍ୱାରା ବାଘ ଗଣନା କରାଯାଇ ୨୦୨୨ ଜୁଲାଇରେ ଏହାର ରିପୋର୍ଟ ପ୍ରକାଶ କରାଯାଇଥିଲା। ଯେଉଁଥିରେ ସେମାନେ ଓଡ଼ିଶାରେ ୨୦ ଟି ମହାବଳ ବାଘ ରହୁଥିବା ନେଇ ରିପୋର୍ଟ ଦେଇଥିଲେ। ମାତ୍ର ଓଡ଼ିଶାରେ ଏହି ସଂଖ୍ୟାଠାରୁ ଅଧିକ ମହାବଳ ଥିବା ନେଇ ରାଜ୍ୟ ବନ ବିଭାଗ ଅନୁଭବ କରିବା ସହ ନିଜସ୍ୱ ବାଘ ଗଣନା ପାଇଁ ନିଷ୍ପତ୍ତି ନେଇଥିଲା। ଏହି କ୍ରମରେ ଗତ ନଭେମ୍ବରଠାରୁ ବିଭିନ୍ନ ଜଙ୍ଗଲରେ ବାଘ ଗଣନା କରାଯାଇଥିଲା। ବୈଜ୍ଞାନିକ ପଦ୍ଧତି ସହ ବନ ବିଭାଗର କର୍ମଚାରୀମାନେ ଏଥିରେ ସାମିଲ ହୋଇ ବାଘ ଗଣନା କରିଥିଲେ। ଯାହା ପରେ ରାଜ୍ୟରେ ୩୦ଟି ମହାବଳ ବାଘ ଥିବା ନେଇ ଏବେ ରିପୋର୍ଟ ଆସିଛି।

ରାଜ୍ୟରେ ବାଘ ଗଣନା ପାଇଁ ୧୪୩୨ଟି କ୍ୟାମେରା ଲଗାଯାଇଥିବା ବେଳେ ୪୭ଟି ଡିଭିଜନ୍‌ରେ ବାଘ ଗଣନା କରାଯାଇଥିଲା। ଏଥିରେ ମୋଟ୍ ୫୬୭ ଫଟୋଚିତ୍ର ଉତ୍ତୋଳନ କରାଯାଇ ଏହାକୁ ବିଶ୍ଳେଷଣ କରାଯାଇଥିଲା। ବିଭିନ୍ନ ସ୍ଥାନରେ କ୍ୟାମେରା ଲଗାଯିବା ସହ ବାଘର ପାଦଚିହ୍ନ, ଦେହର ଚିହ୍ନ ଓ ମଳ ଆଦିରୁ ଏହି ରିପୋର୍ଟ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ଗଣନା ବେଳେ ରାଜ୍ୟରେ ଥିବା ଛୁଆବାଘଙ୍କୁ ଏଥିରେ ସାମିଲ କରାଯାଇ ନଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଗଣତି ବେଳେ ଏମାନଙ୍କ ସଂଖ୍ୟା ମଧ୍ୟ ଲୋକଲୋଚନକୁ ଆସିଛି।

୨୦୧୮ ମସିହାରେ ଏନ୍‌ଟିସିଏ କରିଥିବା ବାଘ ଗଣନାରେ ଓଡ଼ିଶାରେ ୨୮ ଟି ବାଘ ଥିବା ବେଳେ ୨୦୧୪ରେ ମଧ୍ୟ ସମାନ ସଂଖ୍ୟକ ବାଘ ରହୁଥିବା ନେଇ ସଂସ୍ଥା ଦର୍ଶାଇଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ହ୍ରାସ ହୋଇଥିବା ନେଇ ଏନ୍‌ଟିସିଏ ରିପୋର୍ଟ ଦେବା ପରେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଏହାକୁ ଗ୍ରହଣ କରିନଥିଲେ। ମୁଖ୍ୟତଃ ଏନ୍‌ଟିସିଏ ପକ୍ଷରୁ କରାଯାଉଥିବା ବାଘ ଗଣନାରେ ମାନବ ସମ୍ବଳକୁ ବିଶେଷ ଗୁରୁତ୍ୱ ଦିଆଯାଉ ନଥିବା ବେଳେ କ୍ୟାମେରା ଟ୍ରାପ୍‌କୁ ଅଗ୍ରାଧିକାର ଦିଆଯାଉଛି। ଯେଉଁଥିପାଇଁ ଏହି ଗଣନା ପ୍ରକ୍ରିୟା ଉପରେ ଅନେକ ବିଶେଷଜ୍ଞ ପ୍ରଶ୍ନ ଉଠାଇବା ସହ ରାଜ୍ୟ ସରକାର ନିଜସ୍ୱ ବାଘ ଗଣନା କରିବା ଉଚିତ ବୋଲି ଦାବି କରିଥିଲେ।

ସୂଚନାଯୋଗ୍ୟ ଯେ ପ୍ରତି ୪ ବର୍ଷରେ ଥରେ ଦେଶରେ ବାଘ ଗଣନା କରାଯାଇଥାଏ। ଏନଟିସିଏ ରିପୋର୍ଟ ଅନୁସାରେ ୨୦୦୬ରେ ରାଜ୍ୟରେ ୪୫ଟି ବାଘ ଥିଲା ବେଳେ ୨୦୧୦ରେ ଏହି ସଂଖ୍ୟା ୩୨କୁ ଖସିଥିଲା। ୨୦୧୪ ଓ ୨୦୧୮ରେ ବାଘ ସଂଖ୍ୟା ୨୮କୁ ହ୍ରାସ ପାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ନିଜସ୍ୱ ବାଘ ଗଣନା ଅନୁଯାୟୀ ୨୦୦୪ରେ ରାଜ୍ୟରେ ୧୯୨ଟି ବାଘ ଥିଲା ବେଳେ ୨୦୧୬ରେ ଏହି ସଂଖ୍ୟା ୪୦କୁ ଖସି ଅସିଥିଲା। ଶିମିଳିପାଳ ଅଭୟାରଣ୍ୟରେ ବାଘ ସଂରକ୍ଷଣ ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଏଠାରେ ସ୍ୱତନ୍ତ୍ର ଏଠାରେ ସ୍ୱତନ୍ତ୍ର ଜେଟିଏଫ୍ ନିଯୁକ୍ତ କରାଯିବା ସହ ବନ କର୍ମଚାରୀଙ୍କୁ ବନ୍ଧୁକ ଚାଳନା ପାଇଁ ମଧ୍ୟ ଅନୁମତି ଦିଆଯାଇଛି।

## 'ନୂଆ-ଓ' ଛାତ୍ରବୃତ୍ତି...

ଜମା ହୋଇଥିବା ମୋବାଇଲକୁ ମେସେଜ ଆସିଥିଲା। ଫଳରେ ଛାତ୍ରଛାତ୍ରୀମାନେ ଉତ୍ସାହିତ ହେବା ସହ ଖୁସିବ୍ୟକ୍ତ କରିଛନ୍ତି। ଘୋଷଣାର ଅଳ୍ପ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଉଚ୍ଚଶିକ୍ଷାର ରୂପାନ୍ତରଣ ସହ ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନୂତନ ଭାବେ 'ନୂଆ-ଓ ଛାତ୍ରବୃତ୍ତି' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯିବ। ସେହିପରି ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ବାର୍ଷିକ ୧୦ହଜାର ଏବଂ ଝିଅ ମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯିବ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ବୃତ୍ତିରାଶି ପାଇବେ। ଏହାସହ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯିବ। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଯିବ। ରାଜ୍ୟର ପ୍ରାୟ ୯୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

## ଛାତ୍ରଛାତ୍ରୀଙ୍କୁ ମିଳିବ...

କାର୍ଡରେ ବସ୍, ଟ୍ରେନ, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ ଓ ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂରାଜୀ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମ୍‌ରେ ପ୍ରବେଶ, ଜର୍ନାଲ୍ ଏବଂ ସେମିନାରଗୁଡିକର ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ। ଏହି କାର୍ଡ ଛାତ୍ରମାନଙ୍କୁ ଶିଳ୍ପ ସହିତ ଯୋଗାଯୋଗ କରିବା ପାଇଁ ସମ୍ଭାବ୍ୟ ନିଯୁକ୍ତି କମ୍ପାନୀ-ଏ ଲିଙ୍କଡଇନ୍ ପ୍ରକାର ପ୍ଲାଟଫର୍ମ ପ୍ରଦାନ କରିବ। ଏହାସହ ଚାକିରି ଏବଂ ପ୍ଲେସମେଣ୍ଟ ସୁଯୋଗ ମଧ୍ୟ ପ୍ରଦାନ କରିବ। ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହିତ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ହେବାକୁ ଉତ୍ସାହିତ କରିବ ବୋଲି ସେ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ୩ ମଞ୍ଚ...

ବଲେରୋ ଚାଳକ ରାତି ଅନିଦ୍ରା ରହିଥିଲେ। ବଲେରୋଟି ଦ୍ରୁତ ଗତିରେ ଯାଉଥିବା ବେଳେ ହଳଦୀଡିହ ଛକ ନିକଟରେ ଏକ ଗଛକୁ ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗାଡ଼ିର ଆଗ ଭାଙ୍ଗିରୁଜି ସଂପୂର୍ଣ୍ଣ ଚୂରମାର୍ ହୋଇ ଚାଳକଜଣଙ୍କ ଗାଡ଼ି ଭିତରେ ଚାପି ହୋଇଯିବା ସହ ସେଥିରେ ବସିଥିବା ୩ ମହିଳା କଳାକାରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଗ୍ୟାସ୍ କଟର୍ ସାହାଯ୍ୟରେ କାର୍‌କୁ କାଟି ଚାଳକଙ୍କୁ ବହୁ କଷ୍ଟରେ ଉଦ୍ଧାର କରାଯାଇଥିଲା। ଗୁରୁତରମାନେ ହେଲେ, କଟକ ସହର ମାଳିସାହିର କୁସୁମ ଆଚାରୀ(୨୪) ଓ କଟକ ବୟାଳିଶ ମୌଜାରେ ରୁବିନା ନାଥ(୩୦)ଙ୍କ ସମେତ ନରଣପୁର ଗ୍ରାମର ବୋଲେରୋ ଚାଳକ ଉତ୍କଳ କେଶରୀ ସ୍ୱାଇଁ ଓ ଅଲେଖ ସ୍ୱାଇଁ। ପ୍ରଥମେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ୬୭ 'ଆମ ହସ୍ପିଟାଲ'...

ରାଜ୍ୟରେ ଆରମ୍ଭ କରିବ। ସରକାରୀ ହସ୍ପିଟାଲଗୁଡ଼ିକରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ବିରାଟ ପରିବର୍ତ୍ତନ ଆଣିବ ବୋଲି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ଜନସାଧାରଣଙ୍କ ଠାରୁ ମିଳିଥିବା ପ୍ରସ୍ତାବ ଅନୁସାରେ '୫-ଟି' ଉପକ୍ରମରେ ହସ୍ପିଟାଲଗୁଡ଼ିକର ଭିତ୍ତିଭୂମି ବ୍ୟବସ୍ଥା, ରୋଗୀମାନଙ୍କ ପାଇଁ ମୌଳିକ ସୁବିଧାସୁଯୋଗ ଏବଂ ସେବା ଯୋଗାଇବା ପଦ୍ଧତିରେ ଉନ୍ନତି ଆଣାଯାଇଛି। ଗୁଣବତ୍ତାକୁ ମଧ୍ୟ ଏଠାରେ ସୁନିଶ୍ଚିତ କରାଯାଇଛି। ଆଗାମୀ ୫ବର୍ଷ ମଧ୍ୟରେ ୧୮୫୮ଟି ଡାକ୍ତରଖାନାକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୨୦୨୩-୨୮ ମଧ୍ୟରେ ୩୩ ଶହ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ସଂପ୍ରତି ୧୪୯ଟି ଡାକ୍ତରଖାନାର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ସ୍ୱାସ୍ଥ୍ୟ ସେବା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କୁ ଭଲ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଗତ ୧ ବର୍ଷ ମଧ୍ୟରେ ୪,୦୦୦ ଡାକ୍ତର ଓ ୩,୭୦୦ ରୁ ଅଧିକ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି। ଧନୀ, ଗରିବ ସମସ୍ତଙ୍କ ପାଇଁ ସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସୁବିଧା କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଜି ସାରା ଓଡ଼ିଶାରେ ମଡେଲ ହୋଇଛି। ଓଡ଼ିଶାବାସୀଙ୍କ ଚିକିତ୍ସା ଚିନ୍ତା ଦୂର କରିଛି। 'ମୋ ପାଇଁ ସବୁ ଜୀବନ ମୂଲ୍ୟବାନ' ଏହି ମନ୍ତ୍ରକୁ କାର୍ଯ୍ୟକାରୀ କରି ଆମେ ସମସ୍ତଙ୍କ ସହଯୋଗରେ 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା'ର ସ୍ୱପ୍ନ ନିଶ୍ଚୟ ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଓଡ଼ିଶାର ଜନସାଧାରଣ ଘରୋଇ ହସ୍ପିଟାଲ ଭଳି ସୁବିଧାସୁଯୋଗ ସରକାରୀ ହସ୍ପିଟାଲରେ ପାଉଛନ୍ତି। '୫-ଟି' ଉପକ୍ରମରେ ସୋନପୁରରେ ଓଡ଼ିଶାର ଜିଲ୍ଲାସ୍ତରୀୟ ସବୁଠାରୁ ବଡ଼ ହସ୍ପିଟାଲ ବହୁତ କମ୍ ସମୟ ମଧ୍ୟରେ ପ୍ରତିଷ୍ଠା ହୋଇଛି। ସୋନପୁରବାସୀଙ୍କ ବହୁଦିନର ସ୍ୱପ୍ନ ଏହା ମାଧ୍ୟମରେ ସାକାର ହୋଇଛି। କାର୍ଯ୍ୟକ୍ରମକୁ ସଂଯୋଜନା କରି'୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ବର୍ତ୍ତମାନସୁଦ୍ଧା ଦୁଇଟି ପର୍ଯ୍ୟାୟରେ ୧୪୦ଟି 'ଆମ ହସ୍ପିଟାଲ' ଲୋକାର୍ପିତ ହେଲା । ଏଥିପାଇଁ ୭୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ସମସ୍ତଙ୍କ ସହଯୋଗରେ ଏହି କାମ ସଫଳ ହୋଇଛି । ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଏହିସବୁ ହସ୍ପିଟାଲଗୁଡ଼ିକୁ ନିଜ ସଂପତ୍ତି ଭଳି ରକ୍ଷଣାବେକ୍ଷଣ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

କାର୍ଯ୍ୟକ୍ରମରେ ଗଜପତି ପାରଳାଖେମୁଣ୍ଡିରୁ ସାଂସଦ ଚନ୍ଦ୍ରଶେଖର ସାହୁ, ଅନୁଗୋଳ ଜିଲ୍ଲା କୋଶଳାରୁ ବିଧାୟକ ସୁଶାନ୍ତ କୁମାର ବେହେରା, ପୁରୀ ଜିଲ୍ଲା ରେବଣା ନୂଆଗାଁରୁ ରାଜ୍ୟ ଯୋଜନା ବୋର୍ଡ ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଭଦ୍ରକ ଜିଲ୍ଲା ଧାମନଗରରୁ ବିଧାୟକ ପ୍ରଫୁଲ ସାମଲ, ନୟାଗଡ ଜିଲ୍ଲା ରଣପୁରରୁ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ନବରଙ୍ଗପୁର ଜିଲ୍ଲା ଉମରକୋଟରୁ ବ୍ଲକ ଅଧ୍ୟକ୍ଷା ନବୀନ ନାୟକ, ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିରୁ ସରକାରୀ ଦଳ ଉପମୁଖ୍ୟ ସଚେତକ ସରୋଜ କୁମାର ମେହେର, ଝାରସୁଗୁଡାରୁ ବିଧାୟକା ଦିପାଳୀ ଦାସ ଯୋଗଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିରେ ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ। ଏଥିପାଇଁ ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନକୁ ସେ ସବୁବେଳେ ଉଚ୍ଚ ପ୍ରାଥମିକତା ଦେଇ ଆସିଛନ୍ତି। ଆଜି ସରକାରୀ ଡାକ୍ତରଖାନା ଉପରେ ରାଜ୍ୟବାସୀଙ୍କ ଆସ୍ଥା ବଢ଼ିଛି ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ନିଳଗିରୀରୁ ସସ୍ମିପ୍ରଭା ରାଉତ, ଦେବଗଡ ଜିଲ୍ଲାରୁ ସୁନୀତା ରାଣୀ ପୃଷ୍ଟି, ବଲାଙ୍ଗିର ଜିଲ୍ଲା ଲୋଇସିଙ୍ଗାରୁ ସାବିତ୍ରୀ ମେହେର, ଖୋର୍ଦ୍ଧା ଜିଲ୍ଲା ବୋଲଗଡରୁ ସୁନନ୍ଦିତା ସାହୁ, କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରୁ ଆରତି କୁଲଦୀପ, ଯାଜପୁର ଜିଲ୍ଲା ବଡଚଣାରୁ ସୋନାଲି ଦାସ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି ଯେ 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ଏହାକୁ ତାକୁ ଠିକ୍ ଭାବେ ବୁଝିଛନ୍ତି ଆମ ମୁଖ୍ୟମନ୍ତ୍ରୀ। ସେଥିପାଇଁ ଆମ ପାଇଁ ଏଭଳି ଭଲ ହସ୍ପିଟାଲ ନିର୍ମାଣ କରିଛନ୍ତି। 'ଆମ ହସ୍ପିଟାଲ' କାର୍ଯ୍ୟକ୍ରମରେ ଆମ ଅଞ୍ଚଳରେ ଥିବା ହସ୍ପିଟାଲଗୁଡ଼ିକର ବ୍ୟାପକ ରୂପାନ୍ତର ଘଟି ରୂପରେଖ ବଦଳି ଯାଇଛି। ମାଗଣାରେ ସବୁ ସେବା ଉପଲବ୍ଧ ହେଉଛି। ଏଥିପାଇଁ ଆମେ ବହୁତ ଖୁସି। ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ସେମାନେ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୮ରେ ଓଡ଼ିଶା...

ଏହିକ୍ରମରେ ବିଲ୍ ଗେଟ୍‌ସ ଓଡ଼ିଶା ଆସି ତାଙ୍କ ସଂଗଠନ ଦ୍ୱାରା ଏଠାରେ ଜାରି ରହିଥିବା କିଛି କାର୍ଯ୍ୟର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଆଜି ଏହି ଫାଉଣ୍ଡେସନର ପ୍ରତିନିଧିମାନେ କୃଷି ଭବନ ଆସି କୃଷି ବିଭାଗର ପ୍ରମୁଖ ସଚିବଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**ହଜିଛି**

ଶ୍ରୀମତୀ ଦୀପାଞ୍ଜଳି ପ୍ରଧାନ, ଆମ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଭବାନୀପାଟଣା ସାନ୍ଧ୍ୟ ଶାଖାରେ ଏକ ବନ୍ଧକ ଋଣ (ML) ନିମନ୍ତେ ଆବେଦନ କରିଛନ୍ତି । ସେ ତାଙ୍କର ମୂଳ ପଟ୍ଟା ଯାହାର ଖାତା ନଂ.: ୧୭୧/୧୯୬୬, ପ୍ଲଟ୍ ନଂ.: ୧୭୧/୩୨୬୧, କ୍ଷେତ୍ର: ୦.୦୪୦୫ ହେକ୍ଟର, ମୌଜା: ପ୍ରତାପନନ୍ଦପୁର, କିସମ: ଘରବାରୀ ହଜେଇ ଦେଇଛନ୍ତି । ସେ ତାଙ୍କ ପୁଅ ସହିତ ମୋଟରସାଇକେଲରେ ତହସିଲ କାର୍ଯ୍ୟାଳୟକୁ ଅଫିସିଅଲ କାର୍ଯ୍ୟ ନିମନ୍ତେ ଯାଉଥିବା ସମୟରେ ମୋଟରସାଇକେଲରେ ଥିବା ହ୍ୟାଣ୍ଡ ବ୍ୟାଗ ଯେଉଁଥିରେ କି ମୂଳ ପଟ୍ଟା ଥିଲା ତାହା ହଜିଯାଇଥିଲା । ଯଦି କୌଣସି ଆର୍ଥିକ ଅନୁଷ୍ଠାନ ଉକ୍ତ ସମ୍ପତ୍ତି ବନ୍ଧକ ରଖିଥାନ୍ତି କିମ୍ବା ଏହି ସମ୍ପତ୍ତି ଉପରେ କାହାର କୌଣସି ଅଭିଯୋଗ ଥାଏ ତେବେ ୧୫ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ: ଶାଖା ପ୍ରବନ୍ଧକ ନଂ.: ୯୬୬୮୦୪୮୨୨୨, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଭବାନୀପାଟଣା ସାନ୍ଧ୍ୟ ଶାଖା, ସା/ପୋ:ଭବାନୀପାଟଣା, କଳାହାଣ୍ଡି- ୭୬୬୦୦୧ ।

O-2639 e-mail : eerw_sunabeda@yahoo.co.in

GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA
e-Procurement Notice for Road works
Identification No Online Tender /17/RWD-SBD/2023-24

Letter No. 1073 / Date: 23.02.2024 /

| | | |
|---|---|---|
| 01. | Name of the work | : Road works Lamtaput block |
| 02. | Total Number of works | : 1 no works |
| 03. | Estimated cost | : 49.50 lakhs |
| 04. | Class of Contractor | : "B" Class |
| 05. | Period of Completion | : 15 days |
| 06. | Other Details | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/17/ RWD-SBD /2023-24 | 26.02.2024 at 11.00 a.m | 04.03.2024 upto 15.00 p.m |

Further details can be seen from the website www.tendersorissa.gov.in

Sd/-
Executive Engineer,
Rural Works Division: Sunabeda.

OIPR-25059/11/0001/2324

Phone-0680-2404096
E-Mail: eerwgmt@yahoo.co.in O-2659

OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR
Government of Odisha e-Procurement Notice
Bid Identification No. Online Tender/45/SERWD-II/2023-24

Memo No........./RWD-IIGB, Date:

| | | | |
|---|---|---|---|
| 1 | Name of the work | :: | Building Works |
| 2 | Estimated cost | :: | Rs 21.80 Lakh as per Annexure |
| 3 | Period of Completion | :: | 4 (Four) Month as per Annexure |
| 4 | Date & Time of availability of Bid documents in the Portal | :: | 29.02.24 at 10.00 A.M. to 05.03.2024 up to 3.00 P.M |
| 5 | Last Date/ Time for receipt of Bids in the Portal | :: | 05.03.2024 up to 3.00 P.M |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Superintending Engineer
R.W Division-II, Ganjam
Berhampur

OIPR-25073/11/0045/2324

OFFICE OF THE SUPERINTENDENT ENGINEER
RURAL WORKS DIVISION, MOHANA
OFFICE ORDER

No. 1247 Dt. 23.02.2024

The tender for the following work, invited vide this office Online Tender Bid Identification No. 17/MOHANA/2023-24 is hereby cancelled due to first time single tender.

1. SIR to RD road to Palapur road for the year 2023-24

Superintending Engineer
R.W. Divisin, Mohana

OIPR-25148/11/0042/2324 O-2637

NATIONAL COMPETITIVE BIDDING THROUGH e-Procurement O-2651
Tel. No.06752222092, e-mail Id-eerwpuri@gmail.com
TCN NO. TENDER ONLINE - 15 OF 2023-24
No. 1859 / Dt. 21.02.2024

The Executive Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 4 Nos. of work for the year 2023-24 in the District of Puri.

1. Total no. of works: 4 nos.
2. Tender cost of packages: Amount varies from Rs.5.88 lakhs to 7.14 lakhs.
3. Class of contractor: As per DTCN.
4. Period of completion: 2 (Two) Calendar month.
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer Rural Works Division,Puri. | Online- 15 | 27.02.2024 at 11.00 A.M. | 02.03.2024 up to 3.00 P.M. | 01.03.2024 up to 1.30 P.M. | 04.03.2024 at 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Executive Engineer,
R.W. Division, Puri.

OIPR-25065/11/0021/2324

**MADHUSUDAN LAW UNIVERSITY**
**STATION ROAD, CUTTACK**
(State University Established under The Odisha Universities Act, 1989)
Station Road, Cuttack, Odisha-753 003
Website: www.mlu.ac.in
CAD-4318

Letter No: MLU / 329 /2024, Date: 22.02.2024

**INDICATIVE ADVERTISEMENT**

In pursuant to the letter No. HE-UE-POLICY-0020-2023/4477/HE, dated: 01.02.2024 of Dept. of Higher Education, Govt. of Odisha the applications are invited in the prescribed proforma from only Retd. Persons for the posts of Professor (Constitutional Law)-01; Associa te Professor (Criminal Law)-01 and Asst. Professor (Criminal Law)-01 in Madhusudan Law University, Cuttack.

The detailed advertisement is available in Madhusudan Law University website (www.mlu.ac.in). Further Information/Corrigendum/Addendum, if any, shall be posted in the University website only.

Appointment to the above vacancies is **purely temporary.**

**Last date** for submission of application: **12-03-2024 (Tuesday).**

OIPR-11051/11/0008/2324 Sd/- REGISTRAR

DISTRICT PROJECT OFFICE n-310
SAMAGRA SHIKSHA, MALKANGIRI-764048
☎(06861)- 295261 (Off) E-mail:- dpcmalkanssa.udepa@nic.in
Letter No. 700/Ped/2024 Date 23.02.2024

NOTICE INVITING TENDER (NIT)

Sealed tenders under two bid systems are invited from the reputed agency/supplier/manufacturer having valid PAN, GST & IT clearance, registration of firm etc for supply of **Teaching Learning Materials ( Drawing Khata, Wax Crayon & Geometry Box) for class I to V students under SS scheme**. The detailed BID document is available in the website www.malkangiri.nic.in & http://osepa.odisha.gov.in/. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

District Project Coordinator
Samagra Shikshya, Malkangiri

OIPR-27064/11/0007/2324

O-2616 E.Mail – rw_rourkela@yahoo.co.in
GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, ROURKELA
TENDER CALL NOTICE
BID IDENTIFICATION NO. ONLINE-SERKL-35 of 2023-24

| | | | |
|---|---|---|---|
| 1. | Name of the Work | :- | Bridge Cum Wire Works |
| 2. | Total No. of works | :- | 01 (Two) Nos. |
| 3. | Estimated cost | :- | Rs. 96.20 Lakhs |
| 4. | Class of contractor | :- | "B" & "A" Class |
| 5. | Period of completion | :- | 05 (Five) Calendar months |
| 6. | Type of Tender | :- | Double Cover |
| 7. | Other details | | |

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| I | 2 | 3 | 4 |
| Superintending Engineer, Rural Works Division, Rourkela | Online-SERKL-35 of 2023-24 | 27.02.2024 from 10.00 A.M | 13.03.2024 upto 5.00 PM |

Further details can be seen from the website www.tendersorissa.gov.in

Superintending Engineer
RW Division, Rourkela

OIPR-25067/11/0033/2324

स्टील अथॉरिटी ऑफ इण्डिया लिमिटेड
STEEL AUTHORITY OF INDIA LIMITED
Great Place To Work Certified

Advt.No.01/2024 Date:22/02/2024

RECRUITMENT NOTIFICATION FOR APPOINTMENT IN VARIOUS PLANTS/UNITS/MINES OF SAIL

To join the following Plants / Units including Mines of SAIL, online applications are invited from young and energetic candidates for appointment as **Operator-cum-Technician (Trainee) - (OCTT)** .

1) ASP (Alloy Steel Plant at Durgapur, West Bengal)
2) BSL ( Bokaro Steel Plant at Bokaro, Jharkhand and mines of JGoM under control of BSL at different locations)
3) BSP ( Bhilai Steel Plant at Bhilai , Chhatisgarh and mines under control of BSP at different locations)
4) CFP (Chandrapur Ferro-Alloys Plant at Chandrapur, Maharashtra )
5) DSP (Durgapur Steel Plant at Durgapur, West Bengal)
6) ISP (IISCO Steel Plant at Burnpur, West Bengal)
7) RSP ( Rourkela Steel Plant at Rourkela, Odisha and mines of OGoM under control of RSP at different locations)
8) RDCIS (Research & Development Centre for Iron & Steel at Ranchi, Jharkhand) and its units at different locations in different states.
9) SRU (SAIL Refractory Unit) at Bokaro, Jharkhand and its units at different locations in different states.

THE DETAILS OF POSTS AND VACANCY AVAILABLE FOR POSTING AT DIFFERENT UNITS ARE AS FOLLOWS:-

| Post&Discipline | Plant/Unit&Vacancy | | | | | | | | |
|---|---|---|---|---|---|---|---|---|---|
| | ASP | BSL | BSP | CFP | DSP | ISP | RSP | RDCIS | SRU |
| OCTT-METALLURGY | – | 10 | 12 | 1 | 10 | 9 | 14 | 1 | – |
| OCTT-ELECTRICAL | 2 | 17 | 15 | 1 | – | 13 | 8 | – | 8 |
| OCTT-MECHANICAL | 3 | 24 | 35 | 2 | 10 | 18 | 7 | 1 | – |
| OCTT-INSTRUMENTATION | – | 5 | 5 | – | – | 3 | 4 | – | – |
| OCTT-CIVIL | – | 2 | 4 | 1 | – | 9 | 6 | – | – |
| OCTT-CHEMICAL | – | 6 | 3 | – | 5 | 4 | – | – | – |
| OCTT-CERAMIC | – | – | – | – | – | 2 | 4 | – | – |
| OCTT-ELECTRONICS | – | 2 | 6 | – | – | – | – | – | – |
| OCTT-COMPUTER/IT | – | 18 | – | – | – | – | 2 | – | – |
| OCTT-DRAUGHTSMAN | – | – | – | – | – | 2 | – | – | – |

**Age as on Dt. 18/03/2024- from 18 to 28 years**

For full details of the advertisement including eligibility criteria & reservation etc., please visit SAIL website www.sail.co.in. ***Eligible and interested candidates would be required to apply online only through SAIL's website www.sail.co.in at the link "Careers" or www.sailcareers.com. No other mode of application shall be accepted.***

- Starting date for submitting applications: **26/02/2024**
- Closing date for submitting applications: **18/03/2024**

Registered Office: Ispat Bhavan, Lodi Road, New Delhi-110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

C-3209 **OFFICE OF THE NOTIFIED AREA COUNCIL: CHAMPUA**
At/Po/Ps.: Champua, Dist.- Keonjhar, Odisha, Pin-758041

Letter No.- 481 Date 22.02.2024

**Expression of Interest**

Executive Officer, Champua NAC , Champua on behalf of Notified area Council, Champua invites expression of interest invited in Two Bid System (Part-I: Technical Bid and Part-II: Financial Bid for the work "Preparation of Comprehensive Drainage Master Plan and Detail Project Report for Storm water drainage System of Champua NAC area" from Registered/Experience/Reputed Consultants/agencies/companies have requisite experience in similar nature of work . The document schedule will be available in the Office of the N.A.C. Champua during working hour from **26.02.2024 to 06.03.2024 up to 11.00 A.M**(Except Govt. Holiday) on payment of Rs.10000.00 non-refundable in shape of Bank Draft/ Bankers Cheque. The document can also be downloaded from the official website **www.keonjhar.nic.in** up to **11.00AM of 06.03.2024** for which the documents cost should be submitted in separate envelop with cost of bid document down loaded from the internet along with the bid. The completed document will be received through Tender Box/Speed Post/Courier Post to the Executive Officer NAC Champua on or before **07.03.2023. up to 1.00P.M** and the same will be opened **at 4.00 AM** in the presence of the Consultants or their authorized agents present on their behalf The intending bidder are to submit copies of valid Registration certificate ,GST clearance certificate, PAN card, EPF certificate along with Experience Certificate of works and EMD Rs 1,0,0000 .00(In shape of Bank Draft/ Bankers Cheque) in favour of Executive Officer N.A.C. Champua with their quotation, failing which their quotation shall not be taken in to consideration .The undersigned reserves the right to accept in full or reject any or all the quotation without assigning any reason thereof.

Executive Officer,
NAC, Champua

OIPR-13157/11/0023/2324

ପୌରପାଳିକା, ନବରଙ୍ଗପୁର C-2307
**OFFICE OF THE MUNICIPALITY, NABARANGPUR**
NABARANGPUR (ODISHA), PIN-764059
TEL / FAX NO-06858-222031, E-mail-municipalityngpr@gmail.com

No. 454 Date 23.02.2024

**Quotation Call Notice**

The Executive Officer, Nabarangpur Municipality on behalf of Nabarangpur Municipality invites sealed quotations in double cover system (Technical & Financial Bid in two separate envelops) from reputed companies/ Agencies / intending supplying firms for the **Supply, installation/mounting, testing, commissioning, Operations and maintenance of P6 Full Colour Outdoor LED Video Wall/Board/Display**. The last date for receipt of the quotations is **01.03.2024 up to 03:00 P.M** and it will be opened on same day on **01.03.2024 at 4:00 P.M**. The detail documents can also be downloaded from this office website i.e. www.nawarangpurm.in & www.nabarangpur.nic.in. up to **01.03.2024. at 3.00 P.M.**

Executive Officer
Nabarangpur Municipality

OIPR-13065/11/0013/2324

GOVERNMENT OF ODISHA O-2634
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE
**e-procurement Notice for Road**
Bid Identyfication No e-procurement Notice No.28/ SERW-II/BLS/ 2023-24

| | | |
|---|---|---|
| 1.Name of the work | :- | Road work |
| 2.Total no.of works | :- | 04 No. |
| 3.Estimated cost | :- | As specified in column 3 of Annexure |
| 4.Class of Contrator | :- | As specified in column 8 of Annexure |
| 5.Time of Completion | :- | As specified in column 7 of Annexure |
| 6. Cost of Tender Paper through online | :- | As specified in column 6 of Annexure |
| 7.Other Details:- | :- | As per DTCN |

| Procurement Officer | Bid identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o Superintending Engineer, R.W.Divn-II, Balasore (Single Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | E-TCN No.28 of 2023-24 | 27.02.24 at 05.00 P.M. | 04.03.24 up to 3.00 PM | 04.03.24 up to 02.00 PM | 04.03.24 at 5.00PM |

Further details can be seen from the web site www.tendersorissa.gov.in

Superintending Engineer
R.W. Division-II, Balasore

OIPR-25052/11/0038/2324

O-2654 By E.Mail/e-Despatch
E.MailID :serw_balasore@yahoo.in
Ph-No-06782/260318
Balia,Balasore

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
*"e" Procurement Notice for Road Work*
Identification No.- Online Tender- Road N.C.B. No. 84 for 2023-24

Letter No. 1082 Date 2302.2024

1. Name of the work : - SDMF Road
2. Total No. of work : - 8 Nos. of work.
3. Estimated Cost : - From Rs. 211.36 to 567.40 (Approximately)
4. Eligible Class of Contractor: - As per annexure.
5. Period of Completion : - As per annexure.
6. Other details:-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Balasore | NCB No.-84 | 01.03.2024 at 11.00 A.M | 16.03.2024 Up to 5.00 P.M. | 15.03.2024 Up to 5.00 P.M. | 18.03.2024 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in

Chief Engineer,
R.W. Circle, Balasore

OIPR-25105/11/0108/2324

**ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ଦେଖି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି**

# ବରମୁଣ୍ଡା ବସ୍ ଟର୍ମିନାଲରେ ହେବ ଫାଣ୍ଡି

**ଭୁବନେଶ୍ୱର, ୨୬।୨ (ସମିସ):** ନିକଟରେ ଉଦ୍‌ଘାଟିତ ହେବାକୁ ଥିବା ଡଃ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲରେ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ସେଠାରେ ଏକ ଫାଣ୍ଡି (ପୁଲିସ୍ ଆଉଟପୋଷ୍ଟ) ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଦୈନିକ ଏହି ବସ୍‌ଷ୍ଟାଣ୍ଡରେ ପ୍ରାୟ ୩୫ରୁ ୪୫ହଜାର ଯାତ୍ରୀଙ୍କ ଯାତାୟାତ ହେବାର ଆକଳନ କରାଯାଇ ସେମାନଙ୍କୁ ସୁରକ୍ଷିତ ଯାତ୍ରା ଯୋଗାଇଦେବାକୁ ଏହି ଫାଣ୍ଡିରେ ୮୯ ଜଣ ପୁଲିସ୍ କର୍ମଚାରୀ ନିୟୋଜିତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶଯୋଗ୍ୟ ଯେ '୫-ଟି' ଉପକ୍ରମରେ ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହା ଲୋକାର୍ପିତ ହେବ। ଏଠାକୁ ଦୈନିକ ୭୦୦ରୁ ୮୦୦ ବସ୍ ଯାତାୟାତ କରିବ। ଭବିଷ୍ୟତରେ ବସ୍ ସଂଖ୍ୟା ୧୭୦୦ରୁ ୧୮୦୦କୁ ବୃଦ୍ଧି ପାଇପାରେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ସମୟରେ ବସ୍ ଟର୍ମିନାଲ୍ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିବା ସମୟରେ ଅଧିକାରୀ ଓ ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ଏଠାରେ ଏକ ପୁଲିସ୍ ଆଉଟପୋଷ୍ଟ ପାଇଁ ପ୍ରସ୍ତାବ ଆସିଥିଲା। ଏ ବିଷୟରେ ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଏଠାରେ ପୁଲିସ୍ ଆଉଟପୋଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହି ଟର୍ମିନାଲରେ ଯାତ୍ରୀଙ୍କ ପାଇଁ ରେସ୍ତୋରାଁ, ବହୁତଳ କାର୍ ପାର୍କିଂ, ଆହାର କେନ୍ଦ୍ର, ଯାତ୍ରୀଙ୍କୁ ନେବାଆଣିବା ସୁବିଧା, ୧୪୪ଟି ବସ୍ ବେ, ସିଟି ବସ୍-ବେ' ଓ ଦୋକାନବଜାର ଆଦିର ସୁବିଧା ରହିବ। ଏଥିପାଇଁ ଏଠାରେ ସୁରକ୍ଷାର ଯଥେଷ୍ଟ ଗୁରୁତ୍ୱ ରହୁଛି। ଏହି ଫାଣ୍ଡିରେ ନିଯୁକ୍ତ ହେବାକୁ ଥିବା ୮୯ଜଣ ପୁଲିସ୍ କର୍ମଚାରୀଙ୍କ ମଧ୍ୟରୁ ୨ ଜଣ ସବ୍-ଇନ୍‌ସପେକ୍ଟର, ୯ଜଣ ଆସିଷ୍ଟାଣ୍ଟ ସବ୍-ଇନ୍‌ସପେକ୍ଟର, ୪ଜଣ ହାବିଲ୍‌ଦାର, ୭୨ଜଣ କନଷ୍ଟେବଲ ଓ ୨ଜଣ ଡ୍ରାଇଭର ରହିବେ ବୋଲି ନିଷ୍ପତ୍ତି ହୋଇଛି।

**ନିଯୁକ୍ତ ହେବେ ୮୯ ପୁଲିସ କର୍ମଚାରୀ**

**'୫-ଟି' ଅଧ୍ୟକ୍ଷଙ୍କ କ୍ଷେତ୍ର ସମୀକ୍ଷା ବେଳେ ହୋଇଥିଲା ଆଲୋଚନା**

**■ ମା'-ପୁଅଙ୍କ ରହସ୍ୟଜନକ ମୃତ୍ୟୁ**

# ପରକୀୟା ପ୍ରୀତି ପ୍ରଘଟ ଭୟରେ ତଣ୍ଟିଚିପି ମାରିଥିଲେ ଯାଆ ଓ ପ୍ରେମିକ

**ବ୍ରହ୍ମପୁର/ପାତ୍ରପୁର,୨୬।୨(ସମିସ):** ସାମନ୍ତିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଚୁଡ଼ିଆଲାଞ୍ଜି ଗ୍ରାମରେ ମାଆ-ପୁଅଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇଛି ଜରଡ଼ା ଥାନା ପୁଲିସ୍। ପରକୀୟା ପ୍ରୀତି ପ୍ରଘଟ ହେବା ଭୟରେ ଯାଆ ଡି. ଗୁନ୍ନାମା ଓ ତାଙ୍କ ପ୍ରେମିକ ଜି. ଦେବେନ୍ଦ୍ର ରେଡ୍ଡୀ ମିଳିତ ଭାବେ ମାଆ-ପୁଅଙ୍କୁ ହତ୍ୟା କରିଥିବା ପୁଲିସ କହିଛି। ଉଭୟଙ୍କୁ ଆଜି ପୁଲିସ କୋର୍ଟଚାଲାଣ କରିଛି।



ସୂଚନାଯୋଗ୍ୟ ଯେ' ଗତ ୨୪ ତାରିଖରେ ଡି.ମୋହନ ରେଡ୍ଡୀଙ୍କ ଘରେ ତାଙ୍କ ପତ୍ନୀ ଡି. ନୀଳବେଣୀ ଓ ୭ ବର୍ଷର ପୁଅ ଡି. ଋଷିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଶୋଇଥିବା ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଏ ସଂପର୍କରେ ଡି. ମୋହନ ରେଡ୍ଡୀ ଥାନାରେ ଏତଲା ଦେଇଥିଲେ। ଘଟଣାର ତଦନ୍ତ କରି ପୁଲିସ ଉପରୋକ୍ତ ଦୁଇଜଣଙ୍କୁ ଗିରଫ କରିଥିଲା। ଜେରା ସମୟରେ ଉଭୟେ ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ବଖାଣିବା ସହ ହତ୍ୟା କରିଥିବା ସ୍ୱୀକାର କରିଥିବା ଜଣାପଡ଼ିଛି। ଉଭୟ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଅଭିଯୋଗକାରୀ ଡି.ମୋହନ ରେଡ୍ଡୀଙ୍କ ଭାଇ ଡି.ଧନଞ୍ଜୟଙ୍କ ପତ୍ନୀ ଡି. ଗୁନ୍ନାମାଙ୍କ ସହ ସେହି ଗ୍ରାମର ଜି. ଦେବେନ୍ଦ୍ର ରେଡ୍ଡୀଙ୍କର ଅନୈତିକ ସମ୍ପର୍କ ଥିଲା। ଯାହା ଡି.ମୋହନ ରେଡ୍ଡୀଙ୍କ ପତ୍ନୀ ମୃତ ଡି.ନୀଳବେଣୀ ଜାଣିପାରିଥିଲେ। ଏହାକୁ ସେ ତୀବ୍ର ବିରୋଧ କରିବା ସହ ପରିବାରଲୋକଙ୍କୁ ଜଣାଇ ଦେବାକୁ ଧମକ ଦେଇଥିଲେ। ତେବେ ଘଟଣା ପ୍ରଘଟ ହେବା ଭୟରେ ନୀଳବେଣୀଙ୍କୁ ରାସ୍ତାରୁ ହଟାଇବାକୁ ଉଭୟ ଦେବେନ୍ଦ୍ର ଓ ଗୁନ୍ନାମା ଯୋଜନା କରିଥିଲେ। ଗତ ୧୮ ତାରିଖ ବିଳମ୍ବିତ ରାତିରେ ନୀଳବେଣୀ ଓ ତାଙ୍କ ପୁଅ ଡି.ଋଷି ଏକାଠି ଶୋଇଥିବା ବେଳେ ସେମାନେ ପ୍ରଥମେ ନୀଳବେଣୀଙ୍କୁ ତଣ୍ଟି ଚିପି ତାଙ୍କୁ ହତ୍ୟା କରିଥିଲେ। ଏହି ସମୟରେ ପୁଅର ନିଦ ଭାଙ୍ଗିଯିବାରୁ ଧରାପଡ଼ିଯିବା ଭୟରେ ଉଭୟ ତାକୁ ବି ହତ୍ୟା କରିଥିଲେ।

**■ ପଥଚାରୀଙ୍କ ପାଇଁ ପୁରୁଣା ଅଠରନଳା ସେତୁ ବନ୍ଦ ପ୍ରସଙ୍ଗ**

# ଜବାବ ଦାଖଲ ପାଇଁ ସମୟ ନେଲା ଏଏସ୍‌ଆଇ

**କଟକ,୨୬।୨(ସମିସ):** ପୁରୀର ଅନ୍ୟତମ ପ୍ରବେଶ ଦ୍ୱାର କୁହାଯାଉଥିବା ପୁରୁଣା ଅଠରନଳା ସେତୁକୁ ବନ୍ଦ କରିଦିଆଯିବା ଏବଂ ନିର୍ମିତ ହୋଇଥିବା ୨ଟି ନୂତନ ବ୍ରିଜରେ ପାଦଚଲା ରାସ୍ତା ନଥିବାରୁ ପଥଚାରୀ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ଏଏସଆଇ(ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା) ଜବାବ ଦାଖଲ କରିପାରିନାହିଁ। ଏହି ପ୍ରସଙ୍ଗରେ ଏଏସ୍‌ଆଇକୁ ହାଇକୋର୍ଟ ପୂର୍ବରୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ଏହି ସେତୁକୁ କ'ଣ ପାଇଁ ଏଏସଆଇ ପକ୍ଷରୁ ବନ୍ଦ କରାଯାଇଛି, ସେ ସମ୍ପର୍କରେ ଜବାବ ଦାଖଲ କରିବାକୁ କହିଥିଲେ ହାଇକୋର୍ଟ। ଜବାବ ଦାଖଲ ପାଇଁ ଏଏସ୍‌ଆଇ ଆଉ ୧୫ଦିନ ସମୟ ଲୋଡ଼ିଥିବା ବେଳେ ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହି ପ୍ରସଙ୍ଗରେ ଜବାବ ଦାଖଲ କରିବାକୁ କହିଛନ୍ତି ହାଇକୋର୍ଟ। ଆଇନଜୀବୀ କେଲୁଚରଣ ପାଇକରାୟଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୮ କୁ ଧାର୍ଯ୍ୟ ହୋଇଛି।







# କଳମଛୁଇଁରେ ନାମ ସଂକୀର୍ତ୍ତନ ମହୋତ୍ସବ



**ତାଳଚେର, ୨୬।୨(ସମିସ):** ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ଅନ୍ତର୍ଗତ ବାଉଁଶଗାଡିଆ ସାହିରେ ସପ୍ତମ ନାମ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରପଡ଼ା, ପଥରମୁଣ୍ଡା, ମଝିକା, ବାଉଁଶଗାଡିଆ, ଡେରା ଓ କଳମଛୁଇଁ ପିଢସାହିର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ନାମ ସଂକୀର୍ତ୍ତନ କରିଥିଲେ। ବାରଗୌଣିଆ, ଜରାସିଂହା, ଭୂବନପୁର ଓ ରେଙ୍ଗାଲୀ ଗ୍ରାମର ମହିଳା ନାମ ସଂକୀର୍ତନ ମଣ୍ଡଳୀ ଚିତ୍ତାକର୍ଷକ ଭଜନ ପରିବେଷଣ କରି ଦର୍ଶକମାନଙ୍କ ମନ ମୋହି ନେଇଥିଲେ। ସମସ୍ତ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାହି ସଭାପତି ଖଗେଶ୍ୱର ସାହୁ, ସମ୍ପାଦକ ଗିରୀଶ ଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରକାଶ ସାହୁ, ମାନସ ସାହୁ, ଦୀପୁ ସାହୁ, ବସନ୍ତ ସାହୁ, ଟୁଟୁ ସାହୁ, ଚଗଲା ସାହୁ, ଅରୁଣ ନାୟକ, ସିଲୁ ସାହୁ, ବାବୁଲା ନାୟକ, ମୋହନ ସାହୁ, କୈଳାସ ନାୟକ, ଗୋପବନ୍ଧୁ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ୧୯୮୪ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ

**କିଶୋରନଗର, ୨୬।୨(ସମିସ):** କିଶୋରନଗର ହାଇସ୍କୁଲର ୧୯୮୪ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ରଣିଆକଟା ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ଆମ୍ବତୋଟା ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସଦାନନ୍ଦ ବିଶ୍ୱାଳ, ବଳରାମ ପ୍ରଧାନ, ଦୀଲିପ ସାବୁ, ମନୋରଞ୍ଜନ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ପୁର୍ଣ୍ଣ ଚନ୍ଦ୍ର ପ୍ରଧାନ, ଯଶବନ୍ତ ପ୍ରଧାନ, ଅଶୋକ ପ୍ରଧାନ ପ୍ରମୁଖ ସମସ୍ତ ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଛାତ୍ର ଜୀବନର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘ ୪୦ ବର୍ଷ ପରେ ଏପରି ମିଳନର ଆୟୋଜନ ହୋଇଥିବାରୁ ସମସ୍ତେ ଖୁସିବ୍ୟକ୍ତ କରିଥିଲେ। ଆଗାମୀ ବର୍ଷ ଗୁଡିକରେ ମଧ୍ୟ ଏପରି ଆୟୋଜନ କରିବାକୁ ସମ୍ମତି ପ୍ରଦାନ କରିଥିଲେ।

# ସଞ୍ଜୀବ ପ୍ରଦେଶ କଂଗ୍ରେସ କମିଟି ଓବିସି ରାଜ୍ୟ ସାଧାରଣ ସମ୍ପାଦକ



ଅନୁଗୋଳ, ୨୬।୨(ସମିସ): କ୍ୟାପଟେନ ଅଜୟ ସିଂହ ଯାଦବ ଅଖିଳ ଭାରତୀୟ କଂଗ୍ରେସ କମିଟିର ଓବିସି ବିଭାଗର ଅଧ୍ୟକ୍ଷ, ଓଡ଼ିଶା କଂଗ୍ରେସ କମିଟିର ଓବିସି ବିଭାଗର ରାଜ୍ୟ କର୍ମକର୍ତ୍ତା ମନୋନୀତ କରିଛନ୍ତି। ଏହାକୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ଓବିସି ବିଭାଗର ସଭାପତି ବିଜୟାନନ୍ଦ ଚାଉଳିଆ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ଏଥିରେ ଅନୁଗୋଳ ଜିଲ୍ଲାର ଯୁବ ସଂଗଠକ ସଞ୍ଜୀବ କୁମାର ମାଣ୍ଡୋଠିଆ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ସଞ୍ଜୀବ କୁମାର ମଣ୍ଡୋଠିଆ ଜିଲ୍ଲା ଛାତ୍ର କଂଗ୍ରେସର ଉପ-ସଭାପତି, ଜିଲ୍ଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ, ଜିଲ୍ଲା ଯୁବ ଶ୍ରମିକ କଂଗ୍ରେସ ଉପ-ସଭାପତି, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଓ ଜିଲ୍ଲା କଂଗ୍ରେସ କମିଟିର କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନୂତନ ଦାୟିତ୍ୱ ପାଇବା ପରେ ସଞ୍ଜୀବ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ, ରାହୁଲ ଗାନ୍ଧୀ, ଅଖିଳ ଭାରତୀୟ କଂଗ୍ରେସ କମିଟି ଓବିସି ବିଭାଗର ଅଧ୍ୟକ୍ଷ କ୍ୟାପଟେନ ଅଜୟ ସିଂହ ଯାଦବ, ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ରାଜ୍ୟ କଂଗ୍ରେସ ଓବିସିର ସଭାପତି ବିଜୟାନନ୍ଦ ଚାଉଳିଆଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

'ନୂଆ-ଓ' ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ '୫-ଟି' ଅଧ୍ୟକ୍ଷ

# ୧୧ କୋଟି ୧୦ ଲକ୍ଷ ୮୧ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ





ଅନୁଗୋଳ, ୨୬।୨(ସମିସ)

ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ବିଜୁ ମଇଦାନଠାରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରିକରଣ ଜରିଆରେ ବ୍ଲାକ୍‌ବୋର୍ଡକୁ ସ୍ମାର୍ଟବୋର୍ଡ କରାଯାଇଥିବାବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ସାଇନ୍ସ ଲାବ ଓ ଛାତ୍ର ଛାତ୍ରୀମାନଙ୍କ ପାଇଁ ପୃଥକ କମନ୍‌ରୁମ୍ କରାଯିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ନୂଆ ଓ କାର୍ଯ୍ୟକ୍ରମ ସୁଯୋଗ ଆଣିଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ସେ ଅନୁଗୋଳ ଜିଲ୍ଲାର ୨୫ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ୧୧ କୋଟି ୧୦ ଲକ୍ଷ ୮୧ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନକରାଯାଇଥିଲା।

ସେହିପରି ଛାତ୍ର ଛାତ୍ରୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ସ୍ମାର୍ଟ କାର୍ଡଯୋଗାଇ ଦିଆଯିବ ଯଦ୍ୱାରା ସେମାନେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇପାରିବେ। ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଛାତ୍ରବୃତ୍ତି ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ 'ନୂଆ-ଓ' କାର୍ଯ୍ୟକ୍ରମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନରେ ଖୁସିବ୍ୟକ୍ତ କରିଥିଲେ।

ଛାତ୍ରଛାତ୍ରୀମାନଙ୍କ ପ୍ରତିଭାରେ ସାରା ଓଡ଼ିଶା ଓ ଦେଶ ଗର୍ବ କରୁ ଏବଂ ସେମାନଙ୍କର ଦକ୍ଷତାର ଅଧିକ ବିକାଶ ତଥା ସୁନ୍ଦର ଭବିଷ୍ୟତ ପାଇଁ ଓଡ଼ିଶା ସରକାର 'ନୂଆ-ଓ' ଛାତ୍ରବୃତ୍ତି ଯୋଜନା ଆରମ୍ଭ କରିଛନ୍ତି ବୋଲି ସେ କହିଥିଲେ। ଅର୍ଥ ଅଭାବରୁ କୌଣସି ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ଲାଭ କରିବାରୁ ବଞ୍ଚିତ ନ ହୁଅନ୍ତୁ ଏହା ହେଉଛି 'ନୂଆ-ଓ' ଯୋଜନାର ଲକ୍ଷ୍ୟ। ଏହି ଯୋଜନାରେ ପ୍ରତ୍ୟେକ ଛାତ୍ରୀ ୧୦ ହଜାର ଓ ଛାତ୍ର ୯ ହଜାର ଟଙ୍କା ବୃତ୍ତି ପାଇବେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମହମ୍ମଦ ଅଦାଲ୍ ଅଖତର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଆଠମଲ୍ଲିକଉପଜିଲ୍ଲାପାଳ ଜିତେନ୍ଦ୍ର କୁମାର ପାତ୍ର, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ର ଛାତ୍ରୀଓ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରକୋଟରେ 'ଘରେ ଘରେ ଶଙ୍ଖ' ଓ 'ପରିବାର ସମ୍ପର୍କ ଯାତ୍ରା'



**ରେଙ୍ଗାଳି, ୨୬।୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତରେ ବିଧାୟକ ମୁକେଶ କୁମାର ପାଲଙ୍କ ନିର୍ଦ୍ଦେଶ କ୍ରମେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା ଶୁଭାରମ୍ଭ ହୋଇଯାଇଛି। କଣିହାଁ ବ୍ଲକ ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା ସଭାପତିତ୍ୱ କରିଥିଲେ।

ଏହି କାର୍ଯ୍ୟକ୍ରମରେ ୮ନଂ ଜୋନ ପର୍ଯ୍ୟବେକ୍ଷକ ସୁବାଷ ମହାନ୍ତି, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସାହୁ, ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରୀ ଯୋଜନା ଗୁଡିକ ପ୍ରତ୍ୟେକ ଘରେ ବାର୍ତ୍ତା ମାଧ୍ୟମରେ ସଚେତନତା କରିଥିଲେ। ପ୍ରତେକ ଗ୍ରାମର ଘରକୁ ଯାଇ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା ସ୍ଥାପନ କରାଯାଉଛି। ପ୍ରତ୍ୟେକ ୱାର୍ଡ ଓ ବୁଥ୍‌ସ୍ତରରେ କିପରି ଦଳ ମଜବୁତ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା।

# ବିଜେଡିର କର୍ମୀ ସମ୍ମିଳନୀ



**ଆଠମଲ୍ଲିକ, ୨୬।୨(ସମିସ):** ଆଠମଲ୍ଲିକ ଏନ୍‌ଏସିର ୫ ଏବଂ ୬ ନମ୍ବର ୱାର୍ଡରେ ଆଠମଲ୍ଲିକ ବିଜୁ ଜନତା ଦଳ ତରଫରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେଡ଼ି ନେତା ନଳିନୀକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଯୁବ ସଂଗଠକ ମହେନ୍ଦ୍ର କୁମାର ସାହୁ, ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, କାଉନସିଲର ଦ୍ୱୟ ଉପସ୍ଥିତ ଥିଲେ। ସମ୍ମିଳନୀରେ ଓଡ଼ିଶା ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ।

# ଏନ୍‌ଟିପିସି କଣିହାଁରେ ଦୁଇଦିନିଆ ବସନ୍ତ ମେଳା

କଣିହାଁ, ୨୬।୨(ସମିସ)



ଅନୁଗୋଳ ଜିଲ୍ଲା କଣିହାଁ ଏନଟିପିସି ପ୍ରକଳ୍ପ ମହିଳା କ୍ଲବ ତନ୍‌ଭି ସଙ୍ଗମ ତରଫରୁ ଆୟୋଜିତ ଦୁଇ ଦିନିଆ ବସନ୍ତ ମେଳା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବସନ୍ତ ମେଳା, ଏହାର ସଂଜ୍ଞା ହେଉଛି "ବସୁଦେବ କୁଟୁମ୍ବକମ୍"। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ଉତ୍ସବର ନାମ ରହିଥିଲା କଲଚରଆଲ୍ କାର୍ଣ୍ଣିଭାଲ୍। ଏହି ମେଳାକୁ ପ୍ରକଳ୍ପର ମୁଖ୍ୟ ଅଶୋକ କୁମାର ସେହେଗଲ ଏବଂ ତନଭି ସଙ୍ଗମ ମହିଳା କ୍ଲବ ସଭାପତି ରେଣୁ ସେହେଗଲ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପର ବିଭିନ୍ନ ପଦାଧିକାରୀ, ୟୁନିୟନ, ଆସୋସିଏସନ୍‌ର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ। ଏକ ସୁନ୍ଦର ପରିବେଶ ମଧ୍ୟରେ ଆୟୋଜିତ ଏହି ମେଳାରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସହ ଅନେକ ଷ୍ଟଲ ଖୋଲାଯାଇଥିଲା। ବିଶେଷ କରି ତନଭି ସଙ୍ଗମ ମହିଳା କ୍ଲବର ସଦସ୍ୟମାନେ ବିଭିନ୍ନ ରାଜ୍ୟର ପାରମ୍ପରିକ ଖାଦ୍ୟ ଏବଂ କଳା ସଂସ୍କୃତିର ଝଲକ ଦେଇ ସୁନ୍ଦର ଭାବରେ ପ୍ରଦର୍ଶନ କରିଥିଲେ। ଛୋଟ ପିଲାଙ୍କ ପାଇଁ କୌତିକିଆ ଖେଳ ସାଙ୍ଗକୁ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଆୟୋଜିତ ହେଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ମନୋରଞ୍ଜନ ଓ ବିକ୍ରିରୁ ଉପାର୍ଜିତ ଅର୍ଥରେ ଗରିବ ଲୋକଙ୍କ ସେବା। ଏହି ଅବସରରେ ଅତିଥିମାନେ ନିକଟତମ ଅଞ୍ଚଳର ଶତାଧିକ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ଡ୍ରେସ ବଣ୍ଟନ କରିଥିଲେ। ଦ୍ୱିତୀୟ ଦିବସରେ ପ୍ରକଳ୍ପର ନିଜସ୍ୱ କଳାକାରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଅନୁଗୁଳ ଜିଲ୍ଲାର ଦୃଷ୍ଟିହୀନ ବିଦ୍ୟାଳୟକୁ ମହିଳା ମଣ୍ଡଳ ସଭାପତି ଶ୍ରୀମତୀ ସେହଗଲ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

# କେବୁଲ ଚୋରି ଅଭିଯୋଗରେ ଯୁବକ ଗିରଫ

**କଣିହାଁ, ୨୬।୨(ସମିସ):** କଣିହାଁ ଥାନା ପୁଲିସ ମୋବାଇଲ ଟାୱାରରୁ କେବୁଲ ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଥାନା ଭାରପ୍ରାପ୍ତ ଅଧିକାରୀ ଅରୁଣ କୁମାର ପଣ୍ଡାଙ୍କ ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ପୁଲିସ ପେଟ୍ରୋଲିଂବେଳେ ଦଳକ ପଞ୍ଚାୟତ ନାଲମ ଗ୍ରାମରେ ଥିବା ଏୟାରଟେଲ ମୋବାଇଲ ଟାୱାରରୁ ଚୋରି ହୋଇଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳ ବାଇଶିଙ୍ଗା ଗ୍ରାମର ସତ୍ୟବ୍ରତ ଲେଙ୍କା (୨୪)ଙ୍କ ଠାରୁ ଚୋରି ତମ୍ବା କେବୁଲ ତାର ଜବତ କରି ଏକ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଥିଲା। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ଶକ୍ତି ସଖୀ ସମ୍ବାଦ କାର୍ଯ୍ୟକ୍ରମ

**କଣିହାଁ, ୨୬।୨(ସମିସ):** କଣିହା ବ୍ଲକ ସମଲ ଡାକବଙ୍ଗଳା ପରିସରରେ ସୋମବାର ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶକ୍ତି ସଖୀ ସମ୍ବାଦ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଜପା ନେତା ଅଶୋକ ମହାନ୍ତି, ଅନ୍ୟତମ ଅତିଥି ଭାବେ ମଣ୍ଡଳ ସଭାପତି ଆଇନଜୀବୀ ତ୍ରିପୁରାରି ପ୍ରଧାନ, ପ୍ରହ୍ଲାଦ ସାମଲ, ହରେକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ଅଧିନସ୍ଥ ୧୯ ପଞ୍ଚାୟତ ଶକ୍ତି ସଖୀମାନେ ଯୋଗ ଦେଇଥିଲେ। ଭାଜପା ନେତା ଶ୍ରୀ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାର ମହିଳାଙ୍କ ପାଇଁ କରିଥିବା ଯୋଜନା ସମ୍ପର୍କରେ ଉପସ୍ଥିତ ଥିବା ସଖୀ ଓ ଦଳୀୟ ନେତ୍ରୀଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ମଣ୍ଡଳ ସଭାନେତ୍ରୀ ପୁଷ୍ପଲତା ପ୍ରଧାନ, ସ୍ୱର୍ଣ୍ଣ ମଞ୍ଜରି ବେହେରା, ସସ୍ମିତା ବେହେରା, ଦମୟନ୍ତି ପ୍ରଧାନ, ବୁଧେଇ ସାହୁ, ଭାରତୀ ବେହେରା, ମନିଶା ରାଉତ, ନିବେଦିତା ସାହୁ, କଳ୍ପନା ସାହୁ, ରିନାରାଣୀ ସେଠି ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନିବିପନ୍ନ ପରିବାରକୁ ସହାୟତା

**ତାଳଚେର ସଦର, ୨୬।୨(ସମିସ):** ତାଳଚେର ବ୍ଲକ ଜଗନ୍ନାଥପୁର ଗ୍ରାମର ବାବୁଲି ବେହେରାଙ୍କ ଘରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଘର ସହିତ ଆସବାବପତ୍ର, ଟଙ୍କା ପଇସା, ଧାନ ଚାଉଳ ଯାହା ଥିଲା ସବୁ ଜଳିପୋଡି ପାଉଁଶ ହୋଇଯାଇଛି। ଏହି ଦୁଃଖଦ ଖବର ପାଇ ବିଜେପି ନେତା ତଥା ସମାଜସେବୀ ବିଭୁତି ସାହୁ ପହଁଚି ଗ୍ରାମର ପ୍ରାକ୍ତନ ସରପଞ୍ଚ ନଗେନ୍ଦ୍ର ଧର, ଜଗମୋହନ ନାଏକଙ୍କ ସହିତ ଅଗ୍ନିବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ବସ୍ତ୍ର, ଶୀତବସ୍ତ୍ର ଏବଂ ଜରିପାଲର ବନ୍ଦୋବସ୍ତ କରାଇଥିଲେ।

# ଆମ ହସ୍ପିଟାଲ ଯୋଜନାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ







ଆଠମଲ୍ଲିକ, ୨୬।୨(ସମିସ)

ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଆମ ହସ୍ପିଟାଲ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ହାରା ହାରି ୧ କୋଟି ୫ ଲକ୍ଷ ଟଙ୍କା ବିନିମୟରେ ନବନିର୍ମିତ ବିଭିନ୍ନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ତହସିଲଦାର ଶ୍ୟାମ ସୁନ୍ଦର ସାହୁ, ଏବିଡ଼ିଓ ଜ୍ୟୋତିରଞ୍ଜନ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ କୁମାର ମଲ୍ଲିକ, ନର୍ସିଂ ଅଫିସର ସ୍ନିଗ୍ଧାରାଣୀ ସିଂଙ୍କ ସମେତ ଡାକ୍ତରଖାନାର ସମସ୍ତ ଡାକ୍ତର ଓ କର୍ମଚାରୀ ଯୋଗଦେଇଥିଲେ। ବିକାଶ ମୂଳକ କାର୍ଯ୍ୟ ମଧ୍ୟରେ ମୁଖ୍ୟତଃ ମିଶନ ଶକ୍ତି କାଫେ, ଦୁଇ ଚକିଆ ଯାନ ରଖିବା ସ୍ଥାନ, ବିଶ୍ରାମ କକ୍ଷ, ଆଦି ନିର୍ମାଣ ହୋଇଛି।

**ପାଲଲହଡା:** ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଆମ ହସ୍ପିଟାଲ ଯୋଜନା ମାଧ୍ୟମରେ ହୋଇଥିବା ବିଭିନ୍ନ ରୂପାନ୍ତରିକରଣ କାର୍ଯ୍ୟର ଉଦ୍‌ଘାଟନ ହୋଇଯାଇଛି। ସିଧାପ୍ରସାରଣ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ମୁକେଶ କୁମାର ପାଲ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି ଏବଂ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକଙ୍କ ସହ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଯାମିନୀ ଭୂଷଣ ପଟ୍ଟନାୟକଙ୍କ ସହିତ ସମସ୍ତ ଡାକ୍ତର, କର୍ମଚାରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରାୟ ୧.୩୨ କୋଟି ଟଙ୍କା ଖର୍ଚ୍ଚରେ ଡାକ୍ତରଖାନା ଭିତ୍ତିଭୂମିର ବିକାଶ ଓ ଉପକରଣର ଉନ୍ନତିକରଣ କରାଯାଇଥିବା ଜଣାପଡ଼ିଛି। ଏହାଦ୍ୱାରା ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସେମାନଙ୍କ ତତ୍ତ୍ୱାବଧାରକ ମୌଳିକ ସୁବିଧା ହାତ ପାଆନ୍ତାରେ ପାଇ ପାରିବେ ବୋଲି ବିଧାୟକ ପ୍ରକାଶ କରିଥିଲେ।

**ତାଳଚେରସଦର:** ତାଳଚେର ମଣ୍ଡାପାଳ ସ୍ଥିତ ତାଳଚେର ସରକାରୀ ଡାକ୍ତରଖାନାକୁ ଆଜି ଆମ ହସ୍ପିଟାଲରେ ରୂପାନ୍ତିକରଣ କରାଯାଇଛି। କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ପୌରପରିଷଦ ନଗରପାଳ ପବିତ୍ର ଭୂତିଆ, ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ, ନିର୍ବାହୀ ଅଧିକାରୀ ମଳୟ ଦେହୁରୀ, ଉପନଗରପାଳ ଶୁଭସ୍ମିତା ପ୍ରଧାନ, ବିଡିଓ ଚିନ୍ମୟୀ ଚେତନା ଦାସ, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ୱାର୍ଡ କାଉନସିଲର ଲିପିକା ବେହେରା, ଶାନ୍ତନୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।





# ସର୍ବାଧିକ ଆୟକାରୀ ରେଳ ଷ୍ଟେସନକୁ କେନ୍ଦ୍ରର ଲଲିପପ୍

## ମାତ୍ର ୧୨.୮ କୋଟି ଦେଇ ନିଜ ବାଜା ନିଜେ ବଜାଇଲେ

ତାଳଚେର,୨୬।୨(ସମିସ)




ଦେଶର ସର୍ବାଧିକ ଆୟକାରୀ ରେଳଷ୍ଟେସନ କହିଲେ ତାଳଚେରକୁ ରେଳବାଇର ଭାତ ହାଣ୍ଡିର ଆଖ୍ୟା ଦିଆଯାଇଛି। ତେବେ ଏତେ ଦେଇ ମଧ୍ୟ ଏହି ରେଳ ଷ୍ଟେସନକୁ କେନ୍ଦ୍ରର ଅବହେଳା ପୁଣି ପ୍ରମାଣିତ ହୋଇଛି। ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅମୃତ ଭାରତ ଷ୍ଟେସନ ମଧ୍ୟରେ ତାଳଚେରକୁ ସାମିଲ କରି ଆଶାଥିଲା ରେଳ କ୍ଷେତ୍ରରେ ଓଡ଼ିଶାକୁ ୨୩୦୦ କୋଟିରୁ ଉଦ୍ଧ୍ୱର୍ ଟଙ୍କାର ଉପହାର ଦେଇଥିବା ମଧ୍ୟରେ ତାଳଚେର ଏକ ସିଂହଭାଗ ପାଇବ ବୋଲି। କିନ୍ତୁ ଦାନର ପରିମାଣ ଅନ୍ୟ ଷ୍ଟେସନ ତୁଳନାରେ ନଗଣ୍ୟ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପରିକି ତାଳଚେର ରେଳ ଷ୍ଟେସନର ଭିତ୍ତିଭୂମିକୁ ବୃଦ୍ଧି କରାଯାଇନାହିଁ। ତାଳଚେର ବିମଳାଗଡ଼ ରେଳ ଲାଇନ କଚ୍ଛପ ଗତିରେ ଚାଲିଛି। ତାଳଚେରବାସୀଙ୍କ ଦୀର୍ଘ ଦିନର ଦାବି ସତ୍ତ୍ୱେ ତାଳଚେର-ଅନୁଗୁଳ ଲୁପ୍ ଲାଇନକୁ କିଛି ଟଙ୍କା ମିଳିଛି ସତ କିନ୍ତୁ ଏହାର ଏ ପର୍ଯ୍ୟନ୍ତ ନକ୍ସା ପ୍ରସ୍ତୁତ ହୋଇନାହିଁ। ପ୍ରଧାନମନ୍ତ୍ରୀ ଅମୃତ ଭାରତ ଷ୍ଟେସନ୍‌ଗୁଡିକ ହେଉଛି ଆତ୍ମନିର୍ଭର ଭାରତର ନୂଆ ପରିଚୟ ବୋଲି କୁହାଯାଉଥିବା ବେଳେ ତାଳଚେର ପ୍ରତି ଅବହେଳା ସମସ୍ତଙ୍କୁ ନିରାଶ କରିଥିବା ଚର୍ଚ୍ଚା ହେଉଛି। ଭିତ୍ତିଭୂମି ଦୃଷ୍ଟିରୁ ଓଡ଼ିଶାକୁ ଅଗ୍ରଣୀ କରିବାକୁ ମୋଦି ସରକାରଙ୍କ ପ୍ରାଥମିକତା ଦେଉଥିବା ବିଜେପି କହିବୁଲୁଥିବାବେଳେ ତାଳଚେର ଭଳି ଏକ ପୁରୁଣା ରେଳ ଷ୍ଟେସନ (୧୯୨୭ମସିହା ଭାରତ ସ୍ୱାଧୀନ ପୂର୍ବରୁ ଏହି ଷ୍ଟେସନ ହୋଇଥିଲା)କୁ ମାତ୍ର ୧୨.୮ କୋଟି ଟଙ୍କା ବ୍ୟୟରେ ବିକଶିତ କରାଯାଉଛି ବୋଲି କହି ନିଜ ବାଜା ନିଜେ ବଜାଇ ବାହା ବା ନେବା ତାଳଚେରବାସୀଙ୍କୁ ସନ୍ତୁଷ୍ଟ କରିପାରିନାହିଁ।

ଅନ୍ୟପକ୍ଷରେ ୨୩.୭୬ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ସିଟି ଷ୍ଟେସନ, ୧୮.୭୭ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡା ରୋଡ୍, ୧୭.୫୦ କୋଟି ଟଙ୍କା ବ୍ୟୟରେ ବ୍ରଜରାଜନଗର ଷ୍ଟେସନର ନବୀକରଣ ୨୫ କୋଟି ୪୧ ଲକ୍ଷ ବ୍ୟୟରେ ରେଳବାଇ ପକ୍ଷରୁ ଅନୁଗୋଳ ଷ୍ଟେସନର ଉନ୍ନତିକରଣ, ୨୬ କୋଟି ୧୧ ଲକ୍ଷ ବ୍ୟୟରେ ଢେଙ୍କାନାଳ ଷ୍ଟେସନ, ୨୨ କୋଟି ବ୍ୟୟରେ ମେରାମୁଣ୍ଡଳି ଷ୍ଟେସନକୁ ବିକଶିତ କରାଯାଉଛି ବୋଲି ଆଜି ପ୍ରଧାନମନ୍ତ୍ରୀ ମୋଦି ଲୋକାର୍ପଣ କରିଛନ୍ତି ଓ ଖୁବ୍‌ଶୀଘ୍ର ତାଳଚେର ବିମଳାଗଡ ରେଳ ଲାଇନ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି।। ତାଳଚେର-ଅନୁଗୋଳ ଲୁପ୍ ଲାଇନ ପାଇଁ ନିୟମିତ ଅର୍ଥ ମଞ୍ଜୁର କରୁଛନ୍ତି ବୋଲି କୁହାଯାଇଛି। ନିଜ ଦୋଷକୁ ଲୁଚାଇବା ପାଇଁ ପୁଣି ମିଛର ଆଶ୍ରୟ ନେଇଛନ୍ତି କେନ୍ଦ୍ରମନ୍ତ୍ରୀ। ପୂର୍ବରୁ ରେଳବାଇ କ୍ଷେତ୍ରରେ ଦେଶରେ ବାର୍ଷିକ ହାରାହାରି ୩ ଲକ୍ଷ କୋଟି ଟଙ୍କାର କାମ ହେଉଥିଲା ମାତ୍ର ଏବେ ମୋଦି ସରକାରରେ ବାର୍ଷିକ ହାରାହାରି ୧୧ ଲକ୍ଷ କୋଟି ଟଙ୍କାର କାମ ହେଉଛି ବୋଲି କହୁଥିଲା ବେଳେ ତାଳଚେର ପ୍ରତି ନଗଣ୍ୟ ଅର୍ଥ ମଞ୍ଜୁର କଥାକୁ ଏଡ଼ାଇ ଯାଇଛନ୍ତି ତାଳଚେର ମାଟିର ସୁଯୋଗ୍ୟ ସନ୍ତାନ କେନ୍ଦ୍ରମନ୍ତ୍ରୀ।

## ଗୋତମରା ପଞ୍ଚାୟତରେ ଆଇନ ସଚେତନତା ଶିବିର




**ବଣଁରପାଳ,୨୬।୨(ସମିସ):** ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟର ତାଲୁକ ଆଇନ ସେବା କମିଟି ତରଫରୁ ଗୋତମରା ଗ୍ରାମ ପଞ୍ଚାୟତର ସଭାଗୃହରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଦାଲତର ବିଚାରପତି ଶ୍ରୀମତୀ ସୃଷ୍ଟି ସାମନ୍ତ ଓ କମିଟିର ସଦସ୍ୟ ତଥା ବରିଷ୍ଠ ଓକିଲ ହେମନ୍ତ କୁମାର ସାହୁ ଯୋଗ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ମାଗଣା ଆଇନ ସେବା କିପରି ଓ କେଉଁ ବର୍ଗର ବ୍ୟକ୍ତିମାନେ ପାଇପାରିବେ ଅବଗତ କରାଇବା ସହ ସଡ଼କ ଦୁର୍ଘଟଣା ଓ ତାର ସୁରକ୍ଷା, ମୋଟର ଯାନ ଦୁର୍ଘଟଣାରେ ଆହତ କିମ୍ବା ମୃତ୍ୟୁ ହୋଇଥିବା ପରିବାରକୁ କ୍ଷତିପୂରଣ ଟ୍ରିବ୍ୟୁନାଲ /ଏମଏସିଟି କୋର୍ଟରେ ଦରଖାସ୍ତ କରି ପାଇପାରିବେ ତାହା ବିସ୍ତୃତ ଭାବରେ ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଇଥିଲେ। ମୋଟର ଯାନ ଆଇନ (ଏମଭିଆକ୍ଟ)ରେ ଥିବା ଧାରା/ଦଫା ଅନୁସାରେ କୌଣସି ଚାଳକ ଖିଲାପ କରନ୍ତି ତାର ଦଣ୍ଡ ସହ ଜରିମାନା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଶିବିର ଆରମ୍ଭରେ ସରପଞ୍ଚ ମଣ୍ଟୁ ବରାହ ପରିଚୟ ପ୍ରଦାନ କରିବା ସହ ଗୋତମରା ଗ୍ରାମର ଓକିଲ ବିଘୋଷ ରଞ୍ଜନ ସିଂହ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବର୍ଣ୍ଣାଳୀ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ସଭା ଓ ବନ୍ଧୁମିଳନ



**ତାଳଚେର,୨୬।୨(ସମିସ):** ତାଳଚେର ସ୍କଟଲାଣ୍ଡପୁର ଠାରେ ବର୍ଣ୍ଣାଳୀ ସାହିତ୍ୟ ସଂସଦ ପକ୍ଷରୁ ଚଳିତ ବର୍ଷ ସାହିତ୍ୟ ସଭା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସମସ୍ତ ସଭ୍ୟ/ସଭ୍ୟା ଯୋଗଦେଇ ପ୍ରଥମେ ମା ହିଙ୍ଗୁଳାଙ୍କ ଉଦ୍ଦେଶ୍ୟରେ ଧୂପ, ଦୀପ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ତଥା ଅଧ୍ୟାପିକା କଳ୍ପନା ବୋଇତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପଦେଷ୍ଟା ନାଟ୍ୟକାର ମୁକୁନ୍ଦ ଶତପଥି, ନାଟ୍ୟ ଅଭିନେତା ଶରତ ମାଝୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ, ନାଟକ, ଗୀତି କବିତା ଏବଂ ଓଡିଶାର ସଂସ୍କୃତି ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସଂପାଦିକା ରତ୍ନପ୍ରଭା ବାଇ ସଂପାଦକୀୟ ବିବରଣୀ ପାଠ କରିଥିଲେ। ବସନ୍ତର ଆହ୍ଲାଦିତ ପରିବେଶରେ ସମଗ୍ର ଅଞ୍ଚଳରୁ ବହୁ ଲେଖକ/ଲେଖିକାଙ୍କ ସ୍ୱରଚିତ କବିତା ପାଠ କରି ପରିବେଶକୁ ସୁମଧୁର କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସାହିତ୍ୟିକ ତଥା ସଂଗୀତଜ୍ଞ ହରମୋହନ ମିଶ୍ର ଓ ରାଜେନ୍ଦ୍ର ବେହେରା ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି ଅବସରରେ ସାହିତ୍ୟିକ ମାନଙ୍କ ମଧ୍ୟରେ ଗୀତି କବିତା ଆସର, ଗଳ୍ପ, ଅଭିନୟ, ଯୁଗଳବନ୍ଦୀ ତଥା ହାସ୍ୟ ମନୋରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ଅରୁଣ ଗଡନାୟକ, କରୁଣାକର ବାଇ, ଡିଗଲ ମିଶ୍ରଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବୟତ୍ରୀ ଲତିକା ମହାପାତ୍ର, ଦିପକ ପ୍ରଧାନ, ଧିରା ଦାସ, ଅନୁପମା ପ୍ରଧାନ, ଗୋଲାପ ନନ୍ଦ, ସସ୍ମିତା ମିଶ୍ର, ଜାନକୀ ଶତପଥି, ମାନସ ନନ୍ଦ, ପ୍ରରବ ଗଡନାୟକ, ତ୍ରିନାଥ ସାହୁ, ସରୋଜିନୀ ହୋତା, ହରିହର ଭୁକ୍ତା, ଋଷଭ ମାଝୀ, ଗୁଣନିଧି ସାମଲ, ବିଣାପାଣି ସାହୁ, ଝରଣା ବାରିକ୍, ବିଭୁତି ଭୂଷଣ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଉମେଶ ପ୍ରସାଦ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଅନୁଗୋଳ ସିଟିଜେନ୍ ପକ୍ଷରୁ ଅଲ୍ ଇଣ୍ଡିଆ ଭଲିବଲ କପ୍ ଉଦ୍‌ଯାପିତ




**ଅନୁଗୋଳ,୨୬।୨(ସମିସ):** ଅନୁଗୋଳ ସିଟିଜେନ୍ ପକ୍ଷରୁ ଅମଲାପଡ଼ା ମା' ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ଚାଲିଥିବା ପ୍ରାଇଡ୍ ଫର୍ ପବିତ୍ର ମୋହନ ଦୁଇ ଦିନିଆ ଅଲ ଇଣ୍ଡିଆ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଅନୁଗୋଳ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୮ଟି ଟିମ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ସନ୍ଥପଡାକୁ ହରାଇ ଗୋବରା ଚାମ୍ପିୟାନ ହୋଇଥିଲା। ଅନ୍ତିମ ଦିବସରେ ସର୍ବଭାରତୀୟସ୍ତରରୁ ୪ଟି ଦଳ ବିଳାସପୁର ରେଳବାଇ, ଆନ୍ଧ୍ରପ୍ରଦେଶର ବାଲୁଙ୍କେଶ୍ୱର, ରାଉରକେଲାର ରାଇଜିଙ୍ଗ କ୍ଲବ ଓ ଗୋବରା ଭାଗ ନେଇଥିଲେ। ଫାଇନାଲେରେ ଆନ୍ଧ୍ରପ୍ରଦେଶ ବାଲୁଙ୍କେଶ୍ୱର କ୍ଲବ୍ ୨-୦ରେ ରାଉରକେଲାର ରାଇଜିଂ କ୍ଲବକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ମନ୍ତ୍ରୀ ତୁଷାରକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଢେଙ୍କାନାଳ ସାଂସଦ ମହେଶ ସାହୁ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ରାଜ୍ୟ ଯୁବ କଲ୍ୟାଣ ବୋଡର୍‌ର ଅଧ୍ୟକ୍ଷ କୁନ ବିହାରୀ ଦାଶ, ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ସଭାରେ ସମ୍ମାନିତ ଅତିଥି ବିଧାୟକ ଶ୍ରୀ ସିଂହ, ପୌରାଧ୍ୟକ୍ଷ ଶ୍ରୀ ସାମନ୍ତ, ଓକିଲ ସଂଘ ସଭାପତି ଦିଲ୍ଲୀପ କୁମାର ସାହୁ, ଚାମ୍ପିଅନ୍ ଓ ରନର୍ସଅପ୍ ଦଳ ସମେତ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଅନୁଗୋଳ ସିଟିଜେନର ଉପଦେଷ୍ଟା ମାନସ ରଞ୍ଜନ ମିଶ୍ର ଓ ସଭାପତି ଦୀପକ ରାଉଳଙ୍କ ସହଯୋଗରେ ସଫଳ ଭାବେ ଖେଳ ସମାପନ ହୋଇଥିଲା।

## ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସ୍ ପ୍ରତିଯୋଗିତାରେ ଓଡ଼ିଶା ଘୋଷକ ଅମୀୟ ଚାନ୍ଦ ପ୍ରଶଂସିତ

**ଢେଙ୍କାନାଳ,୨୬।୨(ସମିସ):** ମହାରାଷ୍ଟ୍ର ପୁନେ ଠାରେ ୫ଦିନ ଧରି ଚାଲିଥିବା ୪୪ତମ ମାଷ୍ଟର୍ସ ଆଥଲେଟିକିସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସମଗ୍ର ଦେଶରୁ ୪ ହଜାରରୁ ଉଦ୍ଧ୍ୱର୍ ପୁରୁଷ ଓ ମହିଳା ଆଥଲେଟସ୍‌ମାନେ ବିଭିନ୍ନ ବର୍ଷ ବର୍ଗର ଜାତୀୟ ଓ ଆନ୍ତର୍ଜାତୀୟ ପୂର୍ବତନ ଅଲମ୍ପିଆନ୍ ଆଥଲେଟସ୍‌ମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ଉଦ୍‌ଯାପନ ଦିବସରେ ଓଡିଶାର ଖ୍ୟାତନାମା ବରିଷ୍ଠ କ୍ରୀଡା ଘୋଷକ ଅମୀୟ କୁମାର ଚାନ୍ଦ ସଫଳ ଭାବେ ଘୋଷକ ପରିଚାଳନା ଦାୟିତ୍ୱ ତୁଲାଇ ମୁଖ୍ୟ ଅତିଥି ତଥା ବିଶ୍ୱ ମାଷ୍ଟର୍ସ ଆସୋସିଏସନ୍‌ର ସଭାପତି ଷ୍ଟାନ୍ ପାର୍‌କିନସ୍ (ଅଷ୍ଟ୍ରେଲିଆ) ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ପ୍ରକାଶଥାଉକି, ଏଥି ପୂର୍ବରୁ ଶ୍ରୀ ଚାନ୍ଦ ଦୀର୍ଘ ୩୦ ବର୍ଷ ଧରି ଜିଲ୍ଲା, ରାଜ୍ୟ ତଥା ଦେଶ ବିଦେଶରେ ବିଭିନ୍ନ କ୍ରୀଡାରେ ଘୋଷକ ଭାବେ କାର୍ଯ୍ୟକରି ବହୁବାର ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ସମ୍ମାନିତ ହୋଇ ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତି।



## ଆଇଆଇଏମ୍‌ସିରେ ପୁସ୍ତକ ଉନ୍ମୋଚନ



**ଢେଙ୍କାନାଳ,୨୬।୨(ସମିସ):** ଢେଙ୍କାନାଳ ତଥା ରାଜ୍ୟର ସୁଲେଖକ ତଥା ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଆଇଆଇଏମ୍‌ସି ଢେଙ୍କାନାଳରେ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀଙ୍କ ଇଂରାଜୀ ପୁସ୍ତକ 'ୱିଣ୍ଡୋ ସିଟ୍' ଉନ୍ମୋଚିତ ହୋଇଛି। ଆଇଆଇଏମ୍‌ସି ଢେଙ୍କାନାଳରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅତିଥି ଅଧ୍ୟାପକ ସୁବ୍ରତ କୁମାର ପତି ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଢେଙ୍କାନାଳର ଶେଫାଳୀ କମ୍ୟୁନିକେସନ୍ସ ପୁସ୍ତକକୁ ପ୍ରକାଶନ କରିଥିବା ବେଳେ ୱିଣ୍ଡୋ ସିଟ୍ ଲେଖକଙ୍କର ଏକ ସାପ୍ତାହିକ ସ୍ତମ୍ଭ। ଏହା ସିକିମ୍‌ରୁ ପ୍ରକାଶିତ ଇଂରାଜୀ ଦୈନିକ ସିକିମ୍ ଏକ୍ସପ୍ରେସ୍‌ରେ ନିୟମିତ ଭାବରେ ପ୍ରକାଶ ପାଏ। ଏହାସହ ଓଡ଼ିଶାର ଏକ ଇଂରାଜୀ ୱେବ୍‌ପୋର୍ଟାଲ୍‌ରେ ମଧ୍ୟ ଏହା ପ୍ରକାଶିତ ହୁଏ। ୨୦୨୩ରେ ପ୍ରକାଶିତ ହୋଇଥିବା ସ୍ତମ୍ଭଗୁଡ଼ିକୁ ନେଇ ଏହି ପୁସ୍ତକର ସଂକଳନ କରାଯାଇଛି। ପୁସ୍ତକରେ ଲେଖକ ଅତି ସାଧାରଣ କଥାଠାରୁ ଆରମ୍ଭ କରି ବିଭିନ୍ନ ସମକାଳୀନ ପ୍ରସଙ୍ଗ ଉପରେ ସୁନ୍ଦର ଭାବେ ଆଲୋଚନା କରିଛନ୍ତି।

ସେହିପରି ସଂସ୍ଥାନର ସହକାରୀ ପ୍ରଫେସର ଡ. ହରିକୃଷ୍ଣ ବେହେରାଙ୍କ ଲିଖିତ ଇଂରାଜୀ ପୁସ୍ତକ 'ଲିଗାଲ୍ ରେକଗ୍‌ନିସନ୍ ଅଫ୍ ଟ୍ରାନ୍ସଜେଣ୍ଡର-ଏ ଷ୍ଟଡି ଇନ୍ ଓଡ଼ିଶା' ଉନ୍ମୋଚନ କରିଛନ୍ତି। ଡ. ବେହେରାଙ୍କ ଏହା ଏକ ଗବେଷଣାଧର୍ମୀ ପୁସ୍ତକ। ଏଥିରେ କିନ୍ନରଙ୍କ ବିଭିନ୍ନ ସମସ୍ୟା ସହ ସେମାନଙ୍କ ପାଇଁ ଥିବା ଆଇନ କାନୁନ ସମ୍ବନ୍ଧରେ ଆଲୋକପାତ ହୋଇଛି। ଗୁଜରାଟର କ୍ରାଉନ୍ ପବ୍ଲିକେସନ୍ସ ଏହାର ପ୍ରକାଶନ ଦାୟିତ୍ୱ ନେଇଛି। ରେଡିଓ ସାମ୍ବାଦିକତା ବିଷୟରେ ଶିକ୍ଷାଦାନ ପାଇଁ ଶ୍ରୀ ପତି ସଂସ୍ଥାନକୁ ଆସିଛନ୍ତି। ସେ ପାଞ୍ଚ ଦିନ ଧରି ସଂସ୍ଥାନରେ ରହି ରେଡିଓ ସାମ୍ବାଦିକତା, କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ଅନ୍ୟ ବୈଷୟିକ ଦିଗ ଉପରେ ଆଲୋଚନା କରିବେ। ଏହି ଅବସରରେ ସେ ନିଜର ରେଡିଓ ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଶ୍ରୀ ପତି ପୂର୍ବରୁ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରିଛନ୍ତି। ଏହାସହ ଗୋଷ୍ଠୀ ବେତାର ରେଡିଓ କେନ୍ଦ୍ର ରେଡିଓ ଆଉଟ୍‌ରିଚ୍ ଓ ଇଣ୍ଟରନେଟ୍ ରେଡିଓ ରେଡିଓ ଭୁବନେଶ୍ୱରର ପ୍ରତିଷ୍ଠାତା ସହିତ ସେ ଓଡ଼ିଶା ଗୋଷ୍ଠୀ ବେତାର ସଂଗଠନର ସମ୍ପାଦକ ଦାୟିତ୍ୱରେ ଅଛନ୍ତି।

## ■ ଡିଜେ ବଜାଇବା ପଡ଼ିଲା ମହଙ୍ଗା

## ୪ ଡିଜେ ଗାଡି ଜବତ କଲା ପୋଲିସ

**କାମାକ୍ଷାନଗର,୨୬।୨(ସମିସ):** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଅଞ୍ଚଳରେ କର୍କଶ ଶବ୍ଦ କରି ଡିଜେ ବଜାଇବା ମହଙ୍ଗା ପଡିଛି। ଅତ୍ୟଧିକ ସାଉଣ୍ଡକୁ ନେଇ ପୁଲିସ ୪ଟି ଡିଜେ ଗାଡିକୁ ସିଜ କରିଛି। ପରଜଙ୍ଗ ଥାନା ଅଞ୍ଚଳରେ ଗତକାଲି ବିଭିନ୍ନ ଗ୍ରାମରେ ବାହାଘର ଯୋଗୁ ଡିଜେ ସାଉଣ୍ଡ ବ୍ୟବସ୍ଥା ହୋଇଥିଲା। ମାତ୍ର ସରକାରୀ କଟକଣାକୁ ଉଲ୍ଲଙ୍ଘନ କରି ଅତ୍ୟଧିକ ସାଉଣ୍ଡ ଦେଇ ଡିଜେ ବଜାଇବା ଯୋଗୁ କିଛି ସ୍ଥାନୀୟ ବ୍ୟକ୍ତି ପୁଲିସର ଆଶ୍ରୟ ନେଇଥିଲେ। ଫଳରେ ପରଜଙ୍ଗ ପୁଲିସ ବିଭିନ୍ନ ଗ୍ରାମରେ ହେଉଥିବା ଶୋଭଯାତ୍ରରରେ ବ୍ୟବହୃତ ଡିଜେ ସାଉଣ୍ଡ ଗାଡି ଗୁଡିକ ଜବତ କରି ଥାନାରେ ଅଟକ ରଖିଛି। ପରଜଙ୍ଗ ପୋଲିସର ଏହି ଡିଜେ ସାଉଣ୍ଡ ଗାଡି ଗୁଡିକ ଜବତ କରିବା ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଆଶ୍ୱସ୍ତ ଅନୁଭବ କରିଛନ୍ତି।




## କେନ୍ଦୁବେରଣୀ ଗ୍ରାମରେ ଅଗ୍ନିକାଣ୍ଡ

**କାମାକ୍ଷାନଗର,୨୬।୨(ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା ସୋଗର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁବେରଣୀ ଗାଁରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଜଳିପୋଡି ଛାରଖାର ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହକରାଯାଉଛି। କେନ୍ଦୁବେରଣୀ ଗାଁର ମଦନ ପଧାନଙ୍କ ପରିବାର ଲୋକେ ଘରେ ନଥିବା ବେଳେ ଅଗ୍ନିକାଣ୍ଡ ଘଟିବାରୁ ଅଗ୍ନିକାଣ୍ଡରେ ଧାନ, ଚାଉଳ ସହିତ କିଛି ଆସବାବପତ୍ର ପୋଡି ଯାଇଥିବା ଜଣାପଡିଛି। ଖବର ପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ଅଗ୍ନିବିପନ୍ନଙ୍କ ପରିବାର ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ଦାବି କରିଛନ୍ତି।



# ପ୍ରୋଜେକ୍ଟ ଗ୍ରେସ୍ ଅଧୀନରେ ସବୁଜ ପାଠ୍ୟକ୍ରମର ଶୁଭାରମ୍ଭ

## 'ବିଦ୍ୟାଳୟରେ ପରିବେଶ ଶିକ୍ଷା ପାଇଁ ଏକ ମାଇଲଖୁଣ୍ଟ'

ଅନୁଗୋଳ,୨୬।୨(ସମିସ)

ଜିଲ୍ଲାପାଳ ମହମ୍ମଦ ଅଦାଲ୍ ଅଖତର ଅନୁଗୋଳ ସରକାରୀବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ଢାଞ୍ଚାରେ ପରିବେଶ ସଚେତନତା ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜିଲ୍ଲାରେ ପ୍ରୋଜେକ୍ଟ ଗ୍ରେସ୍ (ପରିବେଶ ପାଇଁ ସବୁଜ ଓ ପୁନରୁଦ୍ଧାର ଶୈକ୍ଷିକ ପାଠ୍ୟକ୍ରମ) ସବୁଜ ପାଠ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜେଏସ୍‌ପିର ସିଏସ୍‌ଆର ଶାଖା ଜେଏସପି ଫାଉଣ୍ଡେସନ ଦ୍ୱାରା ଅନୁଦାନପ୍ରାପ୍ତ ଏବଂ ଅନୁଗୋଳ ଜିଲ୍ଲା ପ୍ରଶାସନ ସହଯୋଗରେ ନିଟକନ ସୋସିଆଲ ଫାଉଣ୍ଡେସନଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ବ୍ୟାପକ ଗ୍ରୋଇଂ ୱିଥ୍ ଗ୍ରେସ୍ କାର୍ଯ୍ୟକ୍ରମର ଏକ ମୂଳଦୁଆ ହେଉଛି ଏହି ଅଗ୍ରଣୀ ପଦକ୍ଷେପ। ଅନୁଗୋଳ ଜିଲ୍ଲାରେ ବିଦ୍ୟାଳୟଗୁଡ଼ିକରେ ସବୁଜ ପାଠ୍ୟକ୍ରମ କାର୍ଯ୍ୟକାରୀ କରି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ ପରିଚାଳନାର ସଚେତନତା ସୃଷ୍ଟି କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ। ଗୋଷ୍ଠୀସ୍ତରରେ ସବୁଜ ଏବଂ ଜଳବାୟୁ ପରିବର୍ତ୍ତନର ସ୍ଥାୟୀ ପ୍ରତିକାର କରିବା ଲକ୍ଷ୍ୟରେ ଛାତ୍ର ଛାତ୍ରୀ ଓ ଶିକ୍ଷକଙ୍କ ଦକ୍ଷତା ବିକାଶ କରିବା ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ୧୫୦୦ରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀ, ୬୦୦ ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷୟିତ୍ରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ପ୍ରଶାସନ ପାଇଁ ଏକ ଦୃଢ଼ ବୌଦ୍ଧିକ ଭିତ୍ତିଭୂମି ସ୍ଥାପନ କରିବା ସହପରିବେଶ ପରିଚାଳନା ପାଇଁ ଏହି ପଦକ୍ଷେପ ନିଆଯାଇଛି।



ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ଏବଂ ଆଚରଣ ପରିବର୍ତ୍ତନ ଯୋଗାଯୋଗ (ବିସିସି) ଉପକରଣ ବ୍ୟବହାର କରି ବିଭିନ୍ନ ସଚେତନତା ଅଭିଯାନ ମାଧ୍ୟମରେ ପାଠ୍ୟକ୍ରମର ପରିଚୟ ପ୍ରଦାନ କରାଯାଇଥିଲା। ଯେଉଁଥିରେ ପ୍ରମୁଖ ପରିବେଶ ସମସ୍ୟା ଏବଂ ଆହ୍ୱାନ ଉପରେ ଆଲୋକପାତ କରାଯାଇଥିଲା। ଏଭଳି ଏକ ଅଭିନବ କାର୍ଯ୍ୟପାଇଁ ଜେଏସପି ଫାଉଣ୍ଡେସନର ସହଯୋଗ ପାଇଁଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ସହ ସମଗ୍ର ବିଦ୍ୟାଳୟ ପ୍ରଶାସନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସ୍କୁଲରେ ପ୍ରୋଜେକ୍ଟ ଗ୍ରେସ୍ ଆରମ୍ଭ ହେବା ପରେ ପରିବେଶ ଶିକ୍ଷାକୁ ଶୈକ୍ଷିକ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରାକୃତିକ ଐତିହ୍ୟର ସଂରକ୍ଷଣ ଦିଗରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଉତ୍ସାହିତକରିବ। ଏହି ପଦକ୍ଷେପ କେବଳ ଶିକ୍ଷାଗତ ଅଭିଜ୍ଞତାକୁ ସମୃଦ୍ଧ କରେ ନାହିଁ ବରଂ ଯୁବ ଶିକ୍ଷାର୍ଥୀମାନଙ୍କ ମଧ୍ୟରେପରିବେଶ ପ୍ରତି ଦାୟିତ୍ୱବୋଧତା ସୃଷ୍ଟି କରେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରିଣୀ ସୁସ୍ମିତା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ‘ମୁକ୍ତା’ ଯୋଜନାରେ ୪ ପୋଖରୀର ହେବ ପୁନରୁଦ୍ଧାର




## ଭିତ୍ତିପ୍ରସ୍ତର ସ୍ଥାପନ କଲେ ସାଂସଦ ଓ ବିଧାୟକ

ଢେଙ୍କାନାଳ, ୨୬।୨(ସମିସ)

ଢେଙ୍କାନାଳ ସହରରେ ଥିବା ୪ଟି ପୋଖରୀର ପୁନରୁଦ୍ଧାର ପାଇଁ ମୁକ୍ତା ଯୋଜନାରେ ଏସଏଚ୍‌ଜିମାନଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଯୋଜନାକୁ ସଫଳ କରିବା ପାଇଁ ସୋମବାରଦିନ ସାଂସଦ, ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଢେଙ୍କାନାଳ ସହରରେ ପାନୀୟ ଜଳସମସ୍ୟା ଦୀର୍ଘବର୍ଷ ଧରି ରହିଛି। ସହରର ଜଳାଶୟ ଗୁଡିକ ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହୋଇଆସୁଥିବା ବେଳେ ସରକାରଙ୍କ ‘ଆମ ପୋଖରୀ’ ଯୋଜନାରେ ପୋଖରୀ ଗୁଡିକର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସାଂସଦ ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ପୌରାଧକ୍ଷା ଜୟନ୍ତୀ ପାତ୍ର, ଉପାଧକ୍ଷ ପ୍ରକାଶ କଅଁର, କାଉନସିଲରମାନଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ସାଂସଦ କହିଛନ୍ତି ଯେ, ପୋଖରୀର ପୁନରୁଦ୍ଧାର ପରେ ସହରରେ ଗାଈଗୋରୁ ଭଳି ଗୃହପାଳିତ ପଶୁ ଉପକୃତ ହୋଇପାରିବେ। ବିଭିନ୍ନ କାର୍ଯ୍ୟପାଇଁ ଜନସାଧାରଣ ମଧ୍ୟ ଅସୁବିଧା ଭୋଗ କରିବେ ନାହିଁ। ସେହିପରି ବିଧାୟକ କହିଛନ୍ତି ଆମ ପୋଖରୀ ଯୋଜନାରେ ସହରର ୪ଟି ପୋଖରୀର ପୁନରୁଦ୍ଧାର କରାଯାଇଛି। ମୁକ୍ତା ଯୋଜନାରେ ପୋଖରୀ କାମକୁ ମହିଳା ଏସଏସଜି ଗ୍ରୁପ ମାନଙ୍କ ଦ୍ୱାରା କରାଯିବ। ପୋଖରୀର ପୁନରୁଦ୍ଧାରସହିତ ଚାରିପାଖର ରାସ୍ତା, ପାର୍କ, ପାହାଚ ଇତ୍ୟାଦି ନିର୍ମାଣ ହେବ ବୋଲି ଜଣାପଡ଼ିଛି। ସହରର ୪ ନମ୍ବର ୱାର୍ଡରେ ଥିବା ଭାଗିରଥୀସାଗର ପାଇଁ ୧ କୋଟି ୮୭ଲକ୍ଷ ଟଙ୍କା ସହିତ ୧୭ନମ୍ବର ୱାର୍ଡରେ ଥିବା ଗୋପାଳସାଗର ପାଇଁ ୨୭ଲକ୍ଷ ୪୩ ହଜାର ଓ ଗୋଡିପୋଖରୀ ପାଇଁ ୫୫ଲକ୍ଷ ୯୯ ହଜାର ଟଙ୍କା ଅନୁମୋଦନ କରାଯାଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମହିଳା ଏସଏସଜି ଗ୍ରୁପମାନଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀଏବଂ ୱାର୍ଡ ବାସିନ୍ଦାମାନେ ଉପସ୍ଥିତ ରହିଥିଲେ।

‘ମୋ ପୋଖରୀ’ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

# ବିକାଶ ମାର୍ଗରେ ଆଗେଇ ଚାଲିଛି ହିନ୍ଦୋଳ ଏସ୍‌ଏସି



**ହିନ୍ଦୋଳ, ୨୬।୨(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସିରେ ଆଜି ନୂତନ ଭତ୍ତା ଓ ମୁକ୍ତା ଜରିଆରେ ହେବାକୁ ଥିବା ମୋ ପୋଖରୀ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି।ହିନ୍ଦୋଳର ବିଧାୟିକା ସୀମାରାଣୀ ନାୟକଙ୍କ ଉଦ୍ୟମ, ତତ୍ୱାବଧାନ ଓ ସହଯୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁକ୍ତା ମାଧ୍ୟମରେ ବିଭିନ୍ନ ପୋଖରୀଗୁଡିକ ପୁନଃରୁଦ୍ଧାର ଓ ଉନ୍ନତୀକରଣ ନିମନ୍ତେ ହିନ୍ଦୋଳ ଏନଏସିକୁ ଅର୍ଥ ମଞ୍ଜୁର କରିଥିଲେ। ମହିଳା ସ୍ୱୟଂସହାୟିକାଗୋଷ୍ଠୀ ମାନେ ସ୍ୱାବଲମ୍ବୀ ହେବାପାଇଁ ସେମାନଙ୍କ ନାମରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବିଧାୟିକାଙ୍କ ଉଦ୍ୟମରେ ରାଜ୍ୟସରକାରଙ୍କ ଦ୍ୱାରା ମଞ୍ଜୁର କରାଯାଇଥିବା ବର୍ଦ୍ଧିତ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ମଧ୍ୟ ବଣ୍ଟନ କରାଯାଇଥିଲା।ପୂର୍ବରୁ ହିନ୍ଦୋଳ ବିଧାୟିକାଙ୍କ ହିନ୍ଦୋଳ ଏନଏସିରେ ଅତ୍ୟାଧୁନିକ ବସଷ୍ଟାଣ୍ଡ, ଆଦର୍ଶ ବିଦ୍ୟାଳୟ, ଇଣ୍ଡୋରଷ୍ଟାଡିୟମ, ଦୁଇଟି କଲ୍ୟାଣ ମଣ୍ଡପ, ବିଜୁ ପାର୍କ, ସ୍ମଶାନ, ପାର୍କ, ଜିମ, ମିଶନଶକ୍ତି ଗୃହ ଇତ୍ୟାଦି ନିର୍ମାଣ କରାଇବା ସହ ପ୍ରତ୍ୟେକ ୱାର୍ଡକୁ ପାନୀୟଜଳ ଯୋଗାଣଭଳି ମେଗା ପ୍ରୋଜେକ୍ଟ, ଭୀମଖନ୍ଦା ଜଳସେଚନପ୍ରକଳ୍ପ ପାଇଁ ପ୍ରଚୁର ଅର୍ଥମଞ୍ଜୁରୀ ହୋଇପାରିଥିବା ସହ ପ୍ରତ୍ୟେକ ୱାର୍ଡରେ ରାସ୍ତାନିର୍ମାଣ, ଆଲୋକୀକରଣ, କ୍ଲବ, କୋଠଘର, କମ୍ୟୁନିଟି ସେଣ୍ଟର ନିର୍ମାଣ, ସମସ୍ତ ମନ୍ଦିର, ମସଜିଦ ଉନ୍ନତିକରଣ, ସ୍କୁଲ, ମୁଖ୍ୟଡାକ୍ତରଖାନା, କଲେଜକୁ ‘୫-ଟି’ ମାଧ୍ୟମରେ ବିକାଶ ହୋଇଛି। ହିନ୍ଦୋଳ ଏନଏସି ଉନ୍ନତି ପାଇଁ ଆହରହ ପରିଶ୍ରମ କରୁଥିବା ବିଧାୟିକା ହିନ୍ଦୋଳ ଏନଏସି ପାଇଁ ପ୍ରଚୁର ଅର୍ଥ ମଞ୍ଜୁରୀ କରାଇବା ସହ ଏହାକୁ ବିକାଶ ମାର୍ଗରେ ଆଗେଇ ନେଇପାରିଛନ୍ତି। ଏନଏସି ନିର୍ବାହୀ ଅଧିକାରୀ ଏମ ଶ୍ରୀନିଭାସଙ୍କ ତତ୍ୱାବଧାନରେ ସ୍ଥାନୀୟ ଟାଉନହଲ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ କେଶବ ପ୍ରଧାନ, ଉପାଧ୍ୟକ୍ଷା ପ୍ରତିମା ରାଉତ, ସିଓ କୌଶଲ୍ୟା ନାୟକ, ସମସ୍ତ କାଉନସିଲର, ଏନଏସି ସମସ୍ତ କର୍ମଚାରୀ ଉପସ୍ଥିତ ରହି ଭତ୍ତା ଓ କାର୍ଯ୍ୟାଦେଶ ବଣ୍ଟନ କରିଥିବା ବେଳେ ବହୁ ଜନସାଧାରଣ ଉପସ୍ଥିତ ରହିଥିଲେ।

# ମା’ ତାରିଣୀଙ୍କ ୫ମ ବାର୍ଷିକ ଉତ୍ସବର ପୂର୍ଣ୍ଣାହୁତି



ଢେଙ୍କାନାଳ, ୨୬।୨(ସମିସ): ସ୍ଥାନୀୟ ଶାସନ ଛକରେ ଥିବା ମା’ ତାରିଣୀଙ୍କ ପୀଠରେ ମା’ଙ୍କ ୫ମ ବାର୍ଷିକ ଉତ୍ସବର ଆଜି ପୂର୍ଣ୍ଣାହୁତି ହୋଇଯାଇଅଛି। ପ୍ରଥମ ଦିନରେ ସ୍ଥାନୀୟ ଜେଲପୋଖରୀ ଠାରେ ପୂଜାର୍ଚ୍ଚନା କରାଯାଇ ୧୦୮ରୁ ଊର୍ଦ୍ଧ୍ୱ ମହିଳା ବାଦ୍ୟ ଦ୍ୱାରା ସହର ପରିକ୍ରମା କରାଯାଇ ପୀଠରେ ପହଞ୍ଚିବା ସହ ମା’ଙ୍କର ପୂଜାର୍ଚ୍ଚନା ଓ ଅଧିବାସ ପୂଜା ଆରମ୍ଭ ହୋଇଥଲା। ୩ଦିନ ଧରି ମା’ଙ୍କ ସୂର୍ଯ୍ୟପୂଜା, ମଣ୍ଡଳପୂଜା, ଷୋଡଶ ଉପଚାର ପୂଜା, ଚଣ୍ଡିପାଠ, ସପ୍ତଚଣ୍ଡୀ ଆହୁତି ପ୍ରଭୃତି ପୂଜାର୍ଚ୍ଚନା କରାଯାଇ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ଅଦ୍ୟ ପୂର୍ଣ୍ଣାହୁତି ଅବସରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୂଜକ ଲିଙ୍ଗରାଜ ପତି, କର୍ତ୍ତା ଶ୍ରୀକାନ୍ତ ସାମଲ ଓ କର୍ତ୍ତୀ ବେବିନା ସାମଲ, ସଭାପତି ଶରତ କୁମାର ବେହେରା, ସମ୍ପାଦକ ନକୁଳ ବେହେରା, ସହ-ସମ୍ପାଦକ ଲକି ବେହେରା, କୋଷାଧ୍ୟକ୍ଷ ଦିଲିପ୍ ବେହେରା ଓ ସମୀର ବେହେରା, ପିଣ୍ଟୁ ମେହେର, ଟିକି ସାହୁ, ଚିଞ୍ଚି ବେହେରା, ସମ୍ରାଟ, ଚିକୁ, ଚନ୍ଦୁ, ସାଇ, ଓମ୍, କ୍ରିଷ୍ଣା, କାହ୍ନା, ଲକି, ଛୋଟୁ, ସାନୁ ଓ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଥିଲା।

# ମହାରୁଦ୍ରେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ



**ଢେଙ୍କାନାଳ, ୨୬।୨(ସମିସ):** ଓଡାପଡ଼ା ବ୍ଲକ ଅନ୍ତର୍ଗତ ଦାଣ୍ଡିମାଳ ଅଞ୍ଚଳର ଅଙ୍କରାନ୍ତିପୁର ଗ୍ରାମରେ ମହାରୁଦ୍ରେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଅଛି। ଏଥିରେ ଗ୍ରାମବାସୀ ତଥା ଦାଣ୍ଡିମାଳର ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଛନ୍ତି। ଏହି ଅବସରରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ପୂଜକ ସୁରେଶ ଭୂଷଣ ନନ୍ଦ ଏବଂ ତାଙ୍କ ସହଯୋଗୀମାନଙ୍କ ସହିତ ଶାଳା ପୂଜା, ସୂର୍ଯ୍ୟ ପୂଜା, ଅଧିଭାଷଣ, ସ୍ନାନ, ପଞ୍ଚକଳସ ପୂଜା, ବାସ୍ତୁ ପୂଜା, ଗ୍ରହ ପୂଜା, ଇନ୍ଦ୍ର-ଇନ୍ଦ୍ରାଣୀ ପୂଜା ଓ ଗ୍ରାମ ପ୍ରତିଷ୍ଠା, ଗର୍ଭସ୍ୱ ଧନ, ହୋମ, ଧାନ ସ୍ଥାପନ, ରତ୍ନ କଳସ ସ୍ଥାପନ, ରତ୍ନମୁଦ, ପୂର୍ଣ୍ଣାହୁତି, ବଳିଦାନ ଇତ୍ୟାଦି ପୂଜା କରାଯାଇ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଏଥିରେ ଅଙ୍କରାନ୍ତିପୁରର ଗ୍ରାମବାସୀବୃନ୍ଦ ପୂର୍ଣ୍ଣ ସହଯୋଗ କରିଥିଲେ। ଦିବା ୧ ଘଟିକା ଠାରୁ ପ୍ରସାଦ ସେବନ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଅଙ୍କରାନ୍ତିପୁରର ସଂକୀର୍ତ୍ତନ ମଣ୍ଡଳୀ, ବାଘଲୁଣ୍ଡା ସଂକୀର୍ତ୍ତନ ମଣ୍ଡଳୀ ଓ କାଙ୍କଡପାଳ ସଂକୀର୍ତ୍ତନ ମଣ୍ଡଳୀ ମହାଆଡମ୍ବରରେ ସମାରୋହ ହୋଇଅଛି।

# ଇଭିଏମ୍ ତାଲିମ ଶିବିର



**କାମାକ୍ଷାନଗର, ୨୬।୨(ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଇଭିଏମ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଇଭିଏମ ତାଲିମ ଶିବିରରେ କାମାକ୍ଷାନଗର ଉପଖଣ୍ଡର କାମାକ୍ଷାନଗର, ଭୁବନ, କଙ୍କଡାହାଡ଼ ଓ ପରଜଙ୍ଗ ବ୍ଲକର ସମସ୍ତ ବିଡ଼ିଓ ଓ ତହସିଲଦାରମାନେ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଠାରେ ଇଭିଏମ ମେସିନ ଉପରେ ତାମିଲ ଦିଆଯାଇଥିଲା। ଏଠାରୁ ତାଲିମ ପାଇଥିବା ଅଧିକାରୀମାନେ ପରବର୍ତ୍ତୀ ସମୟରେ ସେକ୍ଟର ଅଫିସର ଓ ଅନ୍ୟମାନଙ୍କୁ ମଧ୍ୟ ଏହା ଉପରେ ତାଲିମ ଦେବେ। ଏଠାରେ କାମାକ୍ଷାନଗର ତହସିଲଦାର ପ୍ରିୟବ୍ରତ ଦାସ, କାମାକ୍ଷାନଗର ବିଡ଼ିଓ ଅବିନାଶ ପାଣ୍ଡିଆ, ଭୁବନ ବିଡ଼ିଓ କଲ୍ୟାଣ ସୌରଭ ଦାସ, କଙ୍କଡାହାଡ଼ ତହସିଲଦାର ସୌଦାମିନୀ ନାୟକ, ପରଜଙ୍ଗ ତହସିଲଦାର ପତିତପାବନ ଦେବତା, ଡେପୁଟି କଲେକ୍ଟର ଡ. ତୃପ୍ତିମୟୀ ପ୍ରଧାନ, ସହକାରୀ ଜିଲ୍ଲାପାଳ ଦୀପକ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚାନ୍ଦପୁର ତାରିଣୀ ମନ୍ଦିରର ରତ୍ନମୁଦ ଉତ୍ସବ

**ମହାବିରୋଡ, ୨୬।୨(ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକ ଚାନ୍ଦପୁର ଗ୍ରାମରେ ଆଜି ମା’ ତାରିଣୀଙ୍କ ନୂତନ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ଆୟୋଜିତ ପୂଜାରେ ହୋମଯଜ୍ଞରେ ସମସ୍ତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଲଣ୍ଡା ଦେହୁରୀ, ସୁକାନ୍ତି ଦେହୁରୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ କୁଞ୍ଜବିହାରି କର, ବିଜୟ କର, ପ୍ରସନ୍ନ କର, ଚିତରଞ୍ଜନ କର, ପବିତ୍ର କର, ସଚିଦାନନ୍ଦ କର ପୂଜାକାର୍ଯ୍ୟ ସମାପନ କରିଥିଲେ। ରତ୍ନମୁଦ ଉତ୍ସବରେ ଅଞ୍ଚଳର ବିଭିନ୍ନ ଗ୍ରାମରୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଏହି ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୁତି ଭୂଷଣ ପ୍ରଧାନ, ଜିଲ୍ଲାପରିଷଦ ସଦସ୍ୟ ନବକିଶୋର ସାହୁ, ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ଇଂ ରାଜେଶ କୁମାର ଦେହୁରୀ, ଚାନ୍ଦପୁର ସରପଞ୍ଚ ସବିତା ସାହୁଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, ଧାର୍ମିକ ବ୍ୟକ୍ତି ଓ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଚାନ୍ଦପୁର ଗ୍ରାମରେ ମା’ ତାରିଣୀଙ୍କ ନୂତନ ମନ୍ଦିରର ରତ୍ନମୁଦ ହେଉଥିବାରୁ ଗ୍ରାମ ପରିବେଶ ଉତ୍ସବ ମୁଖର ହେଇଅଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ରଞ୍ଜନ କର, ସୁଜିତ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ପଦ୍ମଲୋଚନ ବାରିକ ସହିତ ମନ୍ଦିର କମିଟି ସଦସ୍ୟ ଓ ଗ୍ରାମବାସୀ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ଜନଅଭିଯୋଗ ଶୁଣାଣି ଶିବିର



**ମହାବିରୋଡ, ୨୬।୨(ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ ବ୍ଲକ ସଭାଗୃହରେ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ମୁଖ୍ୟତଃ ଆବାସ ଯୋଜନରେ ଘର, ସ୍ୱାସ୍ଥ୍ୟ ସମସ୍ୟା, ରାସନ କାର୍ଡ, ଭିନ୍ନକ୍ଷମ ଭତ୍ତା ଓ ଟ୍ରାଇ ସାଇକେଲ, ତହସିଲ ଜମିଜମା ସମ୍ବନ୍ଧିତ ଅଭିଯୋଗ ଆସିଥିଲା। ଏଥିରେ ସମୁଦାୟ ୪୪ ଟି ଅଭିଯୋଗ ହୋଇଥାଲା। ଏହି ଶୁଣାଣିରେ ଢେଙ୍କାନାଳ ଏସପି ମଡକର ସନ୍ଦୀପ ସମ୍ପଦ, କାମାକ୍ଷାନଗର ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଜିଲା ଚିକିତ୍ସା ଅଧିକାରୀ ଡା ଦିଲ୍ଲୀପ କୁମାର ବିଶ୍ୱାଳ, ତହସିଲଦାର ସୌଦାମିନୀ ନାୟକ, ବ୍ଲକ ଅଧ୍ୟକ୍ଷ ଚାରୂଲତା ମିଶ୍ର, ଉପାଧ୍ୟକ୍ଷ ଦୀପା ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରି ମାନେ ଉପସ୍ଥିତ ରହିଥିଲେ। ଜନ ଅଭିଯୋଗ ଶୁଣାଣିରେ ଲୋକଙ୍କ ପାଖରେ ସଠିକ ସୂଚନା ନଥିବା କାରଣରୁ ଜନ ଅସନ୍ତୋଷ ପ୍ରକାଶ ପାଇଥିବା ସାଧାରଣରେ ମତପ୍ରକାଶ ପାଇଛି। ଶିବିରରେ ମୋଟ ୪୪ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଏଥି ମଧ୍ୟରୁ ୪୧ଟି ବ୍ୟକ୍ତିଗତ ସମସ୍ୟା, ୩ଗୋଟି ଗ୍ରାମ ସମସ୍ୟା ରହିଥିଲା। ୪୪ଟି ସମସ୍ୟା ମଧ୍ୟରୁ ମୋଟ ୨୩ଟି ସମସ୍ୟାକୁ ଘଟଣାସ୍ଥଳରେ ସମାଧାନ କରାଯାଇଥିବା ଜଣାପଡ଼ିଛି।

# ଜୈନମିଶ୍ରିଲାଲ ପଦ୍ମାବତୀ ମଡେଲ ସ୍କୁଲର ବାର୍ଷିକ ଉତ୍ସବ

**କାମାକ୍ଷାନଗର, ୨୬।୨(ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସ୍ଥିତ ଜୈନ ମିଶ୍ରିଲାଲ ମଡେଲ ସ୍କୁଲର ପଦ୍ମାବତୀ ମଡେଲ ସ୍କୁଲର ୮ମ ବାର୍ଷିକ ଉତ୍ସବ ସ୍ଥାନୀୟ ଅଡିଟୋରିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓଡ଼ିଶା ସରକାରଙ୍କ ଖଣି, ଇସ୍ପାତ, ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ କାମାକ୍ଷାନଗର ସହରର କଳେବର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଇଂରାଜୀ ମାଧ୍ୟମରେ ଶିକ୍ଷା ପାଇଁ ବିଦ୍ୟାଳୟର ଅଭାବ ଥିଲା। ଏହି ବିଦ୍ୟାଳୟ ଦ୍ୱାରା ସେହି ଅଭାବ ଅସୁବିଧା ଦୂର ହୋଇ ପାରିଥିବାବେଳେ ଶିକ୍ଷା କ୍ଷେତ୍ରରେ ଏହା ନୂତନ ଆଶା ସଞ୍ଚାର କରି ପାରିଛି। ଉତ୍ତମ ଛାତ୍ରୀଛାତ୍ର ନିର୍ମାଣରେ ଏହା ସହାୟକ ହେବ ବୋଲି ସେ କହିଥିଲେ। କାମାକ୍ଷାନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପରିଚାଳନା କମିଟିର କୋଷାଧ୍ୟକ୍ଷ ମଙ୍ଗତଲାଲ କଟାରୁକା,




ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି, ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଯଶୋବନ୍ତ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନିଜନିଜର ବକ୍ତବ୍ୟ ପ୍ରଦାନକରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଦିନେଶ କୁମାର ସେନାପତି ବାର୍ଷିକ ବିବରଣୀ ପାଠକରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କାମାକ୍ଷାନଗର ପଞ୍ଚାୟତ ସମିତି ବୈଠକ




**କାମାକ୍ଷାନଗର, ୨୬।୨(ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ପଞ୍ଚାୟତ ସମିତିର ସାଧାରଣ ବୈଠକ ସ୍ଥାନୀୟ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପରଜଙ୍ଗ ବିଧାୟକ ଡ଼ ନୃସିଂହ ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଞ୍ଚାୟତ ସମିତି ଅଧୀନରେ ଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ସମସ୍ୟାର ସମାଧାନ ଓ ବିଭିନ୍ନ ସରକାରୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେନେଇ ସରପଞ୍ଚ, ସମିତିସଭ୍ୟଙ୍କ ସହଯୋଗ କାମନା କରିଥିଲେ। କାମାକ୍ଷାନଗର ବିଡ଼ିଓ ଅବିନାଶ ପାଣ୍ଡିଆ ପଞ୍ଚାୟତ ସମିତିର ଆଭିମୁଖ୍ୟ ଓ ବିବରଣୀ ପ୍ରଦାନ କରିଥିବା ବେଳେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା, ଜିଲ୍ଲାପରିଷଦ ସଦସ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

# ୧୯୭୫ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

**ଭୁବନ, ୨୬।୨(ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ହାଇସ୍କୁଲ ୧୯୭୫ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ କପିଳାସ ସାଇନ୍ସ ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଦାଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ରହ୍ମାନନ୍ଦ ସାହୁ ସ୍ୱାଗତ ଭାଷଣ ଦେଇ ସମସ୍ତ ସାଥୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ରାଜ କିଶୋର ଅଗ୍ରୱାଲା, ବେଣୁଧର ଗୁରୁ, ଶ୍ରୀବତ୍ସ କୁମାର ଦାସ, ଈଶ୍ୱର ଚନ୍ଦ୍ର ଅଗ୍ରୱାଲା, ପ୍ରଫୁଲ୍ଲ କୁମାର ସାହୁ, ରୋହିତ କୁମାର ବେହେରା, ପ୍ରଦୀପ କୁମାର ବିଶ୍ୱାଳ, ଭଗବାନ ସାହୁ ପ୍ରମୁଖ ବନ୍ଧୁମିଳନର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଗୋକୁଳ ଚନ୍ଦ୍ର ସାହୁ, ରାଘବ ଚନ୍ଦ୍ର ଚିନରା, ଜୟ କୃଷ୍ଣ ବାରିକ, ବିଜୟ କୁମାର ଚିନରା, ଅମ୍ବୁଜ କୁମାର ଚିନରା, ବାଇଧର ନାୟକ, ପ୍ରସନ୍ନ କୁମାର ସାହୁ, ରସାନନ୍ଦ ସାହୁ ସହଯୋଗ କରିଥିଲେ। ବୟସର ଅପରାହ୍ନରେ ପହଞ୍ଚିଥିବା ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ସାଥୀ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଯୁଗଳ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ‘ବାଲ୍ୟବିବାହ ଓ ଶିଶୁଚାଲାଣ ଅତ୍ୟନ୍ତ ସମ୍ବେଦନଶୀଳ’

ଢେଙ୍କାନାଳ, ୨୬।୨(ସମିସ)




ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ଠାରେ ବାଲ୍ୟ ବିବାହ ତଥା ମହିଳା ଏବଂ ଶିଶୁ ଚାଲାଣ ପ୍ରତିରୋଧ ସମ୍ବନ୍ଧରେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧିର କୁମାର ସାମଲ ଯୋଗଦେଇ ବାଲ୍ୟବିବାହ ଏବଂ ଶିଶୁ ଚାଲାଣକୁ ଏକ ସମ୍ବେଦନଶୀଳ ବିଷୟ ବୋଲି କହିଥିଲେ। ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ଅଧ୍ୟକ୍ଷା କଲ୍ୟାଣୀ ନାୟକ ସ୍ୱାଗତ ଭାଷଣ ଦେଇ ତାଙ୍କ ଅଭିଭାଷଣ ରଖିଥିଲେ ଏବଂ ସଭାକୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏସ୍‌ପି ନିଳତା ମୋଦି, ଅନ୍ୟତମ ଅତିଥିଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା, ବୋର୍ଡ ମେମ୍ବର ରିଜୱାନା ବେଗମ୍, ଏସ୍‌ଆଇ ବିଷ୍ଣୁପ୍ରିୟା ରଣା ପ୍ରମୁଖ ବିଷୟବସ୍ତୁ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଡ. ପୁଷ୍ପଲତା ରଥ ଏବଂ ସମାଜସେବୀ ସୁଶାନ୍ତ କୁମାର ପାଣି ବାଲ୍ୟ ବିବାହ ମହିଳା ଏବଂ ଶିଶୁ ଚାଲାଣ କାରଣ, ନିରାକରଣ ତଥା ଆଇନ୍‌ଗତ ପଦକ୍ଷେପ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ବୋର୍ଡ ସଭ୍ୟା ସାଗରିକା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ହୀନ ବେହେରା, ସୁଶ୍ରୀ ଦେବସ୍ମିତା ଦାସ, ଚନ୍ଦ୍ରଲେଖା ବହିଦାର, ବାସନ୍ତି ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବୋର୍ଡ ସଭ୍ୟା ଶାରଳା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବିଭିନ୍ନ ବିଭାଗୀୟ ଅଧିକାରୀ, କଲେଜ୍ ଛାତ୍ରୀ, ମିଶନ୍‌ଶକ୍ତି ମହିଳା, ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଶ୍ରେୟା ଅନୁଷ୍ଠାନର ସମ୍ପାଦକ ଜ୍ୟୋତି ରଞ୍ଜନ ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଚାଷୀ ପାଇନାହାନ୍ତି ମୁଗ ବିହନ; କର୍ମଚାରୀଙ୍କ ଘରେ ଗଚ୍ଛିତ

**ଗରଦପୁର, ୨୬।୨(ସମିସ):**

ସରକାର ଚାଷୀଙ୍କୁ ମାଗଣାରେ ମୁଗ ବିହନ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ କୃଷି କାର୍ଯ୍ୟାଳୟ ବିହନ ଚାଷୀଙ୍କୁ ନଦେଇ କର୍ମଚାରୀଙ୍କ ଘରେ ଗଚ୍ଛିତ ରଖିବା ଭିଡ଼ିଓ ଭାଇରଲ ପରେ ଅସଲ ମୁଖା ପଦାକୁ ଆସିଛି। ଜଣେ ଜଣେ କର୍ମଚାରୀଙ୍କ ଘରେ ଯଦି କୁଇଣ୍ଟାଲ କୁଇଣ୍ଟାଲ ମୁଗ ବିହନ

- ଭିଡ଼ିଓ ଭାଇରଲ; ବିକ୍ରି ପାଇଁ ମସୁଧା
- ଗଲାଣି ସମୟ, ମୁଗ ବିହନକୁ ଚାହିଁ ଚାଷୀ ନିରାଶ

ଗଚ୍ଛିତ ଅଛି ତେବେ ଚାଷୀଙ୍କୁ କଣ ବଣ୍ଟାଯାଇଛି ବୋଲି ପ୍ରଶ୍ନ ଉଠିଛି। କୃଷି ବିଭାଗକୁ ଆସିଥିବା ମୁଗ ବିହନକୁ ହଜ କରି ବିହନ ପାଇଁ ଚାଷୀ ଅନାଇ ବସିଥିଲେ। ଏନେଇ କୃଷି କାର୍ଯ୍ୟାଳୟ, କୃଷକ ସାଥୀଙ୍କ ନିକଟକୁ ଚାଷୀ ବାରମ୍ବାର




ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ। ଶେଷରେ ମୁଗ ବୁଣିବା ସମୟ ମଧ୍ୟ ଚାଲିଗଲା। ହେଲେ ମୁଗ ବିହନ ଚାଷୀଙ୍କୁ ନଦେଇ ଗଚ୍ଛିତ ରଖିବାର ଅର୍ଥ କଣ ହୋଇପାରେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ହଜାର ହଜାର ଟଙ୍କାର ବିହନ ବାହାର ବଜାରରେ ବିକ୍ରୀ ହେଉଥିବା ଅଭିଯୋଗ ହୋଇଛି। ଆମେ କହୁଛୁ ଗରଦପୁର ବ୍ଲକର କୃଷି କାର୍ଯ୍ୟାଳୟ କଥା। ଏଠାରେ ଏବେ ନାନା ପ୍ରକାରର ଅରାଜକତା ଲାଗି ରହିଛି। କେବଳ ଯେ ମୁଗ ବିହନ ତାହା ନୁହେଁ ଅନ୍ୟାନ୍ୟ ସବୁ ପ୍ରକାରର ବିହନ ପୂର୍ବରୁ ହଡ଼ପ ହୋଇଥିବା ଅନେକ ଅଭିଯୋଗ ହୋଇଆସୁଛି। ଗତ ବର୍ଷ ଭଳି ଚଳିତବର୍ଷ ମଧ୍ୟ ମୁଗ ବିହନ ନିଶ୍ଚିନ୍ତକୋଇଲି ବଜାରର ଜଣେ ବ୍ୟବସାୟୀକୁ ବିକ୍ରୀ କରିବାକୁ ଯୋଜନା ହୋଇଥିବା ଜାଣିବାକୁ ମିଳିଛି।

ପ୍ରକାଶଥାଉ କି ଗରଦପୁର କୃଷି ବିଭାଗକୁ ନିଜ ମନମାନୀରେ ଚଲାଇ ଆସିଥିବା କେତେଜଣ କର୍ମଚାରୀ ସରକାରଙ୍କ ବିଭିନ୍ନ କୃଷି ଯୋଜନାକୁ ନିଜ ଲାଭରେ ସର୍ବଦା ଲଗାଇ ଆସିଛନ୍ତି। ତମାମ ବ୍ଲକର ଚାଷୀକୁଳକୁ ସାହା ଭରସା ନ ହୋଇ ଉକ୍ତ କର୍ମଚାରୀମାନେ ପ୍ରତି ବର୍ଷ ବିବିଧ କିସମର ବିହନ, ଔଷଧ ଓ ଅନ୍ୟ ସହାୟତାକୁ ବିକ୍ରୀ କରି ଆସୁଛନ୍ତି। ଭାଇରଲ ହେଉଥିବା ଗଚ୍ଛିତ ମୁଗର ଭିଡ଼ିଓକୁ ନେଇ ଜିଲ୍ଲା ପ୍ରଶାସନ ଉପଯୁକ୍ତ ତଦନ୍ତ କରିବାକୁ ଦାବି ହୋଇଛି।

# ମନ୍ତ୍ରୀଙ୍କ ମାରାଥନ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ



**ଆଳି, ୨୬।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିର୍ବାଚନ ମଣ୍ଡଳୀ ଆଳି ବ୍ଲକରେ ସ୍ଥାନୀୟ ବିଧାୟକ ତଥା ଶକ୍ତି, ଶିଳ୍ପ ଲଘୁଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ମାରାଥନ ଭିତ୍ତିପ୍ରସ୍ତର ସ୍ଥାପନ ସହିତ ବିଭିନ୍ନ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ମନ୍ତ୍ରୀ ଶ୍ରୀ ଦେବ ଆଳି ତହସିଲ ପରିସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଳି ବାର ଆସୋସିଏସନର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଆଳି ବାର ଆସୋସିଏସନର ସଭାପତି ଚିରଞ୍ଜୀବି ଦାସଙ୍କ ସମେତ ବାର ଆସୋସିଏସନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ୧୧ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଆଳି ଫୁଟବଲ ଏକାଡେମୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ପୂର୍ତ୍ତ ବିଭାଗ ପକ୍ଷରୁ ୮ କୋଟି ଟଙ୍କା ବ୍ୟୟରେ ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହଜୀଉ ମନ୍ଦିରର ରୂପାନ୍ତରିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଲୋକାପଡ଼ା ଗ୍ରାମରେ ନିର୍ମିତ ୟଙ୍ଗ ବ୍ରାଇଟ ଷ୍ଟାର କ୍ଲବ ଉଦଘାଟନ ସହ ଲୋକପଡ଼ାରୁ ଲକ୍ଷ୍ମୀବରାହ ଜୀଉ ମନ୍ଦିର ପର୍ଯ୍ୟନ୍ତ ୨୦ ଲକ୍ଷ ବ୍ୟୟରେ ନିର୍ମିତ ଆଲୋକିକରଣ ପ୍ରକଳ୍ପକୁ ମଧ୍ୟ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ଜୟରାମ ସାହୁ, ଉପାଧ୍ୟକ୍ଷ ମିନତୀ ବାରିକ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀ, ଖଣ୍ଡାୟତ ସଂଘ ସଭାପତି ସୁକାନ୍ତ ରାଉତ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଦେମାଳ ସରପଞ୍ଚ ରୀତାରାଣୀ ପରିଡ଼ା, ଆଳି ଆଥଲେଟିକ ଆସୋସିଏସନ ସମ୍ପାଦକ ବିଜୟାନନ୍ଦ ସେନାପତି, ଦିବାକର ନାୟକ, ରମେଶ ପଣ୍ଡା, ଗଣେଶ୍ୱର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାଉନସୁଗର ଓ ଗଞ୍ଜେଇ ବେପାରୀ କୋର୍ଟ ଚାଲାଣ

**ଆଲିପିଙ୍ଗଳ, ୨୬।୨ (ସମିସ):** ଆଜି ସକାଳ ୭ଟା ସମୟରେ ଜଗତସିଂହପୁର ଅବକାରୀ ଥାନା ଦ୍ୱାରା ଜରିଲୋଗଡ଼ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ସହ ଜଣେ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି କ୍ଷସୂଚନାମୁତାବକ ଜଗତସିଂହପୁର ଅବକାରୀ ଥାନାର ଏକ ଟିମ ବିଶେଷସୂତ୍ରରୁ ଖବର ପାଇ ଜରିଲୋଗଡ଼ ନିକଟରେ କୂଳମୁଣ୍ଡିଲୋ ପଟରୁ ଆସୁଥିବା ଏକ ଟ୍ରାଭେରା ଗାଡିକୁ ଜବତ କରି ସେଥିରେ ଥିବା ୬୨କେଜି ଗଞ୍ଜେଇ ଜବତ କରିବା ସହ ନିରଞ୍ଜନ ରାୟକୁ ଗିରଫ କରିଥିଲେ। ଏଥିରେ ସମ୍ପୃକ୍ତ ନିରଞ୍ଜନ ରାୟଙ୍କ ପୁଅ ଜୀବନରଞ୍ଜନ ରାୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜବତ ଗଂଜେଇର ମୂଲ୍ୟ ୬ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ପରେ ଏ ସଂକ୍ରାନ୍ତରେ ୧୩୮/୨୪ ରେ ଏକ ମାମଲା ରୁଜୁକରାଯାଇ ଅଭିଯୁକ୍ତକୁ ଆଜି ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ନେଇ ଅବକାରୀ ଥାନା ସୂତ୍ରରୁ ସୂଚନା ମିଳିଛି। ସେହିପରି ଗତକାଲି ବେଣ୍ଣୁପୁର ଛକରେ ବ୍ରାଉନସୁଗାର କାରବାରରେ ଜଗତସିଂହପୁର ଅବକାରୀ ଥାନା ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତକୁ ଆଜି ଅପରାହ୍ନ ୪ଟାରେ କୋର୍ଟ



ଚାଲାଣ କରାଯାଇଛି। ସୂଚନାମୁତାବକ ଗତକାଲି ଅପରାହ୍ନ ୪ଟା ସମୟରେ ଜଗତସିଂହପୁର ଅବକାରୀ ଥାନାର ଏକ ଟିମ ବିଶେଷ ସୂତ୍ରରୁ ଖବର ପାଇ ବାଲିକୁଦା ଥାନା ବେଣ୍ଣୁପୁର ଛକ ନିକଟରେ ଚଢ଼ାଉ କରି ବଗୁନା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତା ନିକଟରୁ ୪୨ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲେ। ପରେ ଅବକାରୀ ଆଇନବଳରେ ୮୭/୨୪ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଥିବା ନେଇ ଅବକାରୀ ଥାନା ସୂତ୍ରରୁ ସୂଚନା ପ୍ରଦାନ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଯାପିତ

**ବିରିଡ଼ି, ୨୬।୨(ସମିସ):** ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିସନ ଯୋଜନା ଆନୁକୂଲ୍ୟରେ ବିରିଡି ବ୍ଲକ ଉତ୍ତରଶାସନ ପଞ୍ଚାୟତ କଲ୍ୟାଣମଣ୍ଡପଠାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କାର୍ମଶାଳା ଗତ ୨୧ ତାରିଖରେ ଉଦଘାଟିତ ହୋଇଥିବାବେଳେ ଆଜି ତାହା ପୂରଣ ପଞ୍ଚାୟତରେ ଉଦଯାପିତ ହୋଇଯାଇଛି। ଏହି କର୍ମଶାଳାରେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଆତ୍ମାର ଅଧ୍ୟକ୍ଷ ପ୍ରତାପ ବେହେରା, ଉପାଧାକ୍ଷା ପିନକୀ ପ୍ରିୟଦର୍ଶିନୀ, ଜିଲ୍ଲାପରିଷଦ ସଭ୍ୟ ଦିପ୍ତିମୟୀ ରାୟ, ସରପଞ୍ଚ ସୁରେନ୍ଦ୍ର ନାଥ ଶତପଥୀ, ସମିତି ସଭ୍ୟ ସବ୍ୟସାଚୀ ଶତପଥୀ, ଶଙ୍ଖପୁର ସରପଞ୍ଚ ଶାନ୍ତିଲତା ସାହୁ, ସମିତି ସଭ୍ୟ ରଶ୍ମୀରଞ୍ଜନ ବେହେରା, ଦିବାକର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟ କ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଆଜି ଏହାର ଉଦ୍‌ଯାପନ କରାଯିବା ସହ ଏଥିରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର, ଉପଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀଙ୍କ ସମେତ ବିଡିଓ ଡ. ବେବିତ ମଞ୍ଜରି ନାୟକ, ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ମଙ୍ଗୁଳି ସରପଞ୍ଚ ନିରଞ୍ଜନ ସେଠୀ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର, ପ୍ରଦୀପ୍ତ ଭୂୟା, ଏ ଡିଏଚ ଅନୀଲ କୁମାର ଶେଠୀ, ଏଏଚଓ ସ୍ମରଣିକା ଦାସ, ଏଏଇ ଶଙ୍କର ସାମନ୍ତ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଉଦ୍ୟାନ କୃଷି ବିଭାଗର କ୍ଷେତ୍ର କର୍ମଚାରୀ ସୁଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏଏଚ ଓ ସ୍ମରଣିକା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ




ସୂଚନା ପ୍ରଦାନ କରିଥିଲେ। ପରେ ପରେ ପ୍ରଧାନମନ୍ତ୍ରୀ କୃଷି ପିଏମକେଏସ ୱାଇ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଏମ କେ ୟୁ ୱାଇ ଯୋଜନା ଅନ୍ତର୍ଗତ ବିଭିନ୍ନ ସ୍କିମ ରେ କରାଯାଉଥିବା ଚାଷ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରାଇଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କ୍ଷେତ୍ର କର୍ମଚାରୀ ସୁଶାନ୍ତ ଦାସ ସଂଯୋଜନା କରିଥିବାବେଳେ କ୍ଷେତ୍ର କର୍ମଚାରୀ ସୋନାଲୀ ରାଉତ ପରିଚାଳନା କରିଥିଲେ। ଶେଷରେ ପୁରଣର ଚାଷୀଙ୍କୁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପରିବା ତୋଳିବାପାଇଁ ପ୍ଲାଷ୍ଟିକ ଟ୍ରେ ବଣ୍ଟନ କରଯାଇଥିଲା।

## ଜଗତସିଂହପୁର ସାହିତ୍ୟ ପରିଷଦର ଫଗୁ ସାହିତ୍ୟ ଆସର

**ଆଲିପିଙ୍ଗଳ, ୨୬।୨(ସମିସ):** ଓଡ଼ିଶାର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ, ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ଫଗୁ ସାହିତ୍ୟ ଆସର ଜଗତସିଂହପୁରସ୍ଥିତ ଦେଉଳି ଗ୍ରାମେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ଅତିଥି ଭାବେ କବି ଅଜୟ କୁମାର ବେହେରା, ବିଶିଷ୍ଟ ନାଟ୍ୟକାର କୈଳାସ ମଲ୍ଲିକ, ବିଶିଷ୍ଟ ଗୀତିକବି ଉମାକାନ୍ତ ନାୟକ, ଗାଳ୍ପିକ ହେମନ୍ତ କୁମାର ବିଶ୍ୱାଳ ଓଡ଼ିଆ ସାହିତ୍ୟର ପ୍ରସାର ପାଇଁ




ପାଠକସମାଜର ଆବଶ୍ୟକତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏଥିରେ ନାଟ୍ୟକାର ଗଣେଶ ମହାନ୍ତି, ପରୀକ୍ଷିତ ମହାନ୍ତି, ପୂର୍ଣ୍ଣ ମିଶ୍ର, ବଂଶୀଧର ବେହେରା ପ୍ରମୁଖ ଅଂଶଗ୍ରହଣ କରି ସାହିତ୍ୟର ପ୍ରଚାର ପ୍ରସାର ପାଇଁ ପାଠକମାନଙ୍କ ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଦିବଂଗତ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଗୀତିକବି ଶରତ ଚନ୍ଦ୍ର ବିଶ୍ୱାଳ, ସାହିତ୍ୟିକ ନଟବର ନାୟକ ଓ ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ସାତକଡ଼ି ହୋତାଙ୍କ ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ କବୟିତ୍ରୀ ମହାସ୍ମିତା ଓଝାଙ୍କ ସଂଯୋଜନାରେ ଅନୁଷ୍ଠିତ ସାହିତ୍ୟ ଆସରରେ ଗଣେଶ ମହାନ୍ତି, ବଂଶୀଧର ବେହେରା, ଅନସୂୟା ଷଡ଼ଙ୍ଗୀ, ପରୀକ୍ଷିତ ମହାନ୍ତି, ସତ୍ୟବତୀ ସ୍ୱାଇଁ, ଦେବତା ନିର୍ମାଲ୍ୟ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ କବିବୃନ୍ଦ ସେମାନଙ୍କ କବିତାମାନ ପାଠ କରିଥିଲେ। ପରିଶେଷରେ ହେମନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଛତ୍ରପତି ଶିବାଜୀ ତାଏକ୍ୱୋଣ୍ଡୋରେ ବେଲ୍ଟ ଟେଷ୍ଟ

**କେନ୍ଦ୍ରାପଡ଼ା, ୨୬।୨(ସମିସ):** କେନ୍ଦ୍ରାପଡ଼ାସ୍ଥିତ ଜଜାଙ୍ଗପାର୍କ ପଡ଼ିଆରେ ଛତ୍ରପତି ଶିବାଜୀ ତାଏକ୍ୱଣ୍ଡୋ ଏକାଡେମୀ ତରଫରୁ "ବେଲ୍ଟ ପ୍ରମୋସନ ଟେଷ୍ଟ" ଅନୁଷ୍ଠିତ



ହୋଇଯାଇଛି। ଏହି ପରୀକ୍ଷାରେ ୫୦ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ଜିଲ୍ଲାର ବିଭିନ୍ନ କୋଣଅନୁକୋଣରୁ ଚୟନ ହୋଇ ପରୀକ୍ଷା ଦେବାପାଇଁ ଆସିଥିଲେ। ସେଥିରୁ ୨୫ରୁ ଉର୍ଦ୍ଧ୍ୱ ୟେଲୋ ବେଲ୍ଟ, ୧୫ରୁ ଉର୍ଦ୍ଧ୍ୱ ଗ୍ରୀନ ବେଲ୍ଟ, ୧୦ରୁ ଉର୍ଦ୍ଧ୍ୱ ବ୍ଲୁ ବେଲ୍ଟ ପାଇଁ ନିଜ ପ୍ରଦର୍ଶନୀ ଦେଖାଇଥିଲେ। କାର୍ଯ୍ୟକ୍ରମରେ ଛତ୍ରପତି ଶିବାଜୀ ତାଏକ୍ୱୋଣ୍ଡୋ ଏକାଡେମୀର ସଭାପତି ସୁନାକର ବେହେରା, ସମ୍ପାଦକ ଦିବଜ୍ୟୋତି ଦାସ ଓ ସହ ସମ୍ପାଦକ ନାରାୟଣ ସାହୁ ଏବଂ ମୁଖ୍ୟ ପ୍ରଶିକ୍ଷକ ଖଗେଶ୍ୱର ସାହୁ ଉକ୍ତ ପରୀକ୍ଷାରେ ଉପସ୍ଥିତ ଥିଲେ। ଉକ୍ତ ପରୀକ୍ଷାରେ କିଶୋର ଚନ୍ଦ୍ର ମହାନ୍ତି ମୁଖ୍ୟ ପରୀକ୍ଷକ ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ନେଇଥିଲେ। ଏହି ଜିଲ୍ଲାସ୍ତରୀୟ ପରୀକ୍ଷାରେ କୃତି ପରୀକ୍ଷାର୍ଥୀଙ୍କୁ ଏକାଡେମୀର ସଭାପତି ସୁନାକର ବେହେରାଙ୍କ ଦ୍ୱାରା ବେଲ୍ଟ ପ୍ରଦାନ କରାଯାଇଥିଲା। ଶେଷରେ ସମ୍ପାଦକ ଦିବ୍ୟଜ୍ୟୋତି ଦାସ ସମସ୍ତ ପରୀକ୍ଷାର୍ଥୀ, ଅଭିଭାବକ ଓ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

# ୨୧ଟି ଅଭିଯୋଗର ତତ୍କାଳ ସମାଧାନ

**ଜଗତସିଂହପୁର/ରଘୁନାଥପୁର, ୨୬।୨(ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାୱରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୦୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ, ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୨୧ଟି, ଆବାସ ଯୋଜନା ସମ୍ପର୍କୀୟ ୬ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୫ଟି, ଭତ୍ତା ପାଇବା ପାଇଁ ୮ଟି, ପୁଲିସ ସହାୟତା ପାଇବା ପାଇଁ ୧ଟି, ଅନ୍ୟାନ୍ୟ ୨୧ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ



ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ପି ଆର୍, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଘୁନାଥପୁର, ନମିତା ବାରିକ, ତହସିଲଦାର, ରଘୁନାଥପୁର ଅଭିସ୍ପା ପଟ୍ଟନାୟକ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଜଗତସିଂହପୁର, ୨୬।୨(ସମିସ):** ଜଗତସିଂହପୁର ସହରର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀର ୧୯୯୨ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ରବିବାର ସ୍ଥାନୀୟ ଏସବିଏମ୍ କଲେଜ ସନ୍ନିକଟ ବିଜୟକୃଷ୍ଣ ନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଚର ୫୦ରୁ ଅଧିକ ଛାତ୍ର ଏକାଠି ହୋଇ ସ୍କୁଲରେ ପଢ଼ିବା ସମୟର ଅନୁଭୂତି ବଖାଣିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ଏଥିରେ ଭୈରବ ଖୁଣ୍ଟିଆ, ରମଣିରଞ୍ଜନ ସ୍ୱାଇଁ, ରାଧାକାନ୍ତ ମିଶ୍ର, ଅରୁପାନନ୍ଦ ଖଣ୍ଡୁଆଳ, ବିଶ୍ୱଜିତ ନାୟକ, ନଳିନୀ ନାୟକ, ଡ.ବିନୟ କୁଅଁର, ଡ.ଜଗଦିଶ ମହାନ୍ତି, ଡ.ଦିଲ୍ଲୀପ ସେଠୀ, ଦୁଷ୍ମନ୍ତ ସ୍ୱାଇଁ, ସଚିଦାନନ୍ଦ ମହାନ୍ତି, ଅଜିତାଭ ମହାନ୍ତି, ଶୁଭଶଙ୍କର ନାୟକ, ବିରଞ୍ଚି ରାଉତ, ଅରୁଣଦେବ ବେହେରା, ଶାରଦା ପ୍ରସନ୍ନ ଆଚାର୍ଯ୍ୟ, ଶ୍ରୀକାନ୍ତ ଅମାନ୍ତ, ପ୍ରଶାନ୍ତ ପ୍ରଧାନ, ସମିର ରଞ୍ଜନ ସାହୁ ପ୍ରମୁନ୍ନେଯଗାଦେଇବା ସହିତ ଆଗାମୀ ଦିନରେ ଏହି ବ୍ୟାଚ ପକ୍ଷରୁ କିଛି ସାମାଜିକ କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ।

## ଅଖିଳ ଭାରତ ପୋଷ୍ଟମ୍ୟାନ, ଏମଟିଏସ୍ ଓ ଗ୍ରାମୀଣ ଡାକ ସେବକସଙ୍ଘର ସମ୍ମିଳନୀ

**କେନ୍ଦ୍ରାପଡ଼ା, ୨୬।୨(ସମିସ):** ଅଖିଳ ଭାରତ ପୋଷ୍ଟମ୍ୟାନ, ଏମଟିଏସ ଓ ଡାକ ସେବକସଙ୍ଘର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ସହରର ହୋଟେଲ ଗୋଲଡେନ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଲିୟାକତ ଅଲ୍ଲୀ, ସୂର୍ଯ୍ୟକାନ୍ତ ସାମଲ, ଅଶୋକ କୁମାର ପଣ୍ଡାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀଙ୍କ ଦ୍ୱାରା ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ଶହୀଦ ବେଦୀରେ ମାଲ୍ୟାର୍ପଣ ପରେ ସମ୍ମିଳନୀକୁ ଉଦଘାଟନ କରି ଶ୍ରମିକନେତା ଗୟାଧର ଧଳ ଦେଶ ଆଜି ସଂକଟଜନକ ପରିସ୍ଥିତି ଦେଇ ଗତି କରୁଛି, ମୋଦି ସରକାର ସମୟରେ ବୃହତ ଶିଳ୍ପପତିମାନଙ୍କୁ ଋଣ ଛାଡ ସହିତ ଟିକସ ରିହାତି ଦିଆଯାଉଥିବା ବେଳେ ଦେଶର ଗରିବ ଚାଷୀ, ମୂଲିଆ, ଶ୍ରମିକ, କର୍ମଚାରୀ ଓ ଗ୍ରାମୀଣ ମହିଳାମାନଙ୍କ ଉପରେ ଅର୍ଥନୈତିକ ବୋଝ ବଢ଼ି ବଢ଼ି ଚାଲିଛି ବୋଲି କହିଥିଲେ। ସାରା ଦେଶର ଆଜି ସମସ୍ତେ ଏକାଠି ହୋଇ ମୋଦି ସରକାରର ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ପୂର୍ବତନ ସର୍ବଭାରତୀୟ ସମ୍ପାଦକ ତଥା ଏନଏଫପିଇର ଡେପୁଟି ସେକ୍ରେଟାରୀ ଜେନେରାଲ ଦେବବ୍ରତ ମହାନ୍ତି ଡାକ ବିଭାଗର ସମସ୍ୟା ଓ ଗ୍ରାମୀଣ ଡାକସେବକମାନଙ୍କ ସମସ୍ୟାକୁ କିଭଳି ଭାବେ ପ୍ରତିହତ କରିହେବ ସେ ସମ୍ପର୍କରେ ସମ୍ମିଳନୀରେ ଉପସ୍ଥାପିତ କରିଥିଲେ। ଅଶୋକ କୁମାର ପଣ୍ଡା ଗତ ସମ୍ମିଳନୀରୁ ଏସମ୍ମିଳନୀ ମଧ୍ୟରେ ଘଟି ଇଥିବା ଘଟଣାବଳୀ ତଥା କାର୍ଯ୍ୟକ୍ରମର ରିପୋର୍ଟ ଉପସ୍ଥାପନ କରିଥିଲେ। ସହକାରୀ ସର୍କଲ ସମ୍ପାଦକ ରାଜୀବ କୁମାର ନାୟକ ଜି.ଡି.ଏସ. କ୍ୟାଡରକୁ ତିନି ଭାଗରେ ବିଭକ୍ତ କରିବା ପାଇଁ ଡାକ ବିଭାଗରୁ ଯେଉଁ ପ୍ରସ୍ତାବ ଆସିଛି ତାହାକୁ ବିରୋଧ କରିଥିଲେ। ଏହା ଘରୋଇକରଣ ପାଇଁ ଅଭିପ୍ରେତ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିରଞ୍ଜନ ପଲାଇ, ପ୍ରଭାସ ପାତ୍ର, ଅରକ୍ଷିତ ସେଠୀ, ସେକ ମନୁଆର୍, ଅମିତ ମହାନ୍ତି, ରଞ୍ଜନ ବାରିକ, ବର୍ଷାରାଣୀ ସାହୁ, ଦେବାଶିଷ ବିଶ୍ୱାଳ, କପିଳ ଚନ୍ଦ୍ର ଦାସ, ଦୀପଙ୍କର ଦାସ, କୁଶାଷନ ଦାସ, କୈଳାସ ମଳିକ, ସୁଶିଳ ଓରାମ, ମଙ୍ଗଳ ହେମ୍ବ୍ରମ, ରମେଶ ଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ସମ୍ମିଳନୀ ପର୍ଯ୍ୟନ୍ତ ଏମଟିଏସରୁ ଲିଆକତ ଅଲ୍ଲୀ, ସୂର୍ଯ୍ୟକାନ୍ତ ସାମଲ ଓ ଧୋଇ ଚରଣ ସାହୁ ପ୍ରମୁଖ ଯଥାକ୍ରମେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିବା ବେଳେ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଙ୍ଘର ଅଶୋକ କୁମାର ପଣ୍ଡା ସଭାପତି ଓ କପିଳ ଚନ୍ଦ୍ର ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ।

# ସାହାରା ହେବା ବୟସରେ ବୋଝ ପାଲଟିଛନ୍ତି ଶଶିକାନ୍ତ

**ରାଜକନିକା, ୨୬।୨(ସମିସ):**

ଯେଉଁ ବୟସରେ ପରିବାରର ବୋଝ ମୁଣ୍ଡାଇବା କଥା ସେହି ବୟସରେ ପରିବାର ପାଇଁ ପାଲଟିଛନ୍ତି ବୋଝ। ଦୁଇ କିଡ୍‌ନୀ ଖରାପ ହେବାପରେ ସପ୍ତାହକୁ ୩ଥର ଡାୟଲିସିସ୍ ହେଉଛି। ୬ମାସ ହେବ ରୋଗଶଯ୍ୟାରେ ପଡ଼ି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଶଶିକାନ୍ତ।

**ଦୁଇ କିଡ୍‌ନୀ ସଂକ୍ରମିତ**

ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ ଅଚ୍ୟୁତପୁର ଗାଁ ର ଶଶିକାନ୍ତ ବିଶ୍ୱାଳ(୩୦)। ଅଭାବୀ ସଂସାର ଚଳାଇବାକୁ ଶଶିକାନ୍ତ ବଡ଼ ଭାଇଙ୍କ ସହ ବେଙ୍ଗାଲୁରୁରେ ଦାଦନ ଖଟୁଥିଲେ। ହେଲେ ହଠାତ ଦେହ ଖରାପ ହେବାରୁ ଘରକୁ ଆସି କଟକରେ ଏକ ଘରୋଇ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟକାର୍ଡରେ ଚିକିତ୍ସା



ଆରମ୍ଭ କରିଥିଲେ। ସେଠାରେ ଜଣାପଡ଼ିଥିଲା କିଡ୍‌ନୀ ଦୁଇଟି ସଂକ୍ରମିତ। ସପ୍ତାହକୁ ୩ ଥର ଡାଏଲିସିସ କରିବା ନିହାତି ଜରୁରୀ ହୋଇ ପଡ଼ିଛି। ଦୁଇ ଦୁଇଟି କିଡ଼ନୀ ସଂକ୍ରମଣ ଯୋଗୁ ଯବାନ ବୟସରେ ବୟସ୍କ ରୋଗୀଟିଏ ଭଳି ବୁଢା ବାପା ମା'ଙ୍କ କୋଳରେ ଏବେ ଶଶିକାନ୍ତ। ବାପା ରମାକାନ୍ତ ବିଶ୍ୱାଳ ୭୦ ଜଣେ ଭୂମିହୀନ ଦିନ ମଜୁରିଆ। ପୁଅର ଏଭଳି ଅବସ୍ଥାରେ ମା' ଦ୍ରୌପଦୀ ମାଗି ଯାଚି ଆଜିଯାଏ ପୁଅକୁ କଟକ ନେଇ ଚିକିତ୍ସା ଚଳାଇଛନ୍ତି। ସରକାରଙ୍କ ତରଫରୁ ମିଳିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡରେ କେବଳ ଡାଏଲିସିସ ବାବଦକୁ ଥରକୁ ୧୮ ଶହ ଟଙ୍କା କଟିଯିବା ପରେ ଔଷଧ କିଣିବାକୁ ପ୍ରତିଥର ୩ ହଜାର ଟଙ୍କା ଦରକାର ପଡୁଛି। ଆଗରୁ ସପ୍ତାହରେ ଦୁଇ ଥର ଡାଏଲିସିସ ହେଉଥିବା ବେଳେ ଏବେ ୩ ଥର ନ ହେଲେ ଅଚଳ। ଘରେ ୩ ଓଳି ଖାଇବାକୁ ଦାନା ନ ଥିବା ବେଳେ ଏତେ ବ୍ୟୟବହୁଳ ଚିକିତ୍ସା ଚିନ୍ତାର କାରଣ ପାଲଟିଛି। ରୋଗଶଯ୍ୟାରେ ପଡ଼ି ରହି ଯନ୍ତ୍ରଣାରେ ଛଟପଟ ହେଉଥିବା ପୁଅକୁ ଭଲ କରିବାଚୁ ମାଆ ବାର ଓଳି ହୋଇ ସାହାଯ୍ୟ ପାଇଁ ନିବେଦନ କରୁଛନ୍ତି। ଆର୍ଥିକ ସହଯୋଗ ମିଳିଲେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରିବେ ବୋଲି ଡାକ୍ତର କହିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ବା ଅନୁଷ୍ଠାନ ସହଯୋଗ କରନ୍ତେ ତେବେ ତାଙ୍କ ପୁଅ ଶଶିକାନ୍ତଙ୍କ ଜୀବନ ବଞ୍ଚିଯାଆନ୍ତା ବୋଲି ମା' ଦ୍ରୌପଦୀ ନିବେଦନ କରିଛନ୍ତି।

# ଇଣ୍ଟରନେଟ୍ ସମସ୍ୟା ଯୋଗୁ ବ୍ୟାଙ୍କରେ ତିନିଦିନ ଧରି ଗ୍ରାହକ ସେବାରୁ ବଞ୍ଚିତ



**ଏରସମା, ୨୬।୨(ସମିସ):** ଇଣ୍ଟରନେଟ୍ ସମସ୍ୟା ଯୋଗୁ ବ୍ୟାଙ୍କରେ ତିନିଦିନ ଧରି ଗ୍ରାହକମାନେ ବ୍ୟାଙ୍କ ସେବାରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ଆଜିକୁ ଦୁଇ ତିନି ଦିନ ହେବ ଭତ୍ତାଧାରୀ ବା ସରକାରୀ ପେନସନ ଧାରୀମାନେ ନାହିଁ ନଥିବା ସମସ୍ୟା ସମ୍ମୁଖୀନ ହେବା ସହିତ ବ୍ୟାଙ୍କରେ ଭିଡ ଜମୁଥିବାର ଦେଖାଦେଇଛି। ଫଳରେ ବୃଦ୍ଧଓ ବୃଦ୍ଧା ମାନେ ହଇରାଣ ହରକତ ହେଉଛନ୍ତି। ଏରସମା ବ୍ଲକରେ ଥିବା ଦୁଇଟି ବ୍ୟାଙ୍କ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଡିହସାହି ଓ ଏରସମା ଶାଖାରେ ଗତ ଶୁକ୍ରବାର ଠାରୁ ଆଜି ପର୍ଯ୍ୟନ୍ତ ଇଣ୍ଟରନେଟ୍ ନଥିବାରୁ ଗ୍ରାହକ ମାନେ ବିଭିନ୍ନ ସେବାରୁ ବଞ୍ଚିତ ହେଉଛନ୍ତି। ଏହି ପରି ସମସ୍ୟା ବାରମ୍ବାର ହେବାରୁ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଏରସମା ଓ ଡିହସାହିର ଗ୍ରାହକମାନେ ବ୍ୟାଙ୍କର ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ୟାଙ୍କର ଗ୍ରାହକମାନେ ସତର୍କ କରାଇଦେଇଛନ୍ତି।

### ୩ରୁ ପଲ୍ସ ପୋଲିଓ ଅଭିଯାନ

# ଜିଲ୍ଲାର ୧,୦୪,୧୩୪ ଶିଶୁ ଖାଇବେ ପୋଲିଓ ବୁନ୍ଦା

**ଜଗତସିଂହପୁର, ୨୬।୨(ସମିସ)**

ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଜଗତସିଂହପୁର ତରଫରୁ ଆଗାମୀ ମାର୍ଚ୍ଚ ୩, ୪ ଏବଂ ୫ ତାରିଖ ରେ ହେବାକୁ ଥିବା ପଲ୍ସ ପୋଲିଓ ଅଭିଯାନ ପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଡି ପି ଏମ୍ ୟୁ କନଫରେନ୍ସ ହଲରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ରାଉତ ଏହି ଅଭିଯାନର ସଫଳ ରୂପାୟନ ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ କାମନା କରିବା ସହ ବ୍ଲକ ସ୍ତରରେ ଏହାର ସଫଳ ପରିଚାଳନା କରି ଜିଲ୍ଲାକୁ ପୋଲିଓ ମୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପଲ୍ସ ପୋଲିଓ କାର୍ଯ୍ୟକ୍ରମରେ ସମୁଦାୟ ୧, ୦୪, ୧୩୪ ଜଣ ଜନ୍ମରୁ ୫ ବର୍ଷ ବୟସର ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଏଥିପାଇଁ ମୋଟ ୫୫୫ ବୁଥ୍, ୨୨୨୦ ଜଣ ପଲ୍ସ ପ୍ରଦାନକାରୀ (ଭାକସିନେଟର), ୧୧୪ ଜଣ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାର ମୋଟ ୨, ୫୧, ୮୨୮ ଟି ଘରୁ ଜନ୍ମରୁ ୫ ବର୍ଷର ସମସ୍ତ ଶିଶୁଙ୍କୁ ଦୁଇ ବୁନ୍ଦା




ପୋଲିଓ ଖୁଆଯିବ। ଏଥିପାଇଁ ଟ୍ରାନଜିଟ ପଏଣ୍ଟ ୩୪ ଥିବା ବେଳେ ୬୮ ଜଣ ଭାକସିନେଟର, ୨୧ ଟି ମୋବାଇଲ ଟିମ୍ ଏବଂ ମୋବାଇଲ ଟିମ୍ ପାଇଁ ୪୨ ଜଣ ଭାକସିନେଟର ଅଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ ରୂପେ ରୂପାୟନ ପାଇଁ ସମସ୍ତ ବ୍ଲକ ସ୍ତରର ଅଧିକାରୀ ବୃନ୍ଦଙ୍କ ସହ ଆଲୋଚନା କରାଯାଇଛି। ବ୍ଲକ ସ୍ତରରେ ବିଡିଓ ଙ୍କ ଦ୍ୱାରା ବ୍ଲକ ସ୍ତରୀୟ ଟାକ୍ସ ଫୋର୍ସ ସଭା କରାଯାଇଛି। ସୂଚନା ପ୍ରଚାର ପ୍ରସାର ନିମନ୍ତେ ପ୍ରତ୍ୟେକ ପଲସ୍ ପୋଲିଓ ବୁଥ୍ ପାଇଁ ୨ ଟି ବ୍ୟାନର ଓ ୪ ଟି ପୋଷ୍ଟର ପ୍ରଦାନ କରାଯାଇଛି। ଏହା ସହିତ ବ୍ଲକ ସ୍ତରରେ ମାଇକିଂ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମର ଅଧିକାଂଶ ଭାକସିନେଟର ହେଉଛନ୍ତି ଆଶା ଏବଂ ଅଙ୍ଗନବାଡି କର୍ମୀ। ଏହି ଜିଲ୍ଲା ସ୍ତରୀୟ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା କ୍ଷେତ୍ରବାସୀ ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରମୋଦ କୁମାର ବାରିକ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏସ୍ଏମ୍ଓ ଡା ଦୀପକ କୁମାର କର, ଏପିଡେମିଓଲୋଜିଷ୍ଟ ଡା ସ୍ମୃତିରଞ୍ଜନ ପଣ୍ଡା, ଜିଲ୍ଲା ସ୍ପୋର୍ଟସ ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଶିକ୍ଷା ବିଭାଗରୁ ଦେବାଶିଷ ମହାନ୍ତି, ମହିଳା ଓ ଶିଶୁ ବିକାଶ ବିଭାଗରୁ ପ୍ରୋଗ୍ରାମ ଅଫିସର ଅଂଶୁପା ସାହୁ, ଡିପିଏମ୍ ଚକ୍ରଧର ଜେନା, ନୀଳ ମାଧବ ରଥ ଏଡି ପିଏଚ୍ସିଓ ସଚଳା ମହାନ୍ତି, ସ୍ୱାସ୍ଥ୍ୟ ମିଶନ ତରଫରୁ ଅମିତା ପଣ୍ଡା, ପାର୍ଥ ସାରଥି କରଶର୍ମା, ରାଜେଶ କୁମାର ପତି, ସ୍ୱସ୍ତି ମହାନ୍ତିଙ୍କ ସମେତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଫିଲଡ୍ ମନିଟର୍ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ଜିଲ୍ଲାରେ ପଲସ୍ ପୋଲିଓ ଅଭିଯାନକୁ ଶତ ପ୍ରତିଶତ ସଫଳ କରିବା ନିମନ୍ତେ ଚେଷ୍ଟା କରିବାକୁ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

# ପାରାଦୀପ ବନ୍ଦରରୁ ୟୁନିଫର୍ମ ଗ୍ରୁପ୍ ଲଞ୍ଚ୍




**ପାରାଦୀପ, ୨୬।୨(ସମିସ):** ୟୁନିଫିଡର୍ ଗ୍ରୁପ୍ ପାରାଦୀପ ବନ୍ଦରରୁ ରପ୍ତାନି ଏବଂ ଆମଦାନୀ ସେବା ଆରମ୍ଭ କରିଛି। ଗ୍ରାହକଙ୍କ ପାଇଁ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବା ଏବଂ ଏହି ଅଞ୍ଚଳରେ ବାଣିଜ୍ୟିକ ସଂଯୋଗ ବୃଦ୍ଧି କରିବାକୁ ଏହି ପଦକ୍ଷେପ ଲକ୍ଷ୍ୟ ରଖିଛି। ଏହି ସେବାଗୁଡିକର ଶୁଭାରମ୍ଭ ଉଭୟ ଆମଦାନୀ ଏବଂ ରପ୍ତାନି ପାଇଁ ସାମଗ୍ରୀର ସୁଗମ ଗତିକୁ ସକ୍ଷମ କରିବ। ଏକ ଉପକୂଳବର୍ତ୍ତୀ ଜାହାଜ, ପାରାଦୀପ ବନ୍ଦରରୁ ଚଳିତ ବର୍ଷ ଫେବୃଆରୀ ୨୪ ରେ ଜିନ୍ଦଲ ଷ୍ଟେନଲେସ ଲିମିଟେଡର ୧୭ ଟି ଟିଉ କଣ୍ଟେନର ସହିତ ଅନ୍ୟ ଉପକୂଳକୁ ଯାତ୍ରା ଆରମ୍ଭ କରିଛି। ଖଣିଜ ପଦାର୍ଥରେ ଭରପୂର ଓଡ଼ିଶା ରାଜ୍ୟ ପାଇଁ ଏହି ବିକାଶ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏହା ଆନ୍ତର୍ଜାତୀୟ କାର୍ଗୋ ପାଇଁ ଗ୍ରାହକଙ୍କୁ ସେବା ଯୋଗାଇବାରେ ସୁବିଧା ଯୋଡିଛି, ଯାହାଦ୍ୱାରା ସାମଗ୍ରିକ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ ପାଇବ। ପୂର୍ବରୁ ଏହି ଅଞ୍ଚଳର ରପ୍ତାନିକାରୀ ତଥା ଆମଦାନୀକାରୀଙ୍କୁ ବିଶାଖାପାଟନମ୍ ଏବଂ କୋଲକାତା ବନ୍ଦର ଉପରେ ନିର୍ଭର କରିବାକୁ ପଡୁଥିଲା, ଯାହା ମହଙ୍ଗା ଥିଲା। ୟୁନିଫିଡର୍ ସେବା ସହିତ, ପାରାଦୀପ ପୋର୍ଟ ଏହାର ଗ୍ରାହକମାନଙ୍କୁ ବିଦେଶ ଗନ୍ତବ୍ୟସ୍ଥଳକୁ ସଂଯୋଗ କରି ଉତ୍ତମ ସେବା କରିପାରିବ।

# ବାଲିକୁଦା ମାନିଆ ବିଶ୍ୱାଳ ହତ୍ୟାକାଣ୍ଡ, ଅଭିଯୁକ୍ତ ସାବତପୁଅ ଗିରଫ

**ଜଗତସିଂହପୁର/ ବାଲିକୁଦା, ୨୬।୨(ସମିସ):** ଜିଲ୍ଲାର ବହୁ ଚର୍ଚ୍ଚିତ ବାଲିକୁଦା ଥାନା ଓଗରପୁରର ମାନିଆ ବିଶ୍ୱାଳ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ମହିଳାଙ୍କ ସାବତ ପୁଅ ବିକ୍ରମ ବିଶ୍ୱାଳକୁ ପୁଲିସ ଗିରଫ କରିଛି। ପାରିବାରିକ କଳହ ଯୋଗୁଁ ଅଭିଯୁକ୍ତ ନିଜ ସାବତ ମା ଓ ଭାଇ ଭାଉଜଙ୍କୁ ହତ୍ୟା ପାଇଁ ଯୋଜନାବଦ୍ଧ ଭାବରେ ଉଦ୍ୟମ କରିଥିଲା। ସାବତଭାଇ ଓ ଭାଉଜ ଏହି ଆକ୍ରମଣରେ ଗୁରୁତର ଆହତ ହୋଇଥିବା ସମୟରେ ସାବତ ମା' ମାନିଆ ବିଶ୍ୱାଳ ଅଭିଯୁକ୍ତର ଭୁଜାଲି ଚୋଟରେ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ବାଲିକୁଦା ପୁଲିସ ଏହି ହତ୍ୟାଘଟଣାର ରହସ୍ୟ ଉନ୍ମୋଚନ କରିବା ସହିତ ହତ୍ୟାକାରୀକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ ମାନିଆଙ୍କ ସ୍ୱାମୀ ଅର୍ଜୁନ ବିଶ୍ୱାଳ ଦୁଇଟି ବିବାହ କରିଥିଲେ। ମାନିଆ ପଛ ସ୍ତ୍ରୀ ବା ଦ୍ୱିତୀୟ ପକ୍ଷ ଅଟନ୍ତି। ତେବେ ପ୍ରଥମ ପକ୍ଷ ସହିତ ମାନିଆଙ୍କର ସମ୍ପତି ଭାଗ ବଣ୍ଟା ଓ ପାରିବାରିକ କଳହକୁ ନେଇ ବିବାଦ ଲାଗି ରହିଥିଲା। ଯାହାକୁ ନେଇ ମାନିଆଙ୍କ ସାବତ ପୁଅ ବିକ୍ରମ ବିଶ୍ୱାଳ ଓରଫ ବୁଲା (୩୬) ଉତ୍କ୍ଷିପ୍ତ ହେବା ସହିତ ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲା। ଅଭିଯୁକ୍ତ ବିକ୍ରମ ଓ ମାନିଆଙ୍କ ପୁଅ ରାକେଶ ଉଭୟ ଚେନ୍ନାଇରେ ରହି ସେଠାରେ କମ୍ପାନୀରେ କାମ କରନ୍ତି। ଘଟଣା ପୂର୍ବରୁ ରାକେଶ ଚେନ୍ନାଇରୁ ଘରକୁ ଫେରିବା ଦିନ ରେଳ ଷ୍ଟେସନରେ ବିକ୍ରମକୁ



ଦେଖିଥିଲା। ବିକ୍ରମକୁ ପଚାରିବାରୁ ସେ କାମ ଥିବାରୁ ଆସିଛି ବୋଲି କହି ସେଠାରୁ ଖସିଯାଇଥିଲା। ତେବେ ସେ ଚେନ୍ନାଇରୁ ରାକେଶକୁ ପିଛାକରି ବାଲିକୁଦା ପର୍ଯ୍ୟନ୍ତ ଆସିଥିଲା। ସାବତ ମା' ମାନିଆଙ୍କ ପୁରା ପରିବାରକୁ ଏକା ବେଳକେ ସଫା କରିବାକୁ ବିକ୍ରମ ଯୋଜନା କରିବା ସହିତ ହତ୍ୟାକାଣ୍ଡ ପୂର୍ବରୁ କୌଣସି ପ୍ରମାଣ ନରଖିବାକୁ ସେ ନିଜ ଘରକୁ ଫେରିନଥିଲା। ୧୯ ତାରିଖରେ ବିକ୍ରମ ଜ୍ୟାକେଟ ଓ ମୁହଁରେ ମୁଖା ପିନ୍ଧି ବାଇକରେ ମାନିଆଙ୍କ ଘର ସମ୍ମୁଖରେ ପହଞ୍ଚିଥିଲା। ରାତିରେ ମାନିଆଙ୍କ କବାଟ ବାଡେଇବା ପରେ ସେ କବାଟ ଖୋଲିବାରୁ ମାନିଆ, ପୁଅ ରାକେଶ ଓ ବୋହୂ ଟିକିନାକୁ ବିକ୍ରମ ଏକ ଧାରୁଆ ଭୁଜାଲି ରେ ହାଣିଦେଇଥିଲା। ତେବେ ସାବତ ମା ଓ ତାର ପରିବାରକୁ ହାଣିବାପରେ ବିକ୍ରମ ନିଜ ଘରକୁ ନଯାଇ ବାଇକରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଏହି ଆକ୍ରମଣ ପରେ ମାନିଆ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ସମୟରେ ରାକେଶ ଓ ଟିକିନା ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲକୁ ରେଫର ହୋଇଥିଲେ।

ତେବେ ଅଭିଯୁକ୍ତ ସମ୍ପର୍କରେ ରାକେଶ ଦେଇଥିବା ସୂଚନା ଆଧାରରେ ପୁଲିସ ବିକ୍ରମକୁ ଗିରଫ କରିବା ସହିତ ଚେନ୍ନାଇର ଭଡାଘର ଓ କାମ କରୁଥିବା ସଂସ୍ଥାରୁ ପୁଲିସ ତଥ୍ୟ ହାସଲ କରିଥିଲା। ରାକେଶ ଫେରିବା ଦିନ ହିଁ ବିକ୍ରମ ଛୁଟିନେଇ ଘରକୁ ଆସିଥିଲା। ବାଲିକୁଦା ଥାନାରେ ରୁଜୁ ହୋଇଥିବା କେସ ନଂ ୬୨/୨୪ ଦଫା ୩୦୨, ୩୦୭, ୩୪ ଆଇପିସିରେ ଅଭିଯୁକ୍ତ ବିକ୍ରମକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏ ସମ୍ପର୍କରେ ବାଲିକୁଦା ଥାନାରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ପ୍ରେସ୍‌ମିଟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

**ହତ୍ୟାର କାରଣ ପାରିବାରିକ ବିବାଦ**

# ପାରାଦୀପରେ ଅଜଗର

**ପାରାଦୀପ, ୨୬।୨ (ସମିସ):** ପାରାଦୀପରେ ଏକ ବିରାଟ ଅଜଗର ସାପକୁ ଦେଖିବାକୁ ମିଳିଛି। ସାପଟିର ଲମ୍ବ ପ୍ରାୟ ୧୫ ଫୁଟ ହେବ ବୋଲି ଅନୁମାନ କରାଯାଇଛି। ଗତ ରାତିରେ ପିପିଏଲ ଟାଉନସିପ୍ ଡି ଟାଇପ ବ୍ଲକ ପଛ ପଟ ୧୬ ନମ୍ବର ଘେରି ପାଖରେ ରାସ୍ତା ଅତିକ୍ରମ କରି ଜଙ୍ଗଲ ଆଡକୁ ଯିବା ବେଳେ ଲୋକେ ଏହାକୁ ଦେଖିଥିଲେ। ଟର୍ଚ୍ଚ ଆଲୁଅରେ ସାପକୁ ଚିହ୍ନିଥିଲେ। ସାପଟି କାହାରି କ୍ଷତି କରି ନଥିଲା। ପ୍ରଥମ ଥର ପାଇଁ ଏ ଅଞ୍ଚଳରେ ଅଜଗର ଦେଖାଯାଇଛି। ଏହାକୁ ଦେଖିବା ପରେ, ପିପିଏଲ ଘେରି ନିକଟ ଜଙ୍ଗଲରେ ଏହାଠାରୁ ଆହୁରି ବଡ ଅଜଗର ଥିବା ଲୋକେ ସନ୍ଦେହ କରୁଛନ୍ତି। ଯାହା ଫଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି।

# ତିର୍ତ୍ତୋଲ ବ୍ଲକ୍ ବରିଷ୍ଠ ନାଗରିକ ସଂଘ ବୈଠକ

**ତିର୍ତ୍ତୋଲ, ୨୬।୨(ସମିସ):** ତିର୍ତ୍ତୋଲ ବ୍ଲକ ବରିଷ୍ଠ ନାଗରିକ ସଂଘର ଏକ ବୈଠକ ପ୍ରସିଦ୍ଧ ବିଭୁତିକ୍ଷେତ୍ର ଗୋରେଖନାଥ ପୀଠ ପରିସରରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବ୍ଲକର ବିଭିନ୍ନ ପଞ୍ଚାୟତ ସମେତ କୁଜଙ୍ଗ ଓ ରଘୁନାଥପୁର ବ୍ଲକର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏଥିରେ ଜଗତସିଂହପୁର ଜିଲା ସଂଘର କର୍ମକର୍ତ୍ତା ହୃଦାନନ୍ଦ ଜେନା ଓ ବଂଶୀଧର ଶତପଥି ଅତିଥି ଭାବେ ଯୋଗଦେଇ ଜିଲା ସଂଘ ଓ ରାଜ୍ୟ ସଂଘର କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବେ ସଭ୍ୟମାନଙ୍କୁ ଅବଗତ କରାଇବା ସହ ବ୍ଲକ ଓ ପଞ୍ଚାୟତସ୍ତରରେ ସଙ୍ଗଠନକୁ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥି ସହିତ ଜିଲା ସଂଘ ଓ ରାଜ୍ୟ ସଂଘ ସବୁବେଳେ ବ୍ଲକ ସଂଗଠନ ସହ ରହିଛି ଓ ଆଗକୁ ମଧ୍ୟ ରହିଥିବ ବୋଲି କହିଥିଲେ। ବରିଷ୍ଠ ନାଗରିକ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟସରକାରଙ୍କ ନିକଟରେ ଉପସ୍ଥାପିତ କରାଯିବ




ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ତିର୍ତ୍ତୋଲ ବ୍ଲକ ନାଗରିକ ସଂଘର ସଭାପତି ରାଜକିଶୋର ଦାଶ ବୈଠକର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଶାରଦା ଚରଣ ଶତପଥି, ସୁରେନ୍ଦ୍ର ମହାନ୍ତି, ମନୋଜ କୁମାର ବେହେରା, ରବୀନ୍ଦ୍ରନାଥ ରାଉତ, ଧୂନଚନ୍ଦ୍ର ସେନାପତି, ରାଜକିଶୋର ସ୍ୱାଇଁ, ପ୍ରତିମା ଷଡଙ୍ଗୀ ପ୍ରମୁଖ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଏଥିସହିତ ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଜିଲା ସଂଘର ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ସଂଘର ସମ୍ପାଦକ ରାଜକିଶୋର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# କଲେଜ ମୁଖ୍ୟ ଫାଟକରେ ନର୍ଦ୍ଦମା; ଦୁର୍ଗନ୍ଧରେ ନାକ ଫାଟୁଛି

**ରାଜକନିକା, ୨୬।୨(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ମହାବିଦ୍ୟାଳୟ କାଳି ପଡ଼ିଆ ମୁଖ୍ୟଫାଟକ ଭିତରକୁ ପଶୁ ପଶୁ ପଚାପାଣି, ନର୍ଦ୍ଦମା ଯୋଗୁଁ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଏଥିପାଇଁ ଏହି ବାଟ ଦେଇ କଲେଜର ଛାତ୍ରଛାତ୍ରୀଙ୍କ ଯିବାସମୟରେ ନାକରେ ରୁମାଲ ବାନ୍ଧି ଯିବାକୁ ପଡୁଛି। ସୂଚନା ଅନୁସାରେ କାଳି ପଡ଼ିଆଟି କଲେଜର ମାଲିକାନାରେ ଥିଲେ ବି ପଡ଼ିଆର ଉନ୍ନତି ପାଇଁ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ପଡ଼ିଆ ଏବେ ନିଜର ଅସ୍ତିତ୍ୱ ହରାଇଛି। ଏମିତିକି ଜବରଦଖଲ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପଡ଼ିଆର ରକ୍ଷଣାବେକ୍ଷଣ ସମ୍ପୂର୍ଣ୍ଣ ଦିଗହରା ହୋଇଛି। କଲେଜର ଉଦାସୀନତା ପାଇଁ କାଳି ପଡ଼ିଆର ଏଭଳି ଦୁର୍ଦ୍ଦଶା ହୋଇଛି ବୋଲି ଅଭିଯୋଗ ହୁଏ। ତେବେ ବର୍ତ୍ତମାନ ପାଗ ଶୃଙ୍ଖଳା ଥିବା ସତ୍ତ୍ୱେ ବି ଫାଟକ ସମ୍ମୁଖରେ ପଚାପାଣି ଜମି ରହିବା, ବଜାରର ସମସ୍ତ ବର୍ଜ୍ୟବସ୍ତୁ ଦୀର୍ଘ ଦିନ ଧରି ପଡ଼ିରହିବା ଫଳରେ ମଶା, ମାଛି, କୀଟ ପତଙ୍ଗର ଏନ୍ତୁଡ଼ିଶାଳ ପାଲଟି ଗଲାଣି। ଅଥଚ କଲେଜ କର୍ତ୍ତୃପକ୍ଷ ଏଥିନେଇ ସାମାନ୍ୟତମ ପ୍ରୟାସ କରୁ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

### ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ଜଗତସିଂହପୁର-କନ୍ଦରପୁର ଓ ଦୋଛକି ରୋଡ୍ ମରାମତି ଶେଷ ପାଇଁ ନିର୍ଦ୍ଦେଶ

**ଜଗତସିଂହପୁର, ୨୬।୨ (ସମିସ)**





ସୋମବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଅଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପାରୁଲ ପଟାୱରି ଜିଲ୍ଲାରେ ସଡକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରଥମେ ଆଗାମୀ ନିର୍ବାଚନକୁ ଆଖିରେ ରଖି ଜଗତସିଂହପୁର -କନ୍ଦରପୁର ରାସ୍ତା ଏବଂ ଦୋଛକି ରୋଡର ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଘଟଣା ରୋକିବା ପାଇଁ ଏନଫୋର୍ସମେଣ୍ଟ ଦରକାର, ଏଥିପାଇଁ ସେ ପୁଲିସ ଓ ପରିବହନ ବିଭାଗକୁ ଆହୁରି ସଜାଗ ହୋଇ ଆଇନ ର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଗାଡି ଚଲାଇବା ସମୟରେ ମୋବାଇଲ ରେ କଥା ହେବା ଓ ଡ୍ରିଙ୍କ ଆଣ୍ଡ ଡ୍ରାଇଭ, ନାବାଳକମାନଙ୍କ ଗାଡି ଚାଳନା ଇତ୍ୟାଦି ସମ୍ପ୍ରତି ଦୁର୍ଘଟଣାର ଏକ ପ୍ରମୁଖ କାରଣ। ତେଣୁ ଉଭୟ ପୁଲିସ ଓ ପରିବହନ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ବିନା ଲାଇସେନ୍ସରେ ଗାଡି ଚଳାଉଥିବା ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭୂତମୁଣ୍ଡାଇରୁ ଅଠରବାଙ୍କୀ ରାସ୍ତାରେ ଭାରୀଯାନ ଚଳାଚଳର ସ୍ପୀଡ ଲିମିଟ କମ୍ କରାଯାଇଛି ଓ ଏଥିପାଇଁ ଭରତରଡିଆ (ଭୂତ ମୁଣ୍ଡାଇ )ନିକଟରେ ଅଟୋମେଟେଡ ଟେଷ୍ଟିଂ ଷ୍ଟେସନର ଗଠନର ପ୍ରସ୍ତାବ ଦିଆଯାଇଛି ଯାହା ଗାଡି ମାନଙ୍କୁ ଟ୍ରାନ୍ସପୋର୍ଟ କମିଶନ, ଓଡ଼ିଶା, ଙ୍କର ଫିଟନେସ ପ୍ରମାଣପତ୍ର ପ୍ରଦାନ କରିବ ବୋଲି ସୂଚନା ଦେଇଥିଲେ ଆଞ୍ଚଳିକ ପରିବହନ ଅଧିକାରୀ। ଭୂତମୁଣ୍ଡାଇ ରୁ ପାରାଦୀପ ରାସ୍ତା ରେ ଲୁହା ପଥର ବୋଝାଇ ଟ୍ରକ ଲାଇନ୍ ହୋଇ ରହିବା ପ୍ରମୁଖ ଦୁର୍ଘଟଣାର କାରଣ ପାଲଟି ଥିବାରୁ ଏଥିପ୍ରତି ସଜାଗ ରହିବା ପାଇଁ କୁହାଯାଇ ଥିଲା। ରାସ୍ତାର ବ୍ଲାକ ସ୍ପଟ ଚିହ୍ନଟ ଏହାର ପ୍ରତିକାର, ରାସ୍ତା ପାର୍ଶ୍ୱବର୍ତ୍ତୀ ବୃକ୍ଷର ପେଣ୍ଟିଂ କରିବା, ନୋ ପାର୍କିଂ ଜୋନ ରେ ସାଇନବୋର୍ଡ ଲଗାଇବା, ଟ୍ରାଫିକ ମ୍ୟାନେଜମେଣ୍ଟ, ଜଗତସିଂହପୁର ପୌରାଞ୍ଚଳର ମୁଖ୍ୟ କେନାଲ ଉପରେ ପାର୍କିଂ ବା ଗିଭ ଓ୍ୱେର ସାଇନେଜ ଲଗାଇବା, ବୁଲାପ୍ରାଣୀ ସମସ୍ୟା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଗୁଡ଼ ସମାରିଟାନ ଭାବେ ସୁରେଶ କୁମାର ବାରିକ, ସତ୍ୟବ୍ରତ ପରିଡ଼ା, ସୁଦର୍ଶନ ଦାଶ, ଏସ୍ କେ ରିୟାଜ ଉଦ୍ଦିନ, ସୁଦର୍ଶନ ମଲ୍ଲିକ ଓ ସଂଗ୍ରାମ କିଶୋର ପଟ୍ଟନାୟକଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ପ୍ରକାଶ ଥାଉକି, ଜିଲ୍ଲା ରେ ଏଯାବତ ୩୧ ଜଣ ବ୍ୟକ୍ତିଙ୍କୁ ଗୁଡ଼ ସମାରିଟାନ ଭାବେ ସମ୍ମାନୀତ କରାଯାଇଛି। ଜିଲ୍ଲା ରେ ୪୦ ଜଣଙ୍କୁ ରକ୍ଷକ ପ୍ରୋଗ୍ରାମରେ ଟ୍ରେନିଂ ପାଇଁ ଗତ ୭.୦୧.୨୪ ରେ ପୁରସ୍କୃତ କରାଯାଇଛି। ଆହୁରି ମଧ୍ୟ ଆଇ ଆର ଏ ଡି ବା ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟାବେସ, ଇଲେକ୍ଟ୍ରୋନିକ ଡିଟେଲ ଆକ୍ସିଡେଣ୍ଟ ରିପୋର୍ଟ ର କାର୍ଯ୍ୟକାରିତା ସହିତ ଜିଲ୍ଲା ରେ ଦୁର୍ଘଟଣା ପ୍ରବଣ ସ୍ଥାନ ରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଗେଟ୍ ଗୁଡିକୁ ଚିହ୍ନଟ କରି ରି ଲୋକେସନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କମିଟି ର ବୈଠକ ଅନୁଷ୍ଠିତ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ତଥା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନ ଏଚ ଏ ଆଇ ର ଅଧୀକ୍ଷଣ ଯନ୍ତ୍ରୀ, ପ୍ରମୁଖ ଯୋଗ ଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବସ୍ ଓ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା, ସହରର ବରିଷ୍ଠ ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଫେସ୍‌ବୁକ୍‌ରୁ ପ୍ରେମ କରି ଘରକୁ ଆଣିବା ପରେ ଅଧାବାଟରେ ଛାଡ଼ି ଚାଲିଗଲେ ଯୁବକ

**ପାରାଦୀପ, ୨୬।୨ (ସମିସ) :** ଫେସବୁକ୍‌ରୁ ପ୍ରେମ, ତାପରେ ବିବାହ, ପୁଣି ଘରକୁ ଆଣିଲେ। ଘରେ ପ୍ରଥମ ସ୍ତ୍ରୀର କଥାରେ ଯୁବତୀଜଣଙ୍କୁ ନେଇ ବାଟରେ ଛାଡି ଚାଲିଗଲେ। ଏଭଳି ଘଟଣା ଘଟିଛି ପାରାଦୀପ ଅଞ୍ଚଳରେ। ପୂର୍ବରୁ ସ୍ତ୍ରୀ ପିଲା ଥାଇ ବି ନିରୀହ ଝିଅକୁ ବାଧ୍ୟ କରି ବିବାହ କଲେ ସେହି ଯୁବକ। ଘରେ ସତ୍ୟନାରାୟଣ ପୂଜା ଚାଲିଥିବା ସମୟରେ ପ୍ରେମିକ ସହିତ ଘରୁ ଫେରାର ହୋଇଯିବା ଆଜି ଝିଅଟି ପାଇ ସାଜିଛି କାଳ। ଘରୁ ଫେରାର ହୋଇ ମନ୍ଦିରରେ ସାତଜନ୍ମକୁ ସାକ୍ଷୀରଖି ବିବାହ କରିଥିଲେ। ଦିନ କେତୋଟି ଭିତରେ ସବୁ ଓଲଟପାଲଟ ହୋଇଗଲା। ପୂର୍ବରୁ ବିବାହିତ ଯୁବକଟି ଫେସବୁକ ପ୍ରେମରେ ପଡ଼ି ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ଗଦେଇଗିରି ନାଗପୁର ଗ୍ରାମର ସୁମିତ୍ରା ଗିରିଙ୍କୁ ତାଙ୍କ ଘରୁ ବାଧ କରି ମନ୍ଦିରରେ ବିବାହ କରି ସ୍ତ୍ରୀର ପରିଚୟ ଦେଇଥିଲା। ହେଲେ ପୁଅର ଘରକୁ ଆସିବା ପରେ ସୁମିତ୍ରା ହତବାକ ହୋଇ ପଡ଼ିଥିଲା। ଯେଉଁ ପୁଅଟିକୁ ବିଶ୍ୱାସ କରି ବିବାହ କରିଥିଲା ସେ ପୂର୍ବରୁ ବିବାହିତ ଏବଂ ତାର ସ୍ତ୍ରୀ, ପିଲା ଘରେ ଥିବା ଦେଖି ଏହାର ପ୍ରତିବାଦ କରିବାରୁ ଆରମ୍ଭ ହୋଇଥିଲା ମାଡ଼, ଗାଳି। ଶେଷରେ ପାରାଦୀପ ରାଜରାସ୍ତାରେ ଝିଅଟିକୁ ଛାଡ଼ିଦେଇ ଲମ୍ପଟ ଯୁବକ ଜଣକ ଫେରାର ହୋଇଯାଇଛି। ଷଣ୍ଢକୁଦ ଅଞ୍ଚଳରେ ଝିଅଟି କାନ୍ଦି କାନ୍ଦି ରାସ୍ତାରେ ଯାଉଥିବା ଦେଖି କିଛି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ଖବର ମିଳିବା ପରେ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ପୁଲିସ ଝିଅଟିକୁ ଉଦ୍ଧାର କରିଛି। ତେବେ ସବୁଠୁ ବିଡମ୍ବନାର ବିଷୟ ଉକ୍ତ ଯୁବକ ପରିଚୟ ସଠିକ ମିଳିପାରି ନାହିଁ। ତେବେ ପୁଲିସ ଝିଅଟିକୁ ଉଦ୍ଧାର କରିବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି।

**ନୂଆ ରୂପ ପାଇବ ବାରବାଟୀ**

# ଆଜି ଭିତ୍ତିପ୍ରସ୍ତର ସ୍ଥାପନ

- ଆଭାସୀ ଜରିଆରେ ଯୋଗଦେବେ ମୁଖ୍ୟମନ୍ତ୍ରୀ
- ଉଦ୍‌ଘାଟିତ ହେବ ୪୧ଟି ନୂତନ ଏକାଡେମୀ



କଟକ, ୨୬।୨(ସମିସ): ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁ ବାରବାଟୀ ଷ୍ଟାଡିୟମ ନୂଆ ରୂପ ନେବ। ଭାରତୀୟ ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ), ରାଜ୍ୟ ସରକାର ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନର ମିଳିତ ଉଦ୍ୟମରେ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହେବ। ମଙ୍ଗଳବାର ଅପରାହ୍ନରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଯୋଗ ଦେଇ ନୂତନ ବାରବାଟୀ ଷ୍ଟାଡିୟମ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ଅବସରରେ ଓସିଏ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୩୦ଜିଲ୍ଲାର ମୋଟ ୪୧ଟି କ୍ରିକେଟ ଏକାଡେମୀ ମଧ୍ୟ ଉଦ୍‌ଘାଟିତ ହେବ। ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ସଞ୍ଜୟ ବେହେରା ଯୋଗ ଦେଇ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସମସ୍ତ ସୂଚନା ଦେଇଛନ୍ତି। ୪୧ଟି ଯାକ କ୍ରିକେଟ ଏକାଡେମୀରେ ଅଭିଜ୍ଞ କ୍ୟୁରେଟର ଓ କୋଚ୍ ନିଯୁକ୍ତ କରାଯାଇଛି। ପ୍ରତ୍ୟେକ ଏକାଡେମୀରେ ଟର୍ଫ ୱିକେଟ, ନେଟ୍ କେଜେସ୍, ଇଭି ରୋଲର୍, ପିଚ୍ ଗ୍ରାସ କଟର, ବୋଲିଂ ମେସିନ, ପ୍ରାକ୍ଟିସ କିଟ୍‌ସ, ଟ୍ରେନିଂ କିଟସ ସମେତ ଅନ୍ୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଓସିଏ ପକ୍ଷରୁ ଯୋଗାଇ ଦିଆଯାଇଛି ବୋଲି ସମ୍ମିଳନୀରେ କୁହାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଷ୍ଟାଡିୟମ ପରିସରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର ଭିନୀଲକ୍ରିଷ୍ଣା, ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଅଧ୍ୟକ୍ଷ ଅରୁଣ ସିଂହ ଧୂମାଲ, ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ଓଡ଼ିଶା ହାଇକୋର୍ଟର ଆଡଭୋକେଟ ଜେନେରାଲ ଅଶୋକ ପରିଜା, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ଏତଦବ୍ୟତୀତ ପୂର୍ବତନ ଅନ୍ତର୍ଜାତୀୟ ତାରକା କ୍ରିକେଟର ଇର୍ଫାନ ପଠାନ୍, ପ୍ରଜ୍ଞାନ ଓଝାଙ୍କ ସମେତ ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ସଞ୍ଜୟ ରାଉଳ, ସ୍ୱାଗତିକା ରଥ, ରସନାରା ପରୱିନ, ମାଧୁରୀ ମେହେଟା ମଧ୍ୟ ସ୍ୱତନ୍ତ୍ର ଅତିଥି ଭାବେ ସାମିଲ ହେବେ। ଏହି ଅବସରରେ ରାଜ୍ୟ ତିନି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, ଶ୍ରଦ୍ଧାନନ୍ଦ ଦାସ ଏବଂ ଅଧୀପ ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବ। ବଲିଉଡ କଣ୍ଠଶିଳ୍ପୀ ନେହା କକରଙ୍କ ଦ୍ୱାରା ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମ୍ମିଳନୀରେ ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ।

## 'ଆଉ ଆନ୍ଧ୍ର ପାଇଁ କେବେ ଖେଳିବି ନାହିଁ'

ଇନ୍ଦୋର, ୨୬।୨ (ଏଜେନ୍ସି)

ଚଳିତ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ମଧ୍ୟ ପ୍ରଦେଶ ନିକଟରୁ ୪ ରନରେ ହାରି ଆନ୍ଧ୍ର ପ୍ରଦେଶ ଦଳ ପ୍ରତିଯୋଗିତାରୁ ବାହାରିଯାଇଛି। ଆନ୍ଧ୍ର ପ୍ରଦେଶ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବା ପରେ ଦଳରେ ଏକ ହାଇଡ୍ରାମା ଦେଖିବାକୁ ମିଳିଛି। ଅଭିଜ୍ଞ ବ୍ୟାଟର୍ ହନୁମା ବିହାରୀ ରାଜ୍ୟ ସଂଘ ଉପରେ ନିଜର କ୍ଷୋଭ



ହନୁମା ବିହାରୀ

ପ୍ରକାଶ କରି ଆଉ କେବେ ମଧ୍ୟ ଆନ୍ଧ୍ର ପ୍ରଦେଶ ପକ୍ଷରୁ ଖେଳିବେ ନାହିଁ ବୋଲି କହିଛନ୍ତି। ଭାରତ ପାଇଁ ୧୬ ଟେଷ୍ଟ ମ୍ୟାଚ୍ ଖେଳିସାରିଥିବା ହନୁମା ବିହାରୀ ଚଳିତ ରଣଜୀ ଟ୍ରଫି ଆରମ୍ଭରୁ ବେଙ୍ଗଲ ବିପକ୍ଷ ପ୍ରଥମ ମ୍ୟାଚରେ ଅଧିନାୟକ ରହିଥିଲେ। କିନ୍ତୁ ଏହି ମ୍ୟାଚ୍ ଅବସରରେ ସେ ଦଳର ଅତିରିକ୍ତ ୱିକେଟରକ୍ଷକ ପୃଥ୍ୱୀ ରାଜଙ୍କ ଉପରେ ବିରକ୍ତି ପ୍ରକାଶ କରି ବଡ଼ ପାଟିରେ ଗାଳି କରିଥିଲେ। ରାଜଙ୍କ ପିତା ଜଣେ ପ୍ରଭାବଶାଳୀ ରାଜନେତା ହୋଇଥିବାରୁ ପରବର୍ତ୍ତୀ ସମୟରେ ହନୁମାଙ୍କୁ ନେତୃତ୍ୱରୁ ହଟାଇ ଦିଆଯାଇଥିଲା।

ସୋମବାର ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଉଲ୍ଲେଖ କରି ୩୦ ବର୍ଷୀୟ ହନୁମା କହିଛନ୍ତି, 'ଆମେ ଶେଷ ପର୍ଯ୍ୟନ୍ତ କଡ଼ା ସଂଘର୍ଷ କରିଥିଲୁ। ଆନ୍ଧ୍ର ସହ ପୁଣି ଏକ କ୍ୱାର୍ଟରଫାଇନାଲ ହାରି ନିରାଶ ହୋଇଛି। କିନ୍ତୁ ଏଠାରେ ମୁଁ କିଛି ଅନାଲୋଚିତ ତଥ୍ୟ ସାମ୍ନାରେ ରଖିବାକୁ ଚାହୁଁଛି। ବେଙ୍ଗଲ ବିପକ୍ଷ ପ୍ରଥମ ମ୍ୟାଚରେ ମୁଁ ଅଧିନାୟକ ଥିଲି। ଏହି ମ୍ୟାଚରେ ୧୭ତମ ଖେଳାଳି (ପୃଥ୍ୱୀ ରାଜ)ଙ୍କ ଉପରେ ବଡ଼ ପାଟିରେ ଗାଳି କରିଥିଲି। ସେହି ଖେଳାଳିଙ୍କ ପିତା ଜଣେ ପ୍ରଭାବଶାଳୀ ରାଜନେତା ଥିବାରୁ ତାଙ୍କ ଚାପରେ ମୋର କୌଣସି ଭୁଲ ନଥାଇ ନେତୃତ୍ୱ ହରାଇବାକୁ ପଡ଼ିଥିଲା। ହନୁମା ଆହୁରି ମଧ୍ୟ କହିଛନ୍ତି, 'ବ୍ୟକ୍ତିଗତ ଭାବେ ସେହି ଖେଳାଳିଙ୍କୁ କିଛି କହି ନ ଥିଲି। ଗତବର୍ଷ ଆହତ ସତ୍ତ୍ୱେ ବାମହାତରେ ବ୍ୟାଟିଂ କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲି। ଏପରିକି ଗତ ୭ ବର୍ଷ ମଧ୍ୟରେ ଦଳକୁ ୫ଥର ରଣଜୀ ଟ୍ରଫି ନକ୍‌ଆଉଟ୍‌କୁ ନେଇଛି। ଏହାସତ୍ତ୍ୱେ ରାଜ୍ୟ କ୍ରିକେଟ୍ ସଂଘ ଭାବିଥିଲା ଯେ ସେହି ଖେଳାଳି (ରାଜ) ଜଣଙ୍କ ତାଙ୍କଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ। ମୋତେ ଅପମାନିତ କରାଯାଇଥିଲେ ମଧ୍ୟ ଏହି ସିଜନରେ ଖେଳ ଜାରି ରଖିବା ଏକମାତ୍ର କାରଣ ଥିଲା ମୁଁ ଖେଳ ଓ ମୋ ଟିମ୍‌କୁ ସମ୍ମାନ ଦେଉଥିଲି। ବର୍ତ୍ତମାନ ମୁଁ ନିଷ୍ପତ୍ତି ନେଇସାରିଛି ଯେଉଁଠାରେ ଆତ୍ମ ସମ୍ମାନ ହରାଇସାରିଛି ସେଠାରେ ଆଉ କେବେ ମଧ୍ୟ ଖେଳିବି ନାହିଁ। ତେବେ ହନୁମାଙ୍କ ଏହି ଅଭିଯୋଗକୁ ପୃଥ୍ୱୀ ରାଜ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି।

**ରଣଜୀ ଟ୍ରଫି**

# ଆନ୍ଧ୍ରକୁ ହରାଇ ସେମିରେ ମଧ୍ୟପ୍ରଦେଶ



ଇନ୍ଦୋର, ୨୬।୨ (ଏଜେନ୍ସି)

ସ୍ଥାନୀୟ ହୋଲ୍‌କର କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଖେଳାଯାଇଥିବା ଚଳିତ ରଣଜୀ ଟ୍ରଫିର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଛି। ୧୭୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଆନ୍ଧ୍ର ପ୍ରଦେଶ ସୋମବାର ୪ର୍ଥ ଦିବସରେ ୧୬୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ମଧ୍ୟ ପ୍ରଦେଶ ୪ ରନରେ ରୋମାଞ୍ଚକ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ମୋଟ୍ ୯ ୱିକେଟ୍ ନେଇଥିବା ବିଜୟୀ ଦଳର ଅନୁଭବ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ମଧ୍ୟପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୧୭୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ରବିବାର ୩ୟ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୪ ୱିକେଟ୍ ହରାଇ ୯୫ ରନ କରିଥିଲା। ସୋମବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଆନ୍ଧ୍ର ବିଜୟ ଲାଗି ଆବଶ୍ୟକ ବଳକା ୭୫ ରନକୁ ସହଜରେ ହାସଲ କରିନେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ପୂର୍ବଦିନର ଅପରାଜିତ ଅଭିଜ୍ଞ ବ୍ୟାଟର୍ ହନୁମା ବିହାରୀ (୫୫) ଓ କିରଦାନ୍ତ କରଣ ସିନ୍ଧେ (୧୪)ଙ୍କୁ ୩ ଓଭର ମଧ୍ୟରେ ଆଉଟ୍ କରି ଅନୁଭବ ଅଗ୍ରୱାଲ ଘରୋଇ ଦଳକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ପରବର୍ତ୍ତୀ ବ୍ୟାଟର୍ ସୋଏବ ଖାନ ମଧ୍ୟ ଖାତା ଖୋଲିବା ପୂର୍ବରୁ ଅନୁଭବଙ୍କ ଶିକାର ବନିଥିଲେ। ଫଳରେ ଆନ୍ଧ୍ର ୧୧୮ ରନରେ ୭ ୱିକେଟ୍ ହରାଇ ସାଂଘାତିକ ସଙ୍କଟ ମଧ୍ୟକୁ ଚାଲିଯାଇଥିଲା। ଶେଷ ଭାଗରେ ଅଶ୍ୱିନ ହେବର୍ ୨୨ ରନ କରି କିଛିଟା ଲଢ଼େଇ କରିଥିଲେ ମଧ୍ୟ ଦଳ ବିଜୟଠାରୁ ୫ ରନ ଦୂରରେ ରହି ୧୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନୁଭବ ସର୍ବାଧିକ ୬ ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ଦଳ ଭାବେ ତାମିଲନାଡୁ ଏକ ପାଳି ଓ ୩୩ ରନରେ ସୌରାଷ୍ଟ୍ରକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଥିଲା।

**ସଂକ୍ଷିପ୍ତ ସ୍କୋର**

ମଧ୍ୟ ପ୍ରଦେଶ ପ୍ରଥମ ପାଳି: ୨୩୪/୧୦
ଆନ୍ଧ୍ର ପ୍ରଦେଶ ପ୍ରଥମ ପାଳି: ୧୭୨/୧୦
ମଧ୍ୟ ପ୍ରଦେଶ ୨ୟ ପାଳି: ୧୦୭/୧୦
ଆନ୍ଧ୍ର ପ୍ରଦେଶ ୨ୟ ପାଳି: ୧୬୫/୧୦

### ଶେଷ ଦିନରେ କର୍ଣ୍ଣାଟକ ସାମ୍ନାରେ ୨୬୮ ରନ ଲକ୍ଷ୍ୟ

ଅପରପକ୍ଷରେ ନାଗପୁରରେ ଚାଲିଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଘରୋଇ ବିଦର୍ଭ ୩୭୧ ରନର ଲକ୍ଷ୍ୟ କର୍ଣ୍ଣାଟକ ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରି ଭ୍ରମଣକାରୀ କର୍ଣ୍ଣାଟକ ସୋମବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ୨୬ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୦୩ ରନ କରିଛି। ଅଧିନାୟକ ମୟଙ୍କ ଅଗ୍ରୱାଲ ୬୧ ଓ କେଭି ଅନିଷ ୧ ରନ କରି ଅପରାଜିତ ରହିଛନ୍ତି। ଓପନର୍ ରବିକୁମାର ସମର୍ଥ ୪୦ ରନ କରି ଅପରାଜିତ ରହିଛନ୍ତି। ମଙ୍ଗଳବାର ଶେଷ ଦିନରେ କର୍ଣ୍ଣାଟକ ସାମ୍ନାରେ ୨୬୮ ରନ ଓ ବିଦର୍ଭ ସମ୍ମୁଖରେ ୯ ୱିକେଟ୍ ବିଜୟ ଲକ୍ଷ୍ୟ ରହିଛି। ସେହିଭଳି ଘରୋଇ ମୁମ୍ବାଇ ଓ ବରୋଦା ମଧ୍ୟରେ ଚାଲିଥିବା ୨ୟ କ୍ୱାର୍ଟର ଫାଇନାଲ ଡ୍ର ଅଭିମୁଖେ ଅଗ୍ରସର ହୋଇଛି। ମୁସିର ଖାନ (୨୦୩)ଙ୍କ ଦ୍ୱିଶତକ ବଳରେ ମୁମ୍ବାଇ ପ୍ରଥମ ପାଳିରେ ୩୮୪ ରନ ଜବାବରେ ବରୋଦା ୩୪୮ ରନ କରିଥିଲା। ଏହାପରେ ୩୬ ରନରେ ଅଗ୍ରଣୀ ଥାଇ ୨ୟ ପାଳି ଆରମ୍ଭ କରିଥିବା ମୁମ୍ବାଇ ୪ର୍ଥ ଦିବସ ଶେଷ ସୁଦ୍ଧା ୯ ୱିକେଟ୍‌ରେ ୩୭୯ ରନ କରିଛି। ଫଳରେ ଦଳ ଏବେ ୪୧୫ ରନରେ ଅଗ୍ରଣୀ ରହିଛି।

# ଟେନିସ୍‌ରେ କିଟ୍‌କୁ ସ୍ୱର୍ଣ୍ଣିମ ସଫଳତା



ଭୁବନେଶ୍ୱର, ୨୬।୨ (ସମିସ): ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ମିଳିତ ଆନୁକୂଲ୍ୟରେ ଆସାମରେ ଚାଲିଥିବା ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ପୁରୁଷ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛି। ସୋମବାର ଅନୁଷ୍ଠିତ ଫାଇନାଲରେ କିଟ୍ ପୁରୁଷ ଟେନିସ ଦଳ ୨:୧ରେ ଚେନ୍ନଇର ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏଥିସହ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ କିଟ୍ ଏହି ସମ୍ମାନଜନକ ପ୍ରତିଯୋଗିତାର ଟେନିସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଫାଇନାଲ ପଥରେ କିଟ୍ ୩-୦ରେ ଚୌଧୁରୀ ଚରଣ ସିଂହ ବିଶ୍ୱବିଦ୍ୟାଳୟକୁ, ୩-୦ରେ ଶିବାଜୀ ବିଶ୍ୱବିଦ୍ୟାଳୟକୁ, ୨-୧ରେ କୋଏମ୍ବାଟୁରସ୍ଥିତ ଭାରତୀୟର ବିଶ୍ୱବିଦ୍ୟାଳୟକୁ ଏବଂ ୨-୧ରେ ସାବିତ୍ରୀ ବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। କିଟ୍ ଦଳର କବୀର ହଂସ ପ୍ରତିଯୋଗିତାରେ ଖେଳିଥିବା ସମସ୍ତ ୧୫ଟି ମ୍ୟାଚ୍ (୧୦ ଏକକ ଓ ୫ ଯୁଗଳ)ରେ ବିଜୟୀ ହୋଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସ୍ୱର୍ଣ୍ଣ ବିଜୟୀ କିଟ୍ ଦଳର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଅଥର୍ବ ଶର୍ମା, ଅଂଶୁମାନ ସିଂ, ଆଶିଷ କୁମାର ପରିଡ଼ା ଓ ପ୍ରତ୍ୟୁଷ ମହାନ୍ତି ରହିଛନ୍ତି। ସମସ୍ତ ଖେଳାଳି ବର୍ତ୍ତମାନ କିଟ୍-ଆଲେକ୍ସଜାଣ୍ଡର ୱାସ୍କେ-ଅଲଟେଭୋଲ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

# ମହିଳା ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬।୨ (ସମିସ): ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସୋମବାର ଓଡ଼ିଶାକୁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଭେଟି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଦେଇଛି। ମହିଳା ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଫାଇନାଲରେ ୫-୩ (୧-୧) ଗୋଲ୍ ସୁଟ୍‌ଆଉଟ୍‌ରେ ଆଇଟିଏମ୍ ବିଶ୍ୱବିଦ୍ୟାଳୟ (ଗ୍ୱାଲିଅର୍)କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଗୌହାଟୀରେ ସୋମବାର ଖେଳାଯାଇଥିବା ମହିଳା ହକି ଫାଇନାଲ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳର ମୁକାବିଲା ଆଇଟିଏମ୍ ବିଶ୍ୱବିଦ୍ୟାଳୟ ସହ ହୋଇଥିଲା। ମ୍ୟାଚର ୨ୟ ମିନିଟ୍‌ରେ ଆତେନ ଟପ୍ପୋ ଏକ ଫିଲ୍ଡ ଗୋଲ୍ ଦେଇ ସମ୍ବଲପୁରକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାର ୭ ମିନିଟ୍ ପରେ ପ୍ରିୟଙ୍କା ଯାଦବ ଆଇଟିଏମ୍ ପାଇଁ ଏହି ଗୋଲ୍‌ଟି ଶୁଝି ୧-୧ର ବରାବର୍‌ସ୍ଥିତିକୁ ଆଣିଥିଲେ। ପରବର୍ତ୍ତୀ ୩ଟି କ୍ୱାର୍ଟରରେ ଆଉ କୌଣସି ଗୋଲ୍ ହୋଇ ନ ପାରିବାରୁ ଫଳାଫଳ ପାଇଁ ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ସମ୍ବଲପୁର ମହିଳା ହକି ଦଳ ୫-୩ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ସୁଟ୍ ଆଉଟ୍‌ରେ ବିଜୟୀ ସମ୍ବଲପୁର ପକ୍ଷରୁ ମନୀଷା ଓରାମ, ନେହା ଲାକ୍ରା, ଫେଲିସିଆ ଟପ୍ପୋ, ସୁଜାତା କୁଜୁର ଓ ନୀତୁ ଲାକ୍ରା ଗୋଲ୍‌ସ୍କୋର କରିଥିଲେ।



# ଘରୋଇ ମାଟିରେ ଭାରତର ରେକର୍ଡ ୧୭ତମ ସିରିଜ ବିଜୟ

ରାଞ୍ଚି, ୨୬।୨(ଏଜେନ୍ସି)

ଏଠାରେ ଇଂଲଣ୍ଡ ସହ ଅନୁଷ୍ଠିତ ଚତୁର୍ଥ ଟେଷ୍ଟର ଚତୁର୍ଥ ଦିନରେ ଭାରତ ୫ ୱିକେଟରେ ବିଜୟୀ ହୋଇଛି। ଏହା ଫଳରେ ଭାରତ ଘରୋଇ ମାଟିରେ କ୍ରମାଗତ ରେକର୍ଡ ୧୭ଥର ଲାଗି ଟେଷ୍ଟ ସିରିଜ୍ ଜିତିଛି। ୨୦୧୨-୧୩ରେ ଇଂଲଣ୍ଡ ଆଲିଷ୍ଟର କୁକ୍‌ଙ୍କ ନେତୃତ୍ୱରେ ଭାରତକୁ ଶେଷଥର ଘରୋଇ ମାଟିରେ ହରାଇଥିଲା। ଏହା ପରେ ୨୦୧୩ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଘରୋଇ ମାଟିରେ ଭାରତର ଟେଷ୍ଟ ସିରିଜ୍ ବିଜୟ ଧାରା ଆରମ୍ଭ ହୋଇଥିଲା। ଏହି ସିରିଜ୍‌ଠାରୁ ଆରମ୍ଭ କରି ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ଶେଷ ହେବା ଯାଏ ଭାରତ ଘରୋଇ ମାଟିରେ ଗୋଟିଏ ହେଲେ ଟେଷ୍ଟ ସିରିଜ୍ ହାରିନାହିଁ। ଏହା ଫଳରେ ଘରୋଇ ମାଟିରେ ଭାରତ ଗତ ୧୧ ବର୍ଷ ହେଲା ଟେଷ୍ଟ ସିରିଜ୍ ହାରିନାହିଁ।

ସେହିପରି ଘରୋଇ ମାଟିରେ ଭାରତ ୩୩ଟି ଟେଷ୍ଟରେ ୨୦୦ କିମ୍ବା ତା'ଠାରୁ କମ୍ ରନ୍ ଚେଜ୍ କରି ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି।

ଏହି ଟେଷ୍ଟରେ ଭାରତ ପ୍ରଥମ ପାଳିରେ ୪୬ ରନ୍‌ରେ ପଛୁଆ ରହିଥିଲା। କିନ୍ତୁ ପ୍ରଥମ ପାଳି ପଛୁଆ ରହିବା ସତ୍ତ୍ୱେ ଦଳ ବିଜୟୀ ହୋଇଥିଲା। ପ୍ରଥମପାଳିରେ ପଛୁଆ ରହି ମ୍ୟାଚ୍ ଜିତିବାରେ ଭାରତ ଲାଗି ଏହା ସପ୍ତମ ଅବସର।

ଟେଷ୍ଟ କ୍ୟାରିୟରର ପ୍ରଥମ ୮ଟି ଟେଷ୍ଟରୁ ଯଶସ୍ୱୀ ଜୟସ୍ୱାଲ ୯୭୧ ରନ୍ ସଂଗ୍ରହ କରିସାରିଛନ୍ତି। ଏହା ଫଳରେ ସେ ସୁନୀଲ ଗାଭାସ୍କରଙ୍କ ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ଗାଭାସ୍କର ତାଙ୍କ ପ୍ରଥମ ୮ଟି ଟେଷ୍ଟରେ ୯୩୮ ଓ ବିଶ୍ୱରେ ସର୍ବାଧିକ ରନ ସଂଗ୍ରହ କରିଥିବା ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ ୧୨୧୦ ରନ୍ କରିଥିଲେ।

ଅମ୍ପାୟାରଙ୍କ କଲ୍ ଯୋଗୁଁ ଏହି ଟେଷ୍ଟରେ ୮ଥର ଡିଆର୍‌ଏସ୍ ନାକଚ ହୋଇଯାଇଛି। ଏହା ମଧ୍ୟରୁ ଭାରତ ୬ଥର ଓ ଇଂଲଣ୍ଡ ଦୁଇଥର ରିଭ୍ୟୁ ନେଇଥିଲା। ଭାରତ ପ୍ରଥମ ପାଳିରେ ଅମ୍ପାୟାରଙ୍କ କଲ ଯୋଗୁ ଭାରତର ୪ ଥର ରିଭ୍ୟୁ ନାକଚ ହୋଇଯାଇଥିଲା।

## ଭାରତ ଜୁରେଲଙ୍କ ଭଳି ଏକ ରତ୍ନ ପାଇଛି: ମୁଡି

ନୂଆଦିଲ୍ଲୀ, ୨୬।୨(ଏଜେନ୍ସି)



ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ଉତ୍ତରପ୍ରଦେଶର ଯୁବ ୱିକେଟ ରକ୍ଷକ ଧ୍ରୁବ ଜୁରେଲଙ୍କୁ ସବୁଆଡୁ ପ୍ରଶଂସା କରାଯାଇଛି। ସେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ପଦାର୍ପଣ କରି ବ୍ୟାଟିଂ କରିଥିବା ଗୋଟିଏ ପାଳିରେ ୪୬ ରନ୍ କରିଥିଲେ। ତାଙ୍କର ଦ୍ୱିତୀୟ ତଥା ସିରିଜର ଚତୁର୍ଥ ଟେଷ୍ଟରେ ଭାରତର ପ୍ରଥମ ପାଳିରେ ୯୦ ଓ ଦ୍ୱିତୀୟ ପାଳିରେ ଅପରାଜିତ ୩୯ ରନ୍ କରି ଦଳକୁ ଉତ୍ତେଜନାପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ କ୍ୟାରିୟରର ଆରମ୍ଭରେ ଏଭଳି ଖେଳିବା ଖୁବ୍ କମ୍ ଖେଳାଳିଙ୍କ ପକ୍ଷେ ସମ୍ଭବ ହୋଇଥାଏ। ରଜତ ପଟିଦାର ସ୍ପେଶାଲିଷ୍ଟ ବ୍ୟାଟର ହୋଇ ୬ଟି ପାଳିରେ ମାତ୍ର ଥରେ ୩୦ରୁ ଅଧିକ ସ୍କୋର କରିଛନ୍ତି। କିନ୍ତୁ ଜୁରେଲ ଭାରତକୁ ବିପଦରୁ ରକ୍ଷା କରିବା ସହ ମ୍ୟାଚ୍ ବିଜୟୀ ପାଳି ଖେଳିଛନ୍ତି। ତାଙ୍କ ୱିକେଟକିପିଂ ମଧ୍ୟ ଉଚ୍ଚକୋଟୀର ହୋଇଛି। ଏହା ଫଳରେ ୱିକେଟକିପରଙ୍କ ନେଇ ଯେଉଁ ସମସ୍ୟା ରହିଥିଲା ତାହା ଜୁରେଲଙ୍କ ଆବିର୍ଭାବ ପରେ ଏକପ୍ରକାର ସମାଧାନ ହୋଇଯାଇଛି। ତାଙ୍କର ଏହି ପ୍ରଦର୍ଶନ ଲାଗି ଭାରତ ଏକ ମଣି ପାଇଛି ବୋଲି ବିଶିଷ୍ଟ ପ୍ରଶିକ୍ଷକ ତଥା ଅଷ୍ଟ୍ରେଲିଆର ପ୍ରାକ୍ତନ ଅଲରାଉଣ୍ଡର ଟମ୍ ମୁଡି କହିଛନ୍ତି।

ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍‌ଙ୍କ ମତରେ ଏହି ଟେଷ୍ଟରେ ଭାରତ ୫ ଜଣ ବିଶ୍ୱଶ୍ରେଣୀୟ ଖେଳାଳିଙ୍କୁ ହରାଇଛି। ଟସ୍ ହାରିଛି ଓ ପ୍ରଥମ ପାଳିରେ ପଛୁଆ ମଧ୍ୟ ରହିଛି। ଏହା ସତ୍ତ୍ୱେ ଏକାଧିକ ପ୍ରତିଭାବାନ ଯୁବ ଖେଳାଳିଙ୍କୁ ଭାରତ ଏହି ମ୍ୟାଚ୍ ଜିତିବା ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ସଫଳତା। ଯେଉଁ ଯୁବ ଖେଳାଳିମାନେ ଏଠାରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଛନ୍ତି ସେମାନେ ଦୀର୍ଘଦିନ ଭାରତ ଲାଗି ଖେଳିବେ ବୋଲି ଭନ୍ ଭବିଷ୍ୟବାଣୀ କରିଛନ୍ତି। ଅନେକ ଯୁବ ଖେଳାଳି ଟେଷ୍ଟରେ ସଫଳ ହେବା ଭାରତ ଲାଗି ଏକ ନୂଆ ଆଶା ସୃଷ୍ଟି କରିଛି। ଏହା ନିଶ୍ଚିତ ଭାବେ ଚମତ୍କାର ଘଟଣା ବୋଲି ୱାସିମ ଜାଫର କହିଛନ୍ତି।

## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

ଇଂଲଣ୍ଡ ବିପକ୍ଷରେ ହ୍ୟାଟ୍ରିକ୍ ଟେଷ୍ଟ ବିଜୟ ପରେ ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ମାନ୍ୟତାରେ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ରାଞ୍ଚିରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ଭାରତ ୫ ୱିକେଟରେ ବିଜୟୀ ହୋଇଛି। ଏହା ଫଳରେ ଭାରତର ବିଜୟ ହାର ୫୯.୫୨କୁ ଅତିକ୍ରମ କରି ୬୪.୫୮ରେ ପହଞ୍ଚିଛି। ୭୫ ଶତକଡ଼ା ବିଜୟ ହାର ସହ ନ୍ୟୁଜିଲାଣ୍ଡ ପୂର୍ବପରି ପ୍ରଥମ ସ୍ଥାନରେ ରହିଛି। କିନ୍ତୁ ଭାରତ ସହ ତୃତୀୟ ଓ ଚତୁର୍ଥ ସ୍ଥାନରେ ଥିବା ଦଳ ମଧ୍ୟରେ ବ୍ୟବଧାନ ବୃଦ୍ଧି ପାଇଛି। ତୃତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ବିଜୟ ହାର ୫୫ ଓ ଚତୁର୍ଥ ସ୍ଥାନରେ ଥିବା ବାଂଲାଦେଶର ୫୦ ଶତକଡ଼ା ବିଜୟ ହାର ରହିଛି। ଇଂଲଣ୍ଡ ୮ମ ସ୍ଥାନରେ ରହିଛି। ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ସାଇକଲରେ ଭାରତ ରାଞ୍ଚି ଟେଷ୍ଟକୁ ମିଶାଇ ୮ମ ମ୍ୟାଚ୍ ଖେଳିଛି। ଏହା ମଧ୍ୟରୁ ଦଳ ୫ଟି ଜିତିଥିଲାବେଳେ ୨ଟି ଡ୍ର ରଖି ଗୋଟିକରେ ପରାଜିତ ହୋଇଛି। ଟେଷ୍ଟ ଚାମ୍ପିଅନସିପ ସାଇକଲରେ ଗୋଟିଏ ବିଜୟ ଲାଗି ୧୨ ପଏଣ୍ଟ, ଟାଇ ଲାଗି ୬ ଓ ଡ୍ର ଲାଗି ୪ ପଏଣ୍ଟ ମିଳିଥାଏ।

# ଭାରତକୁ ସିରିଜ୍ ଜିତାଇଲେ ଗିଲ୍-ଜୁରେଲ

ରାଞ୍ଚି, ୨୬।୨(ଏଜେନ୍ସି)

- ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ୫ ୱିକେଟରେ ପରାସ୍ତ
- ୫ ମ୍ୟାଚ୍ ଟେଷ୍ଟ ସିରିଜ୍‌ରେ ଭାରତ ୩-୧ରେ ଆଗୁଆ
- ଘରୋଇ ମାଟିରେ ଭାରତର କ୍ରମାଗତ ୧୭ତମ ସିରିଜ୍ ବିଜୟ
- ଧ୍ରୁବ ଜୁରେଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ
- ଧର୍ମଶାଳାରେ ମାର୍ଚ୍ଚ ୭ରୁ ପଞ୍ଚମ ତଥା ଶେଷ ଟେଷ୍ଟ

ଶୁବମାନ ଗିଲ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ଅବିଭକ୍ତ ଭାଗୀଦାରି ବଳରେ ଏଠାରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟରେ ଭାରତ ୫ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୩-୧ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ କବ୍‌ଜା କରିଛି। ଚତୁର୍ଥ ଟେଷ୍ଟ ଜିତିବାକୁ ଭ୍ରମଣକାରୀ ଇଂଲଣ୍ଡ ଘରୋଇ ଭାରତ ଆଗରେ ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହାକୁ ପିଛା କରି ଭାରତ ସଂଘର୍ଷ କରିବା ସହ ୫ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ଗିଲ ଓ ଜୁରେଲ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରୁ ୧୩୬ ବଲ୍‌ରେ ୭୨ ରନ୍ ଉଠାଇ ଭାରତକୁ ଏହି ଉତ୍କଣ୍ଠାପୂର୍ଣ୍ଣ ବିଜୟ ଭେଟିଦେଇଥିଲେ। ଗିଲ୍ ୫୨ ଓ ଜୁରେଲ ୩୯ ରନ୍‌ରେ ଅପରାଜିତ ରହିଥିଲେ। ଚତୁର୍ଥ ଟେଷ୍ଟରେ ଭାରତର ପ୍ରଥମ ପାଳିରେ ୯୦ ଓ ଦ୍ୱିତୀୟ ପାଳିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟାଟିଂ କରିଥିବା ଯୁବ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ର ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ମାର୍ଚ୍ଚ ୭ରୁ ଖେଳାଯିବ। ରାଞ୍ଚିରେ ଇଂଲଣ୍ଡ ହାରିଯିବା ଫଳରେ ଘରୋଇ ମାଟିରେ ଭାରତର କ୍ରମାଗତ ୧୭ତମ ଟେଷ୍ଟ ସିରିଜ୍ ବିଜୟୀ ହୋଇଛି। ୧୧ ବର୍ଷ ତଳେ ଶେଷଥର ଭାରତ ଆଲିଷ୍ଟର କୁକ୍‌ଙ୍କ ଇଂଲଣ୍ଡ ନିକଟରୁ ଟେଷ୍ଟ ସିରିଜ୍ ହାରିଥିଲା। ଅନ୍ୟପକ୍ଷରେ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଯୋଡି ହେବା ପରେ ଇଂଲଣ୍ଡ ୮ମ ଟେଷ୍ଟ ସିରିଜ୍ ଖେଳି ପ୍ରଥମପରାଜୟ ବରଣ କରିଛି। ଏହା ପୂର୍ବରୁ ଭ୍ରମଣକାରୀ ଦଳ ୪ଟି ସିରିଜ୍ ଜିତିଥିଲାବେଳେ ୩ଟି ଡ୍ର ରଖିଥିଲା।



## ଉତ୍କଣ୍ଠା ଓ ରୋମାଞ୍ଚକ ମୁକାବିଲା

ଏହି ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରଥମ ପାଳିରେ ୩୫୩ ରନ୍ କରିବା ପରେ ଭାରତକୁ ୩୦୭ ରନ୍‌ରେ ସୀମିତ ରଖିଥିଲା। କିନ୍ତୁ ରବିଚନ୍ଦ୍ରନ ଅଶ୍ୱିନ ୫ଟି ଓ କୁଲଦୀପ ଯାଦବ ୪ ୱିକେଟ ନେବା ଫଳରେ ଇଂଲଣ୍ଡର ଦ୍ୱିତୀୟ ପାଳି ୧୪୫ରେ ଶେଷ ହୋଇଯାଇଥିଲା। ପ୍ରଥମ ପାଳିରେ ୪୬ ରନ୍ ଅଗ୍ରଣୀକୁ ମିଶାଇ ଭ୍ରମଣକାରୀ ଇଂଲଣ୍ଡ ଘରୋଇ ଭାରତ ଆଗରେ ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ରବିବାର ମ୍ୟାଚ୍‌ର ତୃତୀୟ ଦିନ ଭାରତ ଦ୍ୱିତୀୟ ପାଳିରେ କୌଣସି ୱିକେଟ ନ ହରାଇ ୪୦ ରନ୍ କରିଥିଲା। ସୋମବାର ସକାଳେ ଏହିଠାରୁ ଖେଳ ଆରମ୍ଭ କରି ଭାରତ ୮ ଓଭରରେ ଆଉ ୪୦ ରନ୍ ଯୋଗ କରିଥିଲା। କିନ୍ତୁ ଘରୋଇ ଦଳ ବିନା ୱିକେଟରେ ୮୪ ରନ୍ କରିଥିଲାବେଳେ ପ୍ରଥମଥର ବୋଲିଂ କରିବାକୁ ଆସି ଜୋ ରୁଟ୍ ଭାରତର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଆଉଟ କରି ଏହି ଯୋଡ଼ି ଭାଙ୍ଗିଦେଇଥିଲେ। ତାଙ୍କୁ ଆଉଟ କରିବାକୁ ୪୨ ବର୍ଷୀୟ ଜେମ୍ସ ଆଣ୍ଡରସନ ୨୨ ବର୍ଷୀୟ ଯୁବକ ଭଳି ଡାଇଭ୍ କରି କ୍ୟାଚ୍ ନେଇଥିଲେ। ଚଳିତ ସିରିଜ୍‌ରେ ଫର୍ମରେ ଥିବା ଜୟସ୍ୱାଲଙ୍କ ବ୍ୟାଟରୁ ୩୭ ରନ୍ ମିଳିଥିଲା। ପରେ ଅଧିନାୟକ ରୋହିତ ଶର୍ମା ଛକା ମାରି ଅର୍ଦ୍ଧଶତକ ପୂରଣ କରିବା ପରେ ଟମ୍ ହର୍ଟଲୀଙ୍କ ଯୋଜନାବଦ୍ଧ ଶିକାର ହୋଇଥିଲେ। ସେ ୫୫ ରନ୍ କରି ଆଉଟ ହେବାର ୭ଟି ବଲ ପରେ ରଜତ ପଟିଦାର ପୁଣିଥରେ ଫେଲ ମାରି ଡକ୍‌ରେ ଆଉଟ ହୋଇଯାଇଥିଲେ। ୧୦୦ ରନ୍‌ରେ ଭାରତ ତୃତୀୟ ୱିକେଟ ହରାଇଥିଲା। ମଧ୍ୟାହ୍ନ ଭୋଜନ ବିରତି ପରେ ଅଭିଜ୍ଞତା ଦୃଷ୍ଟିରୁ ବ୍ୟାଟିଂ କ୍ରମରେ ଆଗୁଆ ଆସିଥିବା ରବୀନ୍ଦ୍ର ଜାଡେଜା ଓ ଠିକ୍ ପର ବଲ୍‌ରେ ସର୍ଫରାଜ ଖାନ୍‌ଙ୍କୁ ଇଂଲଣ୍ଡର ଯୁବ ସ୍ପିନର ସୋଏବ ବସିରଙ୍କ ଶିକାର ବନିଥିଲେ। ଏହାର ପର ବଲ୍‌କୁ ନବାଗତ ଜୁରେଲ ଖେଳିଦେବା ଫଳରେ ବସିର ହ୍ୟାଟ୍ରିକ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଭାରତ ୧୨୦ ରନ୍‌ରେ ୫ମ ୱିକେଟ ହରାଇ ଆଶଙ୍କା ମଧ୍ୟକୁ ଚାଲିଯାଇଥିଲା।

## ଗିଲ୍-ଜୁରେଲଙ୍କ ବିଜୟୀ ଭାଗୀଦାରି

୧୨୦ ରନ୍‌ରେ ୫ ୱିକେଟ ପଡ଼ିଯିବା ପରେ ଭାରତୀୟ ଶିବିରରେ ଆତଙ୍କ ଖେଳିଯାଇଥିଲା। ଭାରତର ଶେଷ ସ୍ୱୀକୃତିପ୍ରାପ୍ତ ଦୁଇ ଯୁବ ଖେଳାଳି ଶୁବମାନ ଗିଲ୍ ଓ ଧ୍ରୁବ ଜୁରେଲଙ୍କ ଉପରେ ସମସ୍ତଙ୍କ ଆଶା ରହିଥିଲା। ଏମାନେ ମଧ୍ୟ ଦଳକୁ ନିରାଶ କରି ନ ଥିଲେ। ଏପରିକି ଏହି ଯୋଡ଼ି ଆଦୌ ରିସ୍କ ନ ନେଇ ସିଙ୍ଗଲ ଓ ଡବଲ ରନ୍ ନେବାରେ ମନୋନିବେଶ କରିଥିଲେ। ଫଳରେ ଭାରତ ୩୧ ଓଭର ମଧ୍ୟରେ ଗୋଟିଏ ହେଲେ ବାଉଣ୍ଡାରୀ ପାଇ ନ ଥିଲା। ଭାରତ ବିଜୟର ନିକଟତର ହେବା ବେଳକୁ ଗିଲ୍ ୧୧୯ଟି ବଲ ଖେଳିବା ପରେ ଅର୍ଥାତ୍ ୧୨୦ତମ ବଲ୍‌ରେ ପ୍ରଥମ ବାଉଣ୍ଡାରୀ (ଛକା) ମାରିଥିଲେ। ଏହା ପରେ ସେ ଆଉ ଏକ ଛକା କରି ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ସମୟରେ ଜୀବନର ଦ୍ୱିତୀୟ ଟେଷ୍ଟ ଓ ତୃତୀୟ ପାଳି ଖେଳୁଥିବା ଜୁରେଲ ବିଜୟ ସୂଚକ ରନ୍ ସଂଗ୍ରହ କରି ଭାରତକୁ ସଂଘର୍ଷପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ଗିଲ ୧୨୪ ବଲ୍ ଖେଳି ୨ ଛକା ସହ ୫୨ ଓ ଜୁରେଲ ୭୭ ବଲ୍ ଖେଳି ୨ ଚୌକା ସହ ୩୯ ରନ୍‌ରେ ଅପରାଜିତ ରହିଥିଲେ। ଏମାନେ ଅବିଭକ୍ତ ୬ଷ୍ଠ ୱିକେଟ ଭାଗୀଦାରିରେ ୧୩୬ଟି ବଲ୍‌ର ସମ୍ମୁଖୀନ ହୋଇ ୭୨ ରନ୍ ଉଠାଇଥିଲେ। ଇଂଲଣ୍ଡର ବସିରଙ୍କୁ ସର୍ବାଧିକ ୩ଟି ସହ ଏହି ମ୍ୟାଚ୍‌ରେ ମୋଟ ୮ଟି ୱିକେଟ ମିଳିଥିଲା। ଟମ୍ ହର୍ଟଲୀ ଓ ଜୋ ରୁଟ୍ ଅନ୍ୟ ଦୁଇଜଣଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି:** ୩୫୩ (ରୁଟ-ଅପରାଜିତ ୧୨୨, ଜାଡେଜା-୪/୬୭, ଆକାଶ ଦୀପ-୩/୮୩)।
**ଭାରତ ପ୍ରଥମ ପାଳି:** ୩୦୭ (ଜୁରେଲ-୯୦, ଜୟସ୍ୱାଲ-୭୩, ବସିର-୫/୧୧୯, ହର୍ଟଲୀ-୩/୮୮, ଆଣ୍ଡରସନ-୨/୭୮)।
**ଇଂଲଣ୍ଡ ଦ୍ୱିତୀୟ ପାଳି:** ୧୪୫ (କ୍ରାଲୀ-୬୦, ବେୟାରଷ୍ଟୋ-୩୦, ଅଶ୍ୱିନ-୫/୫୧, କୁଲଦୀପ-୪/୨୨, ଜାଡେଜା-୧/୫୬)।
**ଭାରତ ଦ୍ୱିତୀୟ ପାଳି :** ୧୯୨/୫, ୬୧ ଓଭର (ରୋହିତ-୫୫, ଗିଲ୍-୫୨*, ଜୁରେଲ-୩୯*, ଜୟସ୍ୱାଲ-୩୭, ବସିର-୩/୭୯)।

# ଦିଲ୍ଲୀ କ୍ୟାପିଟାଲ୍ସର ସହଜ ବିଜୟ



**ବେଙ୍ଗାଲୁରୁ, ୨୬।୨ (ଏଜେନ୍ସି):** ମାରିଜନ କାପ୍ ଓ ରାଧା ଯାଦବଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ସୋମବାର ଖେଳାଯାଇଥିବା ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୯ ୱିକେଟରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଚଳିତ ପ୍ରତିଯୋଗିତାରେ ଏହା ଦିଲ୍ଲୀର ପ୍ରଥମ ବିଜୟ ହୋଇଥିଲା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୟୁପିର ଦ୍ୱିତୀୟ ପରାଜୟ। ଏହି ପ୍ରତିଯୋଗିତାର ମଙ୍ଗଳବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଗୁଜରାଟ ଜାଏଣ୍ଟସ ମଧ୍ୟରେ ଖେଳାଯିବ। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଡବ୍ଲ୍ୟୁପିଏଲ୍‌ର ୪ର୍ଥ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୟୁପି ୱାରିୟର୍ଜ ୯ ୱିକେଟରେ ମାତ୍ର ୧୧୯ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଶ୍ୱେତା ସେରାୱତ ସର୍ବାଧିକ ୪୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମାରିଜାନ କାପ୍ ୪ ଓଭରରେ ଗୋଟିଏ ମେଡେନ ସହ ୫ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ପାୱାର ପ୍ଲେ'ରେ ସେ ଏହି ସଫଳତା ପାଇବା ଫଳରେ ୟୁପିର ରନ୍ ହାର କମିଯାଇଥିଲା। ରାଧା ଯାଦବ ୨୦ ରନ୍‌ରେ ୪ ୱିକେଟ ନେଇ ୟୁପିକୁ ବ୍ୟାକ୍ ଫୁଟ୍‌କୁ ଠେଲିଦେଇଥିଲେ।

ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୪.୩ ଓଭରରେ ୧ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶେଫାଳି ବର୍ମା ୪୩ ବଲ୍‌ରେ ୬ ଚୌକା ଓ ୪ଛକା ସହ ୬୪ ରନ କରି ଅପରାଜିତ ରହିଥିଲେ। ଅଧିନାୟିକା ମେଗ୍ ଲାନିଂ ୪୩ ବଲ୍‌ରେ ୫୧ ରନ୍ କରି ଆଉଟ ହୋଇଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର